
READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524




ବର୍ଷ-୫ ସଂଖ୍ୟା-୨୬ ୧୨ - ୧୮ ଜୁଲାଇ, ୨୦୨୧ ଭୁବନେଶ୍ୱର Monday Weekly VOL-5 ISSUE-26 12th - 18th JULY, 2021 BHUBANESWAR ₹ 5/- (8 Pages)

### ଦିଲ୍ଲୀ ହାଇକୋର୍ଟ କହିଲେ ୟୁନିଫର୍ମ ସିଭିଲ କୋଡ ଲାଗୁ କର

## ଯୁବପିଢ଼ିଙ୍କ ପାଇଁ ସମସ୍ୟା ଉପୁଜୁଛି


**ନୂଆଦିଲ୍ଲୀ :** ଦେଶରେ ୟୁନିଫର୍ମ ସିଭିଲ କୋଡ (ସମାନ ନାଗରିକ ସଂହିତା) ଆବଶ୍ୟକତା ରହିଛି। ଗୋଟିଏ ଦେଶ ଗୋଟିଏ ଆଇନ ହେଲେ ବିବାହ ବିଚ୍ଛେଦ ଭଳି ମାମଲାର ଶୀଘ୍ର ସମାଧାନ ହୋଇପାରିବ। ଲୋକମାନେ ଏବେ ଜାତିରୁ ଊର୍ଦ୍ଧ୍ୱରେ ରହି ନିଜର ମାନସିକତା ରଖିଲେଣି। ତେଣୁ କେନ୍ଦ୍ର ସରକାର ତୁରନ୍ତ ଏହାକୁ ନେଇ ଆଇନ ତିଆରି କରିବା ଦରକାର। ଆଧୁନିକ ଭାରତରେ ଜାତି ସମୀକରଣ ଶେଷ ହେଉଛି। ତେଣୁ ଧର୍ମ, ସମୁଦାୟ, ଜାତି ଏବଂ ପରମ୍ପରା ଯେଉଁସବୁ ବାଧକ ଥିଲା ତାହା ଏବେ ଧୀରେ ଧୀରେ ଶେଷ ହେଉଛି। ଯେହେତୁ ଲୋକଙ୍କର ମାନସିକତା ବଦଳୁଛି ତେଣୁ ନାଗରିକତା ସଂହିତା ଆଇନ ଉପରେ ସରକାର ଗୁରୁତ୍ୱ ଦେବା ଦରକାର ବୋଲି ଦିଲ୍ଲୀ ହାଇକୋର୍ଟ କହିଛନ୍ତି। ଏକ ହିନ୍ଦୁ ବିବାହ ଆଇନ୍,




୧୯୫୫କୁ ଜଡିତ ମାମଲାର ଶୁଣାଣି କରିବାକୁ ଯାଇ ଦିଲ୍ଲୀ ହାଇକୋର୍ଟର ବିଚାରପତି ଜଷ୍ଟିସ ପ୍ରତିଭା ଏମ୍ ସିଂହ ଏହା କହିଛନ୍ତି। ମିଣା ସମୁଦାୟକୁ ନେଇ ଦୁଇ ପକ୍ଷଙ୍କ ମାମଲାର ଶୁଣାଣି କରିବା ବେଳେ ଉତ୍ପନ୍ନ ହୋଇଥିବା ଅସୁବିଧାକୁ ବିଚାର କରି କୋର୍ଟ ଏହା କହିଛନ୍ତି। ଅଲଗା ଅଲଗା ସମୁଦାୟ, ଜାତି ଏବଂ ଧର୍ମ ମଧ୍ୟରେ ବିବାହ ପରେ ଯଦି ବିବାଦ ଉପୁଜେ ତାହେଲେ ବିଚାର କରିବା ବେଳେ ବିଭିନ୍ନ ପ୍ରକାର ବିବାଦ ସମସ୍ୟା ହେଉଛି ବୋଲି ➤ ପୃ-୬

## ଚିନ୍ତାଜନକ ସ୍ଥିତିରେ ଉପକୂଳ ଓଡ଼ିଶା

**ଭୁବନେଶ୍ୱର :** ଲକ୍‌ଡାଉନ ଓ ସାପ୍ତାହିକ ସଟ୍‌ଡାଉନ୍ ସତ୍ତ୍ୱେ ଓଡ଼ିଶାରେ କରୋନା ସଂକ୍ରମଣ ନିୟନ୍ତ୍ରଣକୁ ଆସୁନାହିଁ। ସଂକ୍ରମଣ ହାର ଅନୁସାରେ କାଟାଗୋରୀ-ଏ' ଓ କାଟାଗୋରୀ-ବି' ଅନୁଯାୟୀ ଯଦିଓ କଟକଣା କୋହଳ କରାଯାଇଛି ତଥାପି ବିଭିନ୍ନ ଜିଲ୍ଲାର ସଂକ୍ରମଣ ସ୍ଥିତିକୁ ବିଚାରକୁ ନେଲେ ଉପକୂଳ ଓଡ଼ିଶାରେ ସଂକ୍ରମଣହାର ଅଧିକ ରହୁଛି। ଉପକୂଳ ଓଡ଼ିଶାକୁ ବାଦ ଦେଲେ ବାଲେଶ୍ୱର, ନୂଆପଡା, ଢେଙ୍କାନାଳ ଜିଲ୍ଲାରେ ସାପ୍ତାହିକ ସଂକ୍ରମଣ ହାର ୧୦% ରହିଥିବା ନେଇ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଚିନ୍ତାପ୍ରକଟ କରିବା ସହ ଏନେଇ ନିକଟରେ ରାଜ୍ୟ ସରକାରଙ୍କୁ ଚିଠି ଲେଖିଥିଲେ। ରାଜ୍ୟର ୧୦ଟି ଜିଲ୍ଲାରେ ସଂକ୍ରମଣହାର ୫%ରୁ ଅଧିକ ଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସୂତ୍ରରୁ ଜଣାପଡିଛି। ଅନୁଗୁଳରେ ସର୍ବନିମ୍ନ ୫.୩୯ ଓ ବାଲେଶ୍ୱରରେ ୯.୦୫% ରହିଛି। କିନ୍ତୁ ପଶ୍ଚିମ ଓଡ଼ିଶାରେ ସଂକ୍ରମଣ ହାର ୧ କିମ୍ବା ଏହା ତଳକୁ ଖସିଆସିଛି। ମାତ୍ର ଉପକୂଳ ଓଡ଼ିଶାରେ ସଂକ୍ରମଣ ହ୍ରାସ ହେଉନାହିଁ। କେଉଁଦିନ ସାମାନ୍ୟ ଖସୁଛି ତ ଆଉ କେଉଁଦିନ ଉପରକୁ ବଢୁଛି। ଏଭଳି ସ୍ଥିତିରେ ରାଜ୍ୟ ସରକାର କେଉଁ ପ୍ରକାର ନୂଆ ଗାଇଡଲାଇନ୍ ଆଣିବେ ତାହା ଲୋକଙ୍କ ଚିନ୍ତା ବଢ଼ାଇଲାଣି। କାରଣ ପୁଣିଥରେ ସମ୍ପୂର୍ଣ୍ଣ ଲକଡାଉନ୍ ବା ସଟ୍‌ଡାଉନ୍ କରାଗଲେ ଏହା ଜୀବିକା ଉପରେ ଭୀଷଣ ପ୍ରଭାବ ପକାଇବ। ଡିଏମ୍‌ଇଟି ପ୍ରଫେସର ଡା. ସିବିକେ ମହାନ୍ତି କହିଛନ୍ତି ଯେ, ରାଜ୍ୟର ସଂକ୍ରମଣ ହାର ବା ଟିପିଆର୍ ଅନୁସାରେ ସଂକ୍ରମଣ ବଢୁନି। ଯେଉଁଠି ଅଧିକ ପଜିଟିଭ୍ ଚିହ୍ନଟ ହେଉଛନ୍ତି, ସେଠି ଫୋକସ କରାଯାଉଛି। ରାଜ୍ୟ ସରକାର ଯେଉଁ ୩ମାସ ଘରକୁ ଘର ବୁଲି ସର୍ଭେଲାନ୍ସ ପାଇଁ ନିର୍ଦ୍ଦେଶ ଦେଇଛନ୍ତି, ତାହା ଜାରି ରହିଛି। ତେଣୁ ଏ ସମୟରେ ଯେଉଁମାନେ




୫ ଜିଲ୍ଲାରେ ଟେଷ୍ଟିଂ, ଟ୍ରେସିଂ ଓ ଟ୍ରିଟମେଣ୍ଟକୁ ଗୁରୁତ୍ୱ ଦିଆଯାଉଛି। ୫ ଉପକୂଳ ଜିଲ୍ଲାରେ ସଂକ୍ରମଣ ବଢୁଥିବାରୁ ୪ମାସ ଧରି ଡୋର ଟୁ ଡୋର ସର୍ଭେ କରୁଛନ୍ତି ସରକାର। ରୋଗୀ ଚିହ୍ନଟ ସହ ସଙ୍ଗରୋଧର ବ୍ୟବସ୍ଥା କରୁଛନ୍ତି ସରକାର। ଅନ୍ୟପଟେ କେନ୍ଦ୍ରୀୟ ଟିମ୍ ବିଭିନ୍ନ ସ୍ଥାନ ବୁଲୁଛନ୍ତି। ଆମେ ଯେଉଁ କାମ କରୁଛୁ

### ପୁଣି ବଢ଼ିଲା ଦୈନିକ ସଂକ୍ରମଣ

ପଜିଟିଭ୍ ଚିହ୍ନଟ ହେଉଛନ୍ତି ସେମାନଙ୍କୁ ଆଇସୋଲେଟ୍ କରାଯାଉଛି। ସେହିପରି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର କହିଛନ୍ତି ଯେ, ଏବେ ହସ୍ପିଟାଲରେ କମ୍ ସଂଖ୍ୟକ କରୋନା ଆକ୍ରାନ୍ତ ଭର୍ତ୍ତି ହେଉଛନ୍ତି। ମାତ୍ର ଭୁବନେଶ୍ୱର ଓ ମୟୂରଭଞ୍ଜରେ ସଂକ୍ରମଣ କମୁନାହିଁ। ଉପକୂଳ ତାହାକୁ ସେମାନେ ତଦାରଖ କରୁଛନ୍ତି। ତୃତୀୟ ଲହର ପାଇଁ ଯେତିକି ମେଡିକାଲ ଅଛି ଯଥେଷ୍ଟ। ଆବଶ୍ୟକ ପଡିଲେ ନୂଆ ମେଡିକାଲ ହେବ ବୋଲି ସୂଚନା ଦେଇଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର। ତେବେ ପୁଣିଥରେ ଦୈନିକ ସଂକ୍ରମଣରେ ବୃଦ୍ଧିକୁ ନେଇ ଚିନ୍ତା ବଢୁଛି।

## ଗରିବ ଲୋକଙ୍କ କଲ୍ୟାଣ କାର୍ଯ୍ୟକ୍ରମ ମତେ ଅଧିକ ସନ୍ତୋଷ ଦିଏ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସିଂ ଜରିଆରେ ରାଜ୍ୟର ମହାତ୍ମା ଗାନ୍ଧି ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ନିୟୋଜିତ ଶ୍ରମିକ ମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର କୋଭିଡ୍ ସହାୟତା ପ୍ରଦାନ କରିଛନ୍ତି। ଏଥିରେ ଏପ୍ରିଲରୁ ଜୁନ ମାସ ପର୍ଯ୍ୟନ୍ତ ଏହି ତିନିମାସ ମଧ୍ୟରେ କାମ କରିଥିବା ଶ୍ରମିକମାନଙ୍କୁ ସେମାନଙ୍କର ପ୍ରତ୍ୟେକ ଦିନର ମଜୁରି ସହିତ ଆଉ ଅତିରିକ୍ତ ୫୦ ଟଙ୍କା ପ୍ରଦାନ କରାଯାଇଛି। ଏହା ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା କରାଯାଇଛି। ଏହାଦ୍ୱାରା ପ୍ରତ୍ୟେକ ଶ୍ରମିକ ୪୫୦୦ ଟଙ୍କା ପର୍ଯ୍ୟନ୍ତ ଅତିରିକ୍ତ ମଜୁରୀ ପାଇଛନ୍ତି। ସମୁଦାୟ ୩୨ଲକ୍ଷ ଶ୍ରମିକ ୩୫୨



କୋଟି ଟଙ୍କାର ସହାୟତା ପାଇଛନ୍ତି। ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଥିଲେ ଯେ, ଗରିବ ଲୋକଙ୍କ ପାଇଁ ମୋ ହୃଦୟରେ ସବୁବେଳେ ସ୍ୱତନ୍ତ୍ର ସ୍ଥାନ ରହିଛି। ଗରିବ ଲୋକଙ୍କ କାର୍ଯ୍ୟକ୍ରମ ମୋତେ ଅଧିକ ସନ୍ତୋଷ ଦେଇଥାଏ ବୋଲି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଥିଲେ ଏବଂ ଏହି ସହାୟତା ସେମାନଙ୍କ ➤ ପୃ-୬

## କରୋନା ଲଢ଼େଇ ପାଇଁ ୨୩,୧୨୩ କୋଟି

**ନୂଆଦିଲ୍ଲୀ :** କୋଭିଡ୍ ମହାମାରୀ ବେଳେ ଦେଶର ବିପର୍ଯ୍ୟୟ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସଜାଡିବା ପାଇଁ ଅଣ୍ଟା ଭିଡିଛନ୍ତି ମୋଦି ସରକାର। ଆଗକୁ ତୃତୀୟ ଲହର ଆସିବ ବୋଲି ବିଭିନ୍ନ ସମ୍ଭାବ୍ୟ ରିପୋର୍ଟରୁ ଜଣାପଡିଛି। ଏହାକୁ ନେଇ କେନ୍ଦ୍ର ମନ୍ତ୍ରିମଣ୍ଡଳ ଅଦଳ ବଦଳର ଗୋଟିଏ ଦିନ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କ୍ୟାବିନେଟ୍ ବୈଠକରେ ଆଲୋଚନା କରିଥିଲେ। ସ୍ୱାସ୍ଥ୍ୟ ଭିତ୍ତିଭୂମି ପାଇଁ ମୋଟ୍ ୨୩,୧୨୩ ହଜାର କୋଟିର ଜରୁରୀକାଳୀନ ପାଣ୍ଠି ଘୋଷଣା କରିଛନ୍ତି। ସେହିପରି ଋଷୀଙ୍କ ଉନ୍ନତି ପାଇଁ ସରକାର ଏପିଏମ୍‌ସି ମାଧ୍ୟମରେ ୧ ଲକ୍ଷ କୋଟି



ଟଙ୍କାର ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ବୈଠକ ପରେ ଉଭୟ ବିଭାଗର ମନ୍ତ୍ରୀ ପ୍ରେସ୍ କନଫରେନ୍ସ ମାଧ୍ୟମରେ ଏହି ଘୋଷଣା କରିଛନ୍ତି। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡଭିୟ ୨୩,୧୨୩ କୋଟି ଟଙ୍କା ଜରୁରୀକାଳୀନ ପ୍ୟାକେଜ ଘୋଷଣା କରିଛନ୍ତି। ଏହାକୁ କେନ୍ଦ୍ର ଏବଂ ରାଜ୍ୟ ମିଳିତ ଭାବେ ବ୍ୟବହାର କରିବେ ବୋଲି ସେ କହିଛନ୍ତି। ଏହି ପାଣ୍ଠିକୁ ବ୍ୟବହାର କରି ଦେଶର ୭୩୬ଟି ଜିଲ୍ଲାରେ ଶିଶୁ ଚିକିତ୍ସା କେନ୍ଦ୍ର ତିଆରି କରାଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ନିଷ୍ପତ୍ତି ନେଇଛି। ସେ କହିଛନ୍ତି ଯେ, ଦେଶରେ ୪ ଲକ୍ଷ ୭୦ ହଜାର ଅକ୍ସିଜେନ ସହିତ ବେଡ୍ ପ୍ରସ୍ତୁତ ରହିଛି। ସାରା ଦେଶରେ ୪ ହଜାରରୁ ଅଧିକ କୋଭିଡ୍ ସ୍ୱାସ୍ଥ୍ୟ ସେବା କେନ୍ଦ୍ର ରହିଛି। ସେ ଆହୁରି ମଧ୍ୟ କହିଥିଲେ ଯେ, ଦେଶରେ ଆହୁରି ୨୦ ହଜାର ଆଇସିୟୁ ବେଡ୍ ନିର୍ମାଣ କରାଯିବ। କୋଭିଡ୍ ବିରୋଧରେ ସାମୂହିକ ଭାବେ ଲଢ଼ିବାକୁ ହେବ। ➤ ପୃ-୬

### ବକ୍ରବାଣୀ



କାଳିଆର ନବଯୌବନ ବେଶ
ଦେଖି ଭକ୍ତ ମନ ହୁଏ ହରଷ
ରଥରେ ବାମନ ଦେଖିଲେ ଥରେ
ପୁନର୍ଜନ୍ମ ନାହିଁ ମରଣ ପରେ
ଛାମୁଁଙ୍କ କାନରେ କେ ଦେଲା କହି
ଆଗକୁ ଚାକର ମିଳିବେ ନାହିଁ
କିଏ ସେ ଗାଇବ ନବୀନ ଗାନା
କିଏ ଉଡେଇବ ଆମରି ବାନା
ଛାମୁଁ ହସି ଦେଇ ଅର୍ଡର କଲେ
ପୁରୀରେ କରଫ୍ୟୁ ଲଗେଇ ଦେଲେ।

——— ଟୁଟୁ

### ବିଶ୍ୱରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ

## ପ୍ରତିବର୍ଷ ମରୁଛନ୍ତି ୭ଲକ୍ଷରୁ ଊର୍ଦ୍ଧ୍ୱ

**ନୂଆଦିଲ୍ଲୀ :** କୋଭିଡ୍ ସାରା ବିଶ୍ୱ ପାଇଁ ଚିନ୍ତାଜନକ। ପ୍ରତିଦିନ ଲକ୍ଷ ଲକ୍ଷ ଲୋକ ସାରା ବିଶ୍ୱରେ ପ୍ରାଣ ହରାଉଛନ୍ତି ଏହି ଅଦୃଶ୍ୟ ଭୂତାଣୁରେ। ତେଣୁ ଏହାର ମୁକାବିଲା ପାଇଁ ୱାଶିଂଟନରୁ ନୂଆଦିଲ୍ଲୀ ସବୁଠି ବ୍ୟାପକ ପ୍ରସ୍ତୁତି ଚାଲିଛି। ଏବେ ଟିକା ଏବଂ ମାସ୍କ ସହିତ ସାମାଜିକ ଦୂରତାକୁ ଗୁରୁତ୍ୱ ଦିଆଯାଉଛି ଏହି ସଂକ୍ରମଣରୁ ଦୂରେଇ ରହିବା ପାଇଁ। ହେଲେ ଏହାଠାରୁ ଅତ୍ୟଧିକ ବିପଦ ଜଳବାୟୁ ପରିବର୍ତ୍ତନ ବୋଲି ଏକ ଗବେଷଣାରୁ ଜଣାପଡିଛି। କାରଣ କୋଭିଡରେ ପ୍ରତିବର୍ଷ ପ୍ରାଣ ହରାଉଥିବା ବ୍ୟକ୍ତିଙ୍କ ସଂଖ୍ୟା ତୁଳନାରେ ଜଳବାୟୁ ପରିବର୍ତ୍ତନ ଦ୍ୱାରା ଅଧିକ ଲୋକ ମୃତ୍ୟୁ ମୁଖରେ ପଡୁଛନ୍ତି ବେଲି ଏହି ଗବେଷଣାରୁ ଜଣାପଡିଛି। ଜଳବାୟୁ ପରିବର୍ତ୍ତନ ଦ୍ୱାରା କେତେ ଲୋକ ଆଖି ବୁଜିଛନ୍ତି ସେ ନେଇ ଏକ ରିପୋର୍ଟ ଆସିଛି। ଏକ ରିପୋର୍ଟରୁ ମିଳିଥିବା



ତଥ୍ୟ ଅନୁଯାୟୀ ଜଳବାୟୁ ପରିବର୍ତ୍ତନ ଦ୍ୱାରା ଭାରତ ଗମ୍ଭୀର ଭାବରେ ପ୍ରଭାବିତ ହେଉଛି। ପ୍ରତିବର୍ଷ ପ୍ରବଳ ଥଣ୍ଡା କିମ୍ବା ଗରମ ପାଇଁ ୭ ଲକ୍ଷରୁ ଅଧିକ ଭାରତୀୟ ମୃତ୍ୟୁମୁଖରେ ପଡୁଛନ୍ତି ବୋଲି ଏକ ଗବେଷଣାରୁ ଜଣାପଡିଛି। ଅଷ୍ଟ୍ରେଲିଆର ମୋନାଶା ବିଶ୍ୱବିଦ୍ୟାଳୟର ଗବେଷକଙ୍କ ଦ୍ୱାରା ଏହି ଅଧ୍ୟୟନ ହୋଇଛି। ଯେଉଁଥିରେ ଅନ୍ତର୍ଜାତୀୟ ସ୍ତରର ଏକ ଟିମ୍ ଭାରତର ଜଳବାୟୁ ପରିବର୍ତ୍ତନର ପ୍ରଭାବ ଉପରେ ଅନୁଧ୍ୟାନ କରିଛି। ଅସହ୍ୟ ତାପମାନ ପାଇଁ ସାରା ଦୁନିଆରେ ୫୦ଲକ୍ଷରୁ ଅଧିକ ଲୋକଙ୍କର ମୃତ୍ୟୁ ଘଟିଛି ବୋଲି କୁହାଯାଇଛି। ଯଦି ଏବେ କରୋନା ସଂକ୍ରମଣର ବାର୍ଷିକ ମୃତ୍ୟୁ ସଂଖ୍ୟାକୁ ଦେଖିବା ତାହେଲେ ଜଳବାୟୁ ପରବିର୍ତ୍ତନରେ ମୃତ୍ୟୁ ସଂଖ୍ୟା ଅଧିକ ରହିଛି। ବୁଧବାର ଲାନସେଣ୍ଟ ମିଡିଆରେ ପ୍ରକାଶିତ ହୋଇଥିବା ଏହି ଷ୍ଟଡି ରିପୋର୍ଟରେ କୁହାଯାଇଛି ୨୦୦୦ରୁ ୨୦୦୯ ମଧ୍ୟରେ ପାଣିପାଗରେ ତାପମାତ୍ରା ବଢ଼ିବା ପରେ ମୃତ୍ୟୁ ସଂଖ୍ୟା ବଢ଼ିଛି। ତେଣୁ ଆଗାମୀ ଦିନରେ ଏହି ସଂଖ୍ୟା ଆହୁରି ବଢ଼ିପାରେ ବୋଲି କୁହାଯାଉଛି। ଭାରତରେ ପ୍ରବଳ ଥଣ୍ଡା ପାଇଁ ପ୍ରତିବର୍ଷ ୬,୫୫,୪୦୦ ମୃତ୍ୟୁ ଘଟୁଥିବା ବେଳେ ଅତ୍ୟଧିକ ଗରମ ଯୋଗୁଁ ୮୩,୭୦୦ ଲୋକଙ୍କର ମୃତ୍ୟୁ ଘଟୁଛି। ଏହି ସର୍ଭେ ୨୦୦୦ ରୁ ୨୦୧୯ ମଧ୍ୟରେ ହୋଇଥିଲା। ଏହି ୧୦ ବର୍ଷ ମଧ୍ୟରେ ତାପମାତ୍ରା ସାରା ବିଶ୍ୱରେ ୦:୨୬ ଡିଗ୍ରୀ ସେଲସିୟସ ବଢ଼ିଥିବା ଜଣାପଡିଛି।

### ଅକ୍ସଫାମ ରିପୋର୍ଟ

## ମିନିଟ୍‌ରେ ୧୧ଜଣଙ୍କ ଜୀବନ ନେଉଛି ଅନାହାର

**ନୂଆଦିଲ୍ଲୀ :** ଏବେ ସମଗ୍ର ବିଶ୍ୱକୁ କରୋନା ଭୂତାଣୁ କବଳିତ କରି ରଖିଛି। ଗତ ପ୍ରାୟ ଦେଢ଼ବର୍ଷ ହେଲା କରୋନା ମହାମାରୀ ବିଶ୍ୱରେ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ନେଇଛି। କିନ୍ତୁ ଏହି ମହାମାରୀଠାରୁ ଆହୁରି ଏକ ଭୟଙ୍କର ମହାମାରୀ ବିରୋଧରେ ମନୁଷ୍ୟର ଲଢ଼େଇ ଜାରି ରହିଛି। ତାହା ହେଉଛି 'କ୍ଷୁଧା'। କ୍ଷୁଧା ଓ ଦୁର୍ଭିକ୍ଷରେ ଯେତିକି ଲୋକ ମୃତ୍ୟୁବରଣ କରୁଛନ୍ତି ତାହା କରୋନା ମୃତ୍ୟୁଂହାରୁ ଅନେକଗୁଣ ଅଧିକ ବୋଲି ଅନ୍ତର୍ଜାତୀୟ ସ୍ୱେଚ୍ଛାସେବୀ ସଂଗଠନ ଅକ୍ସଫାର୍ମ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି। ଅକ୍ସଫାର୍ମ ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି ଯେ, ବିଶ୍ୱରେ ପ୍ରତି ମିନିଟ୍‌ରେ ୧୧ଜଣ ବ୍ୟକ୍ତି ଅନାହାରରେ ପ୍ରାଣ ହରାଉଛନ୍ତି। ଯେବେକି କରୋନା ମହାମାରୀ ମିନିଟ୍‌କୁ ୭ ଜଣଙ୍କର ଜୀବନ ନେଉଛି। ଆହୁରି ଚିନ୍ତାଜନକ କଥା ହେଉଛି ଗତବର୍ଷ ଠାରୁ ଏପର୍ଯ୍ୟନ୍ତ ବିଶ୍ୱରେ ଅନାହାର ମୃତ୍ୟୁସଂଖ୍ୟାରେ ପ୍ରାୟ



୬ ଗୁଣ ବୃଦ୍ଧି ପାଇଛି। ଅକ୍ସଫାମ ଆମେରିକାର ଅଧ୍ୟକ୍ଷ ତଥା ସିଇଓ ଆବି ମାକ୍ସମ୍ୟାନ୍ କହିଛନ୍ତି ଯେ, ଏହି ସଂଖ୍ୟା ବେଶ ଚିନ୍ତାଜନକ ଭାବେ ବୃଦ୍ଧି ପାଉଛି। ବିଶ୍ୱର ଏବେ ପ୍ରାୟ ୧୫ କୋଟି ଲୋକ ଖାଦ୍ୟ ଅସୁରକ୍ଷାର ସମ୍ମୁଖୀନ ହେଉଛନ୍ତି। ଗତବର୍ଷ ତୁଳନାରେ ଏହି ସଂଖ୍ୟା ୨ କୋଟି ବୃଦ୍ଧି ପାଇଛି। ସାମରିକ ସଂଘର୍ଷ, ଜଳବାୟୁ ପରିବର୍ତ୍ତନ, କରୋନା ମହାମାରୀ ଆଦି କାରଣରୁ ବିଶ୍ୱରେ ଅନେକ ଲୋକ୍ ଅନାହାରର ସମ୍ମୁଖୀନ ହେଉଛନ୍ତି।




## ଜିଲ୍ଲାରେ ଦ୍ୱିତୀୟ କରୋନା ସଂକ୍ରମଣକୁ ରୋକୁଛି କିଏ ?

### ଚୁଲିକୁ ଗଲାକି ଆଶା ଓ ଅଙ୍ଗନୱାଡି କର୍ମୀଙ୍କ ସର୍ଭେ ରିପୋର୍ଟ !

**ଜଗତସିଂହପୁର :** ଦ୍ୱିତୀୟ କରୋନା ସଂକ୍ରମଣରେ ଆକ୍ରାନ୍ତଙ୍କ ସଂଖ୍ୟା ହ୍ରାସ ହେଉଥିବାର କଥା ସରକାର ଗଣମାଧ୍ୟମ ଆଗରେ କହୁଥିବା ବେଳେ ମୃତ୍ୟୁ ହାର ଯେ ବଢି ବଢି ଚାଲିଛି ଏ ନେଇ ସାଧାରଣରେ ଚର୍ଚ୍ଚା ଜୋରଧରିଛି। ଗ୍ରାମାଞ୍ଚଳ ମାନଙ୍କରେ ଓ ଆଦିବାସୀ ଇଲାକାରେ ସଂକ୍ରମଣ ସଂଖ୍ୟା ବଢୁଥିବାକୁ ନେଇ ସରକାର ଘରକୁ ଘର ବୁଲି ସର୍ଭେ କରିବା ପାଇଁ ନିଷ୍ପତି ନେଇଥିବା ବେଳେ ଜିଲ୍ଲାରେ ବ୍ୟାପକ ଭାବେ ସଂକ୍ରମଣ ବୃଦ୍ଧି ହେବାରେ ଲାଗିଛି। ଏଥିପାଇଁ ଆଶା ଓ ଅଙ୍ଗନୱାଡି କର୍ମୀଙ୍କୁ ପଚାରିଲେ ଉତ୍ତରବି ଦେଇପାରୁନାହାନ୍ତି। ଯେଉଁଥିପାଇଁ କେନ୍ଦ୍ର ସରକାରଙ୍କ ର ପକ୍ଷରୁ ସଂକ୍ରମଣ ହାର ନ କମିବାର କାରଣ କ'ଣ ଖୋଜିବାକୁ ଏକ ଟିମ୍ ଓଡିଶାରେ ପହଞ୍ଚି ଜଗତସିଂହପୁର ଜିଲ୍ଲାକୁ ବି ଗ୍ରସ୍ତ କରିଥିଲେ, ହେଲେ ସମସ୍ତ ଘଟଣାକୁ ପଛରେ ପକାଇ ସଂକ୍ରମଣ ସଂଖ୍ୟାବି କମିବାର ନାଁ ନେଉନାହିଁ। ଜିଲ୍ଲାର ବିଭିନ୍ନ ସ୍ଥାନ ମାନଙ୍କରେ ଏବେ ବି ସରକାର ନିର୍ଦ୍ଦେଶନାମାକୁ ତଥା



ସଟ୍‌ଡାଉନ, ଲକଡାଉନ କୁ ଫୁ କରି ପରିବା ଦୋକାନ, ଗ୍ରୋସରି ଦୋକାନ, ଚା, ଜଳଖିଆ ଦୋକାନ, ସେଲୁନ, ମଦ ଦୋକାନ ଓ ସମସ୍ତ ସରକାରୀ କାର୍ଯ୍ୟାଳୟ ସବୁ ଖୁଲମ ଖୁଲା ଭାବେ ଦିନରାତି ଚାଲୁଛି। ଏପରିକି ଆଶା ଓ ଅଙ୍ଗନୱାଡି କର୍ମୀ ମାନେ ସର୍ଭେକରି ଗ୍ରାମାଞ୍ଚଳ ମାନଙ୍କରେ ସଂକ୍ରମଣ ବ୍ୟାପିବାର କାରଣ କ'ଣ ସରକାରଙ୍କୁ ଜଣାଇବା ନିମନ୍ତେ ସେମାନଙ୍କ ପାଇଁ ମାସିକ ଆର୍ଥିକ ପ୍ରୋତ୍ସାହନ ରାଶି ବି ଘୋଷଣା କରାଯାଇଥିଲା। ହେଲେ ଆଶା ଓ ଅଙ୍ଗନୱାଡି କର୍ମୀ ମାନଙ୍କ ସର୍ଭେ ରିପୋର୍ଟ ସବୁ ଚୁଲିକୁ ଗଲାଣି ବୋଲି ସାଧାରଣରେ ଆଲୋଚନା ହେଉଛି। ଯେଉଁ ଗ୍ରାମାଞ୍ଚଳ ମାନଙ୍କରେ କୌଣସି କାରଣ ପାଇଁ ବୃଦ୍ଧ, ବୃଦ୍ଧା ବା ଯୁବକ, ଯୁବତୀ ମାନଙ୍କର ମୃତ୍ୟୁ ଘଟୁଛି ସେ ସ୍ଥାନ ମାନଙ୍କୁ ଆଶା ଓ ଅଙ୍ଗନୱାଡି କର୍ମୀ ମାନେ ନଯାଇ ନିଜର ଦେହ ଭଲନାହିଁ ଇତ୍ୟାଦି କହି ବାହାନା କରୁଥିବା ବେଳେ ଆକ୍ରାନ୍ତଙ୍କ ସଂଖ୍ୟା ବଢି ବଢି ଚାଲିଛି। ସମସ୍ତ ଦୋକାନ ମାନ ଗାଁଠୁ ଆରମ୍ଭକରି ମୁଖ୍ୟ ରାସ୍ତା ପର୍ଯ୍ୟନ୍ତ ଦିନରାତି ଖୋଲାରହୁଥିବା ବେଳେ ଏହି ଆଶା ଓ ଅଙ୍ଗନୱାଡି କର୍ମୀ ମାନେ ନିରବ ରହି କରୋନା ଭୁତାଣୁକୁ ନିମନ୍ତ୍ରିତ କରୁଛନ୍ତି। ଜିଲ୍ଲାରେ ଖୁଲମ ଖୁଲାଭାବେ ବିବାହ, ବ୍ରତଘର ଓ ଅନ୍ତେଷ୍ଟି କ୍ରିୟା ଇତ୍ୟାଦି ଖୁବ ଜାକଜକମରେ ପାଳନ ହେଉଛି। ଏଥିରେ ନା ସାମାଜିକ ଦୂରତ୍ୱ ରଖାଯାଉଛି କି, ମାସ୍କ ପିନ୍ଧା ଉପରେ ଗୁରୁତ୍ୱ ଦିଆଯାଉଛି। ଆଶା ଓ ଅଙ୍ଗନୱାଡି କର୍ମୀ ମାନେ ଘରେ ଘରେ ବୁଲି ଥଣ୍ଡା ଜ୍ୱର, ମ୍ୟାଲେରିଆ ଓ ➤ ପୃ-୬

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ** — ଅତ୍ୟଧିକ କାମ ବୋଝ ଯୋଗୁଁ ମାନସିକ ଅଶାନ୍ତି ବଢ଼ିପାରେ। ବାପା ମା'ଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ। ବ୍ୟବସାୟରେ ନିବେଶରୁ ଲାଭ ମିଳିପାରେ। କାର୍ଯ୍ୟକ୍ଷେତ୍ରରେ ପ୍ରଭାବି ହେବେ। ଛାତ୍ରମାନେ ମନର ଫଳ ପାଇପାରିବେ।

**ବୃଷ** — ବେମାରୀ ବଢ଼ିବା ପୂର୍ବରୁ ଉପଚାର କରନ୍ତୁ। ଧନପ୍ରାପ୍ତି ଯୋଗ ଅଛି। ବନ୍ଧୁଙ୍କ ସହ ମନର କଥା ଆଲୋଚନା କରି ଶାନ୍ତି ପାଇବେ। ନୂଆ ବ୍ୟବସାୟ କରିପାରନ୍ତି। ଛାତ୍ରମାନେ ସଫଳତା ପାଇବେ।

**ମିଥୁନ** — ପାଚନତନ୍ତ୍ର ଓ ପାଦରେ ସମସ୍ୟା ଦେଖାଦେଇପାରେ। ଆର୍ଥିକ ପରିସ୍ଥିତିରେ ସୁଧାର ହେବ। ଭାଗିଦାରୀ ବ୍ୟବସାୟ କରିପାରନ୍ତି। ପିଲାମାନଙ୍କ ପାଇଁ ଅପମାନିତ ହୋଇପାରନ୍ତି। ଅଧସ୍ତନ କର୍ମଚାରୀଙ୍କୁ ଅନାବଶ୍ୟକ କାର୍ଯ୍ୟ ପାଇ ବାଧ୍ୟ କରନ୍ତୁ ନାହିଁ।

**କର୍କଟ** — ଭାବୁକ ହୋଇପାରନ୍ତି। ପୁରୁଣା କଥାକୁ ମନରୁ ବାହାର କରନ୍ତୁ। ଅଧିକ ଖର୍ଚ୍ଚ ହୋଇପାରେ। ପରିଶ୍ରମର ଫଳ ପାଇବେ। ଛାତ୍ରମାନେ ସଫଳ ହେବେ। ଜୀବନସାଥୀଙ୍କୁ ମହତ୍ୱ ଦିଅନ୍ତୁ ସୁଖ ପାଇବେ।

**ସିଂହ** — ଅତ୍ୟଧିକ ଚିନ୍ତାଗ୍ରସ୍ତ ହୋଇପାରନ୍ତି। ଆର୍ଥିକ ସ୍ଥିତି ଦୃଢ଼ ହେବ। ଧାର୍ମିକ କାର୍ଯ୍ୟ କରିପାରନ୍ତି। ପରିବାରରେ ସୁଖ ମିଳିବ। ଅଯଥା କଥା କାର୍ଯ୍ୟ କ୍ଷେତ୍ରରେ କୁହନ୍ତୁ ନାହିଁ। ଛାତ୍ରମାନେ ଶିକ୍ଷା ପାଇଁ ବହୁତ ଖର୍ଚ୍ଚାନ୍ତ ହୋଇପାରନ୍ତି।

**କନ୍ୟା** — ସମସ୍ୟାର ସମାଧାନ ନକରି ମନକୁ ସୁଖ ଦେଇପାରିବେ। ଧନଲାଭ ହେବ। ବନ୍ଧୁ ଓ ପରିବାରରେ ଝଗଡା ହୋଇପାରେ। ଛାତ୍ରମାନେ ନିଜର ଲକ୍ଷ ପ୍ରତି ସଜାଗ ରୁହନ୍ତୁ। ନିଜ ଉପରେ ଅହଂକାରକୁ ପ୍ରଭାବୀ କରନ୍ତୁ ନାହିଁ।

**ତୁଳା** — ବ୍ୟବସାୟରେ ବଡଧରଣରର କ୍ଷତି ଯୋଗ ଅଛି। ଅନ୍ୟକୁ ସହଜରେ ବିଶ୍ୱାସ କରନ୍ତୁନାହିଁ। ପରିବାରରେ ଉଲ୍ଲାସର ପରିବେଶ ରହିବ। କ୍ୟାରିୟରରେ ଉନ୍ନତି ହେବ। ଅଧୈର୍ଯ୍ୟ ହୁଅନ୍ତୁ ନାହିଁ।

**ବିଛା** — ଅଧିକ ମିଠା ଖାଆନ୍ତୁ ନାହିଁ। ଏ ସପ୍ତାହରେ ଅର୍ଥର ମହତ୍ୱ ବୁଝିବେ। ପରିବାର ସହ ଯାତ୍ରା କରିପାରନ୍ତି। କାର୍ଯ୍ୟକ୍ଷେତ୍ରରେ ଖାଲି ସମୟ ପାଇବେ। ଉଚ୍ଚଶିକ୍ଷା କ୍ଷେତ୍ରରେ ଛାତ୍ରମାନେ ସଫଳ ହେବେ।

**ଧନୁ** — ଉତ୍ତମ ସ୍ୱାସ୍ଥ୍ୟ ରହିବ। କରଜ ନେଇପାରନ୍ତି। ଅନ୍ୟମାନଙ୍କ ସହ କଥା ହେବା ସମୟରେ ସଂଯମତା ରଖନ୍ତୁ। ନୂଆ ଚାକିରି ପାଇଁ ଅଧିକ ପରିଶ୍ରମର ଆବଶ୍ୟକତା ଅଛି। ଶିକ୍ଷା କ୍ଷେତ୍ରରେ ଥିବା ସମସ୍ତ ସମସ୍ୟା ଦୂର ହେବ।

**ମକର** — କାର୍ଯ୍ୟକ୍ଷେତ୍ରରେ ଲାଭ ଓ ପୁରସ୍କାର ପାଇପାରନ୍ତି। ପରିବାରରେ ଝଗଡା ହୋଇପାରେ। ଛାତ୍ରମାନେ ଅସ୍ଥିର ହେବେ ଓ ପାଠରେ ମନ ଲାଗିବନାହିଁ। ପ୍ରେମ ଜୀବନରେ ଆବଶ୍ୟକଠାରୁ ଅଧିକ ସୁଖ ପାଇବେ।

**କୁମ୍ଭ** — ସ୍ୱାସ୍ଥ୍ୟରେ ଉନ୍ନତି ହେବ। ଭାଗିଦାରୀ ବ୍ୟବସାୟରେ ଲାଭର ସଙ୍କେତ ମିଳୁଛି। ଆପଣଙ୍କ ବ୍ୟକ୍ତିତ୍ୱ ଓ ପ୍ରଶାସନିକ କ୍ଷମତା ସମସ୍ତଙ୍କୁ ପ୍ରଭାବିତ କରିବ। କୌଣସି ମହିଳାଙ୍କ ସହଯୋଗ ପାଇବେ। ଛାତ୍ରଙ୍କୁ ପରିଶ୍ରମର ଫଳ ମିଳିବ।

**ମୀନ** — ପୂର୍ବ ଅପେକ୍ଷା ଅଧିକ ସତେଜ ଅନୁଭବ କରିବେ। ପୁଷ୍ଟିକର ଖାଦ୍ୟ ଖାଆନ୍ତୁ। ବାହାନ ଚଳାଇବା ସମୟରେ ସଜାଗ ହୁଅନ୍ତୁ। ବିଦେଶ ଶିକ୍ଷା ପାଇଁ ସୁଯୋଗ ପାଇବେ। କାର୍ଯ୍ୟକ୍ଷେତ୍ରରେ ନିଜର ବାଣୀ ଉପରେ ଧ୍ୟାନ ଦିଅନ୍ତୁ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

# ଅଗଷ୍ଟରେ ଆସିପାରେ ୩ୟ ଲହର : ଏସ୍‌ବିଆଇ ରିପୋର୍ଟ



**ନୂଆଦିଲ୍ଲୀ :** ମହାମାରୀ କରୋନାର ଦ୍ୱିତୀୟ ଲହର କବଳରୁ ଲୋକମାନେ ଠିକ୍ ଭାବେ ମୁକୁଳି ପାରିନଥିବା ବେଳେ ଏବେ ତୃତୀୟ ୱେଭ ସମସ୍ତଙ୍କୁ ଚିନ୍ତାରେ ପକାଇଛି। କରୋନାର ସମ୍ଭାବ୍ୟ ତୃତୀୟ ଲହର ଆସନ୍ତା ମାସ ବା ଅଗଷ୍ଟରେ ଦେଶକୁ ହିଟ୍ କରିବ ବୋଲି ଏସ୍‌ବିଆଇର ରିସର୍ଚ୍ଚ ରିପୋର୍ଟରେ କୁହାଯାଇଛି। ଅଗଷ୍ଟରେ ଦେଶରେ କାୟା ବିସ୍ତାର କରିବାକୁ ଥିଲେ ହେଁ ତୃତୀୟ ୱେଭର ସର୍ବୋଚ୍ଚ ଗତି ସେପ୍ଟେମ୍ବର ମାସରେ ହିଁ ଦେଖିବାକୁ ମିଳିବ ବୋଲି ଏହି ରିପୋର୍ଟରେ କୁହାଯାଇଛି। କୋଭିଡ୍-୧୯ : ଦ ରେସ୍ ଟୁ ଫିନିସିଙ୍ଗ୍ ଲାଇନ୍ ନାଁରେ ଏସ୍‌ବିଆଇ ପ୍ରକାଶ କରିଥିବା ରିପୋର୍ଟରେ କରୋନାର ଦ୍ୱିତୀୟ ୱେଭ ସମ୍ପର୍କରେ ମଧ କୁହାଯାଇଛି। କରୋନାର ଦ୍ୱିତୀୟ ଲହର ଏପ୍ରିଲରେ ଦେଶରେ ପ୍ରବେଶ କରିଥିଲା ଓ ମେ' ୭ରେ ସର୍ବୋଚ୍ଚ ସ୍ତରରେ ପହଞ୍ଚିଥିଲା। ଦିଲ୍ଲୀ ଠାରୁ ପଲ୍ଲୀ ଯାଏ ସବୁଆଡେ କରୋନାର ଦ୍ୱିତୀୟ ଲହର ସାଂଘାତିକ ସ୍ଥିତି ସୃଷ୍ଟି କରିଥିଲା। ବର୍ତ୍ତମାନର ତଥ୍ୟକୁ ଆକଳନ କଲେ ଜଣାପଡୁଛି ଯେ, ଜୁଲାଇ ୨ ସପ୍ତାହ ବେଳକୁ ଦେଶରେ ଦୈନିକ ସଂକ୍ରମଣ ୧୦ ହଜାର ପାଖରେ ରହିଥିବ। ତେବେ ଅଗଷ୍ଟ ଦ୍ୱିତୀୟ ସପ୍ତାହରୁ ପୁଣି ଏହା ବଢ଼ିବାର ଆଶଙ୍କା ରହିଛି। କିଛିଦିନ ଧୀରେ ଧୀରେ ସଂଖ୍ୟା ବଢ଼ିବା ପରେ ସେପ୍ଟେମ୍ବର ମାସରେ ତୃତୀୟ ୱେଭ ତା'ର ସର୍ବୋଚ୍ଚ ଗତି ଦେଖାଇବ। ଏହି ସମୟରେ ଦୈନିକ ୨ ଲକ୍ଷରୁ ଅଧିକ ସଂକ୍ରମିତ ଚିହ୍ନଟ ହୋଇପାରନ୍ତି ବୋଲି ଏହି ରିପୋର୍ଟରେ କୁହାଯାଇଛି। ସୂଚନାଯୋଗ୍ୟ ଯେ, ଦେଶରେ ଏବେ କରୋନାର ଦୈନିକ ସଂକ୍ରମଣ କ୍ରମାଗତ ଭାବେ ହ୍ରାସ ପାଇବାରେ ଲାଗିଛି। ଗତ ୨୪ ଘଣ୍ଟାରେ ୩୯,୭୯୬ ଜଣଙ୍କ ଟେଷ୍ଟ ରିପୋର୍ଟ ପଜିଟିଭ ଆସିଥିବା ବେଳେ ୭୨୩ ଜଣଙ୍କ ମୃତ୍ୟୁ ଘଟିଛି। ଦିନକରେ ୪୨,୩୫୨ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି।

## ୮ ରାଜ୍ୟ ପାଇଁ ନୂଆ ରାଜ୍ୟପାଳ



**ନୂଆଦିଲ୍ଲୀ :** ୮ ରାଜ୍ୟର ରାଜ୍ୟପାଳଙ୍କ ବଦଳି ହୋଇଛି। ଏଥିସହ ରାଷ୍ଟ୍ରପତି ରାମନାଥ କୋବିନ୍ଦ ୮ ରାଜ୍ୟ ପାଇଁ ୮ ଜଣ ନୂଆ ରାଜ୍ୟପାଳଙ୍କୁ ନିଯୁକ୍ତି ଦେଇଛନ୍ତି। ନୂଆ ବିଜ୍ଞପ୍ତି ଅନୁସାରେ, କର୍ଣ୍ଣାଟକାର ରାଜ୍ୟପାଳ ଭାବେ ଥାୱରଚାନ୍ଦ ଗେହଲଟଙ୍କୁ ନିଯୁକ୍ତି ମିଳିଛି। ସେହିପରି ମିଜୋରାମର ରାଜ୍ୟପାଳ ଭାବେ ହରିଭାଇ କମ୍ଭଂପତି, ମଧ୍ୟପ୍ରଦେଶର ରାଜ୍ୟପାଳ ମଙ୍ଗୁଭାଇ ଛଗନ ଭାଇ ପଟେଲ, ହିମାଚଳ ପ୍ରଦେଶର ରାଜ୍ୟପାଳ ଭାବେ ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକର, ହରିଆଣାର ରାଜ୍ୟପାଳ ଭାବେ ବନ୍ଦାରୁ ଦତ୍ତାତ୍ରେୟା, ଗୋଆର ରାଜ୍ୟପାଳ ଭାବେ ପିଏସ ଶ୍ରୀଧରନ ପିଲାଇ, ଝାରଖଣ୍ଡର ରାଜ୍ୟପାଳ ଭାବେ ରମେଶ ବୈଶ ଓ ତ୍ରିପୁରାର ରାଜ୍ୟପାଳ ଭାବେ ସତ୍ୟଦେବ ନାରାୟଣ ଆର୍ଯ୍ୟଙ୍କୁ ନିଯୁକ୍ତି। ବନ୍ଦାରୁ ଦତ୍ତାତ୍ରେୟା ପୂର୍ବରୁ ହିମାଚଳ ପ୍ରଦେଶ ରାଜ୍ୟପାଳ ଭାବେ ଦାୟିତ୍ୱରେ ରହିଥିଲେ। କିନ୍ତୁ ତାଙ୍କୁ ଏବେ ହରିଆଣାର ରାଜ୍ୟପାଳ ଦାୟିତ୍ୱ ମିଳିଛି। ହରିଆଣା ରାଜ୍ୟପାଳ ଭାବେ କାମ କରୁଥିବା ସତ୍ୟଦେବଙ୍କୁ ତ୍ରିପୁରା ରାଜ୍ୟପାଳ କରାଯାଇଥିବା ବେଳେ ତ୍ରିପୁରା ରାଜ୍ୟପାଳ ଭାବେ କାମ କରୁଥିବା ରମେଶ ବୈଶଙ୍କୁ ଝାରଖଣ୍ଡ ରାଜ୍ୟପାଳ କରାଯାଇଛି। ମିଜୋରାମ ରାଜ୍ୟପାଳ ଭାବେ କାମ କରୁଥିବା ପିଏସ୍ ଶ୍ରୀଧରନ ପିଲାଇଙ୍କୁ ଗୋଆ ଦାୟିତ୍ୱ ଦିଆଯାଇଛି। ପୂର୍ବରୁ ଗୋଆ ରାଜ୍ୟପାଳ ସହ ମହାରାଷ୍ଟ୍ର ରାଜ୍ୟପାଳ ଭାବେ ଭଗତ ସିଂହ କୋଶିୟାରୀ କାମ କରୁଥିଲେ। ଏବେ ସେ କେବଳ ମହାରାଷ୍ଟ୍ର ଦାୟିତ୍ୱରେ ରହିବେ। ଆନନ୍ଦିବେନ ପଟେଲ ଉଭୟ ଉତ୍ତର ପ୍ରଦେଶ ଓ ମଧ୍ୟପ୍ରଦେଶ ରାଜ୍ୟପାଳ ଦାୟିତ୍ୱରେ ଥିଲେ। ମଧ୍ୟପ୍ରଦେଶ ରାଜ୍ୟପାଳ ଭାବେ ମଙ୍ଗୁଭାଇ ଛଗନ ଭାଇ ପଟେଲଙ୍କୁ ଦାୟିତ୍ୱ ଦେଇଛନ୍ତି। ତେଣୁ ଆନନ୍ଦିବେନ ପଟେଲ କେବଳ ଉତ୍ତର ପ୍ରଦେଶ ଦାୟିତ୍ୱରେ ରହିବେ। କର୍ଣ୍ଣାଟକା ରାଜ୍ୟପାଳ ଭାବେ ବଜୁଭାଇ ଭାଲା ୨୦୧୪ରୁ କାର୍ଯ୍ୟ କରୁଥିଲେ। ଏବେ ତାଙ୍କ ସ୍ଥାନରେ ଥାୱରଚାନ୍ଦ ଗେହଲଟ ଦାୟିତ୍ୱ ନେବେ। ଏ ସମ୍ପର୍କରେ ରାଷ୍ଟ୍ରପତି ଭବନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

## ନୂଆ ଆଇଟି ନିୟମ ପାଳନ ପାଇଁ ୮ ସପ୍ତାହ ସମୟ ମାଗିଲା ଟ୍ୱିଟର

**ନୂଆଦିଲ୍ଲୀ :** ଭାରତ ସରକାରଙ୍କ ନୂଆ ଆଇଟି ନିୟମ ପାଳନ କରିବାକୁ ଆଉ ୮ ସପ୍ତାହ ସମୟ ମାଗିଛି ଟ୍ୱିଟର। ୮ ସପ୍ତାହ ମଧ୍ୟରେ ସଂସ୍ଥା ପକ୍ଷରୁ ଭାରତରେ ଅଭିଯୋଗ ନିବାରଣ ଅଧିକାରୀ ନିଯୁକ୍ତ କରାଯିବ। ଏଥିପାଇଁ କମ୍ପାନୀ ପ୍ରକ୍ରିୟା ଆରମ୍ଭ କରିଛି। ଏଥିସହ ଭାରତରେ ମଧ ନୂଆ ନିୟମ ଅନୁଯାୟୀ ଗୋଟିଏ ଲିଆସନ ଅଫିସ ପ୍ରତିଷ୍ଠା କରିବାକୁ ବ୍ୟବସ୍ଥା କରାଯାଉଥିବା ଟ୍ୱିଟର ପକ୍ଷରୁ ସତ୍ୟପାଠ ଜରିଆରେ ଦିଲ୍ଲୀ ହାଇକୋର୍ଟଙ୍କୁ ଅବଗତ କରାଯାଇଛି। ମଙ୍ଗଳବାର ଦିଲ୍ଲୀ ହାଇକୋର୍ଟ ଜୁଲାଇ ୮ ତାରିଖ ସୁଦ୍ଧା ନୂଆ ଆଇଟି ନିୟମକୁ ଅନୁପାଳନ କରିବାକୁ କମ୍ପାନୀ କ'ଣ ସବୁ ପଦକ୍ଷେପ ନେଇଛି, ସେ ବିଷୟରେ ବିସ୍ତୃତ ତଥ୍ୟ ଦେବାକୁ ଟ୍ୱିଟରକୁ କହିଥିଲେ। ଏହାର ଜବାବରେ କୋର୍ଟଙ୍କୁ ଟ୍ୱିଟର କହିଛି ଯେ ସ୍ଥାନୀୟ ଅଭିଯୋଗ ନିବାରଣ ଅଧିକାରୀଙ୍କୁ ନିଯୁକ୍ତି ଦେବା ପାଇଁ କମ୍ପାନୀ ଆଉ ୮ ସପ୍ତାହର ସମୟ ଚାହୁଁଛି। ଭାରତରେ ଗୋଟିଏ ଲିଆସନ ଅଫିସ ପ୍ରତିଷ୍ଠା କରିବା ପାଇଁ ମଧ କମ୍ପାନୀ ପ୍ରକ୍ରିୟା ଆରମ୍ଭ କରିଛି।

## ବଂଶଧାରା ଜଳବିବାଦ ମାମଲାରେ ନୂଆ ମୋଡ଼

**ନୂଆଦିଲୀ :** ବଂଶଧାରା ଜଳ ବିବାଦ ମାମଲାରେ ଆସିଛି ପୁଣି ନୂଆ ମୋଡ଼। ଆନ୍ଧ୍ରପ୍ରଦେଶ ସରକାରଙ୍କ ଦ୍ୱାରା ସୁପ୍ରିମକୋର୍ଟରେ କ୍ୟାଭିଏଟ୍ ଫାଇଲ କରାଯାଇଛି। ବଂଶଧାରା ଜଳ ବିବାଦ ଟ୍ରିବ୍ୟୁନାଲଙ୍କ ଗତ ମାସ ୨୧ ତାରିଖର ରାୟ ଆନ୍ଧ୍ର ପ୍ରଦେଶ ସପକ୍ଷରେ ଦେଇଥିଲେ। ଏହା ପରେ ରାୟକୁ କାର୍ଯ୍ୟକାରୀ କରିବା ପାଇଁ ଆନ୍ଧ୍ର ସରକାରଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ରାଜ୍ୟ ସରକାରଙ୍କୁ ଟ୍ରିବ୍ୟୁନାଲଙ୍କ ରାୟକୁ ଗେଜେଟ୍ ବିଜ୍ଞପ୍ତିରେ ପ୍ରକାଶ କରିବା ନିମନ୍ତେ ସହମତି ପ୍ରଦାନ ପାଇଁ ଆନ୍ଧ୍ର ଅନୁରୋଧ କରିଥିଲା। ବଂଶଧାରା ଜଳ ବିବାଦ ଟ୍ରିବ୍ୟୁନାଲଙ୍କ ସେପ୍ଟେମ୍ବର ୧୩, ୨୦୧୭ର ଚୂଡ଼ାନ୍ତ ରାୟ ତଥା ଟ୍ରିବ୍ୟୁନାଲଙ୍କ ସେପ୍ଟେମ୍ବର ୨୩, ୨୦୧୯ ଯୁଗ୍ମ ସର୍ଭେ ଆଦେଶକୁ ବିରୋଧ କରାଯାଇ ଓଡ଼ିଶା ଦ୍ୱାରା ସୁପ୍ରିମକୋର୍ଟରେ ଦାଖଲ କରାଯାଇଥିବା ଦୁଇଟି ସ୍ୱତନ୍ତ୍ର ଲିଭ୍ ପିଟିସନ୍ (ଏସ୍‌ଏଲ୍‌ପି) ବର୍ତ୍ତମାନ ବିଚାରାଧୀନ ରହିଥିବାରୁ ଆନ୍ଧ୍ରପ୍ରଦେଶର ଅନୁରୋଧକୁ ଓଡ଼ିଶା ପ୍ରତ୍ୟାଖ୍ୟାନ କରିଥିଲା। ଏହା ପରେ ଆନ୍ଧ୍ରପ୍ରଦେଶ ୨୦୨୧, ଜୁନ୍ ୨୧ର ଟ୍ରିବ୍ୟୁନାଲଙ୍କ ରାୟ ବିରୋଧରେ କାଳେ ଓଡ଼ିଶା ଏସ୍‌ଏଲ୍‌ପି ଦାୟର କରିବ, ଏହାକୁ ଆଶଙ୍କା କରି ଆଗୁଆ ସୁପ୍ରିମକୋର୍ଟରେ କ୍ୟାଭିଏଟ୍ ଦାଖଲ କରିଛି। ଆଗକୁ ଓଡ଼ିଶା ପକ୍ଷରୁ ଯଦି ଏସ୍‌ଏଲ୍‌ପି ଦାଏର କରାଯାଏ, ତାହା ହେଲେ ମାମଲାର ଏକ ପାଖିଆ ଶୁଣାଣି ନ ହୋଇ ଆନ୍ଧ୍ର କ୍ୟାଭିଏଟ୍ ଦାଖଲ କରିଥିବାରୁ ଆନ୍ଧ୍ରର ପକ୍ଷ ମଧ କୋର୍ଟ ଶୁଣିବେ। ଆନ୍ଧ୍ର କ୍ୟାଭିଏଟ୍ ଦାଖଲ କରିଥିବାରୁ ଓଡ଼ିଶା ପୁଣିଥରେ ଏସ୍‌ଏଲ୍‌ପି ଦାୟର କରିବା ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ। ତେବେ ଏ ସମ୍ପର୍କରେ ରାଜ୍ୟ ଜଳସମ୍ପଦ ବିଭାଗ ପକ୍ଷରୁ କେଣସି ପ୍ରତିକ୍ରିୟା ମିଳିପାରି ନାହିଁ।

# 'ପିଲାଙ୍କୁ ସ୍କୁଲ୍ ପଠାଇବାକୁ ଚାହୁଁନାହାନ୍ତି ୭୬% ଅଭିଭାବକ'



**ବେଙ୍ଗାଲୁରୁ :** କରୋନା ସଂକ୍ରମଣ ଶୂନ୍ୟକୁ ନ ଆସିବା ଯାଏ କିମ୍ବା ପିଲା ଟିକା ନ ନେବା ଯାଏ ୭୬% ଅଭିଭାବକ ସେମାନଙ୍କ ପିଲାଙ୍କୁ ସ୍କୁଲ୍ ପଠାଇବାକୁ ଚାହୁଁ ନ ଥିବା ଏକ ସର୍ବେକ୍ଷଣରୁ ଜଣାପଡ଼ିଛି। ଲୋକାଲ୍‌ସର୍କଲ୍ସ ନାମକ ଏକ କମ୍ୟୁନିଟି ସୋସିଆଲ୍ ମିଡ଼ିଆ। ପ୍ଲାଟ୍‌ଫର୍ମ ଦ୍ୱାରା ଏହି ସର୍ଭେ କରାଯାଇଥିଲା। ଏହି ସର୍ଭେ ସମୟରେ ପିଲାଙ୍କୁ ସ୍କୁଲ୍‌କୁ ଛାଡ଼ିବାକୁ ଚାହୁଁଥିବା ଅଭିଭାବକଙ୍କ ସଂଖ୍ୟା ୪ ମାସରେ ୨୯ରୁ ୨୦%କୁ କମିଯାଇଥିଲା। ତେଣୁ ସ୍କୁଲଗୁଡିକ ସ୍ଥିତି ସମ୍ପୂର୍ଣ୍ଣ ସ୍ୱାଭାବିକ ନ ହେବା ଯାଏ ଅନ୍‌ଲାଇନ୍ କ୍ଲାସ୍ ଜାରିରଖିବେ ବୋଲି ଗବେଷକମାନେ ବିଶ୍ୱାସ କରୁଛନ୍ତି। ଅଧିକାଂଶ ସହରାଞ୍ଚଳ ଓ ଅର୍ଦ୍ଧସହରାଞ୍ଚଳରେ ଅନ୍‌ଲାଇନ୍ କ୍ଲାସ୍ ଚାଲିଛି। ଅନେକ ଗ୍ରାମାଞ୍ଚଳରେ ସ୍ମାର୍ଟଫୋନ୍ ଓ ନେଟ୍‌ୱର୍କ ପରି ସାଧନ ଅଭାବରୁ ଅନ୍‌ଲାଇନ୍ କ୍ଲାସ୍ ପ୍ରଭାବିତ ହୋଇଛି। ତେବେ ଭୂତାଣୁ ଭୟ ଛଡ଼ା ଅନେକ ଅଭିଭାବକ ବର୍ଦ୍ଧିତ ସ୍କୁଲ୍ ଫିସ୍‌କୁ ନେଇ ମଧ ବ୍ୟସ୍ତତା ପ୍ରକାଶ କରୁଛନ୍ତି ବୋଲି ଲୋକାଲ୍‌ସର୍କଲ୍ସ ପକ୍ଷରୁ କୁହାଯାଇଛି। ଅନ୍‌ଲାଇନ୍ କ୍ଲାସ୍ ଚାଲିଥିବା ସତ୍ତ୍ୱେ ଫିସ୍ ବଢ଼ାଯାଇଥିବା ଗତ ୩୦ ଦିନ ଭିତରେ ଅନେକ ଅଭିଭାବକ ଅଭିଯୋଗ କରିଛନ୍ତି। ଭାରତର ୩୦୨ ଜିଲାରୁ ୨୬,୦୦୦ ଅଭିଭାବକ ଏହି ସର୍ଭେରେ ଅଂଶ ଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୪୮ ପ୍ରତିଶତ ହେଉଛନ୍ତି ମେଟ୍ରୋ ବା ନଗରାଞ୍ଚଳର। ୧୫,୯୫୦ ଜଣ ସାମଗ୍ରିକ ଫିସ୍ ଢାଞ୍ଚା ସମ୍ପର୍କରେ ପଚରାଯାଇଥିବା ପ୍ରଶ୍ନର ଉତ୍ତର ଦେଇଥିଲେ। ମାତ୍ର ୧ ପ୍ରତିଶତ ଅଭିଭାବକ କହିଥିଲେ ଯେ, ତାଙ୍କ ପିଲାଙ୍କ ସ୍କୁଲ୍ ପକ୍ଷରୁ ୨୦୨୦-୨୧ ଶିକ୍ଷା ବର୍ଷରେ ୧୦-୨୦ ପ୍ରତିଶତ ଫିସ୍ ହ୍ରାସ କରାଯାଇଛି ଏବଂ ୨ ପ୍ରତିଶତ କହିଥିଲେ ଯେ ୨୦ ପ୍ରତିଶତ ଫିସ୍ ହ୍ରାସ କରାଯାଇଛି। ୨୨ ପ୍ରତିଶତ ସ୍କୁଲ୍ ଫିସ୍ ବାଇ ନ ଥିବା କହିଥିଲେ ଏବଂ ୧୨ ପ୍ରତିଶତ କିଛି ମତ ଦେଇ ନ ଥିଲେ। ଶିକ୍ଷା ଏକ ରାଜ୍ୟ ବିଷୟ ହେବା ସତ୍ତ୍ୱେ ରାଜ୍ୟ ସରକାର ଗୁଡ଼ିକ ଘରୋଇ ବିଦ୍ୟାଳୟଗୁଡ଼ିକର ଫିସ୍ ଢାଞ୍ଚାକୁ ନିୟନ୍ତ୍ରଣ କରିବାରେ ଅକ୍ଷମ। କରୋନା ମହାମାରୀ ସମୟରେ ବି ଅନେକ ଘରୋଇ ସ୍କୁଲ୍‌ରେ ମନଇଚ୍ଛା ଫିସ୍ ବଢ଼ାଯାଇଥିବା ବେଳେ ସରକାର ଏହାକୁ ନିୟନ୍ତ୍ରଣ କରୁ ନ ଥିବା ପଚରାଯାଇଥିବା ୧୦,୭୩୭ ଜଣଙ୍କ ମଧ୍ୟରୁ ୬୫ ପ୍ରତିଶତ ଅଭିଭାବକ ଅଭିଯୋଗ କରିଥିଲେ। କେବଳ ୬ ପ୍ରତିଶତ କହିଥିଲେ ଯେ ରାଜ୍ୟ ସରକାର ଠିକ୍ କାମ କରୁଛନ୍ତି। ୨୩ ପ୍ରତିଶତ କହିଥିଲେ ସରକାର କିଛି ପରିମାଣରେ ଫଳପ୍ରଦ। ୪୧ ପ୍ରତିଶତ କହିଥିଲେ ଯେ ସରକାର ନିଷ୍କ୍ରିୟ। ୨୪ ପ୍ରତିଶତ କହିଥିଲେ ସରକାର କିଛି ପଦକ୍ଷେପ ନେଇ ନାହାନ୍ତି। ଆଉ ୬ ପ୍ରତିଶତ ଅଭିଭାବକ କୌଣସି ମତ ଦେଇ ନ ଥିଲେ।

## ଡେଲ୍‌ଟା ଭାରିଏଣ୍ଟ ବିରୋଧରେ ଟିକାର ପ୍ରଭାବ ୮ଗୁଣ କମ




**ନୂଆଦିଲ୍ଲୀ :** ଭାରତରେ ତାଣ୍ଡବ ରଚିଥିବା କରୋନାର ଡେଲ୍‌ଟା ଭାରିଏଣ୍ଟକୁ ନେଇ ଚିନ୍ତାଜନକ ଖବର ଆସିଛି। କରୋନାକୁ ମାତ ଦେବା ପାଇଁ ବ୍ୟବହୃତ ଟିକାଗୁଡିକ ଡେଲ୍‌ଟା ଭାରିଏଣ୍ଟ ବିରୋଧରେ ଉହାନ୍ ଭୂତାଣୁଠାରୁ ୮ଗୁଣ କମ ପ୍ରଭାବ ଦେଖାଇ ପାରୁଥିବା ଜଣାପଡିଛି। ଏହାର ଅର୍ଥ ଉହାନରୁ ଆସିଥିବା ଭାରିଏଣ୍ଟ ତୁଳନାରେ ଭାରତରେ ପ୍ରଥମଥର ଠାବ ହୋଇଥିବା ଡେଲ୍‌ଟା ଭାରିଏଣ୍ଟ ଅଧିକ ମାରାତ୍ମକ। ସେହିପରି ଏହି ଡେଲ୍‌ଟା ଭାରିଏଣ୍ଟ ଟିକାର ପ୍ରଭାବରୁ ମଧ ୮ ଗୁଣା ହ୍ରାସ କରି ଦେଉଥିବା ନୂଆ ସର୍ଭେରୁ ସାମ୍ନାକୁ ଆସିଛି। ବି.୧.୬୧୭.୨ ବା ଡେଲ୍‌ଟା ଭାରିଏଣ୍ଟକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପୂର୍ବରୁ ହିଁ ଉଦ୍‌ବେଗଜନକ ଭାରିଏଣ୍ଟ ବୋଲି କହିସାରିଛି। ୧୦୦ରୁ ଅଧିକ ଦେଶରେ ଏହି ଭାରିଏଣ୍ଟ ଠାବ ହୋଇଥିବା ବେଳେ ସଂକ୍ରମଣ ହାର ମଧ ବଢ଼ିବାରେ ଲାଗିଛି। ଦିଲ୍ଲୀର ସାର ଗଙ୍ଗାରାମ ହସ୍ପିଟାଲ ପକ୍ଷରୁ କରାଯାଇଥିବା ଅନୁଧ୍ୟାନରୁ ଜଣାପଡିଛି ଯେ, ଡେଲ୍‌ଟା ଭାରିଏଣ୍ଟ ଟିକା ଦ୍ୱାରା ସୃଷ୍ଟି ହେଉଥିବା ଆଣ୍ଟିବଡିକୁ ନିଷ୍କ୍ରିୟ କରିବାରେ ସକ୍ଷମ ହେଉଛି। ସେହିପରି ପୂର୍ବରୁ ସଂକ୍ରମିତ ହୋଇ ସୁସ୍ଥ ହେଉଥିବା ଲୋକଙ୍କ ଶରୀରରେ ସୃଷ୍ଟି ହେଉଥିବା ଆଣ୍ଟିବଡିକୁ ମଧ ଡେଲ୍‌ଟା ଭାରିଏଣ୍ଟ ନିଷ୍କ୍ରିୟ କରିବାରେ ସଫଳ। ପୁନଃ ସଂକ୍ରମଣ ଓ କ୍ଷୀପ୍ର ଗତି ଯୋଗୁ ଡେଲ୍‌ଟା ଭାରିଏଣ୍ଟ ଅଧିକରୁ ଅଧିକ ଲୋକଙ୍କ ପାଖରେ ପହଞ୍ଚି ଯାଉଛି। ଟିକା ନେଇଥିବା ସ୍ୱାସ୍ଥ୍ୟକର୍ମୀଙ୍କୁ ମଧ ଏହି ଡେଲ୍‌ଟା ଭାରିଏଣ୍ଟ ସଂକ୍ରମିତ କରିବା ସହ ସେମାନଙ୍କଠାରୁ ଏହା ଅନ୍ୟମାନଙ୍କ ପାଖକୁ ଯାଉଛି। ସର୍ଭେ ବେଳେ ଟିକା ନେଇ ସଂକ୍ରମିତ ହୋଇଥିବା ପ୍ରାୟ ୧୦୦ଜଣ ସ୍ୱାସ୍ଥ୍ୟକର୍ମୀଙ୍କ ଯାଞ୍ଚ କରାଯାଇଥିଲା। ଦେଶର ୩ଟି ସ୍ଥାନରେ ଏପରି ପରୀକ୍ଷା କରାଯାଇଛି। ଏହି ସମୟରେ ଜଣାପଡିଛି ଯେ, ଡେଲଟା ଭାରିଏଣ୍ଟ ଟିକା ନେଇଥିବା ଲୋକଙ୍କୁ କେବଳ ସଂକ୍ରମଣ କରୁନାହିଁ ବରଂ ସେମାନଙ୍କ ଶରୀରରେ ଉଚ୍ଚ ଶ୍ୱାସ ଜନିତ ଭାଇରାଲ ଲୋଡ୍ ମଧ ଦେଖିବାକୁ ମିଳୁଛି। ଅନ୍ୟ ଭାରିଏଣ୍ଟ ତୁଳନାରେ ଏହି ଡେଲ୍‌ଟା ଭାରିଏଣ୍ଟ ଟିକା ନେଇଥିବା ସ୍ୱାସ୍ଥ୍ୟକର୍ମୀଙ୍କ ମଧ୍ୟରେ ଦ୍ରୁତ ଗତିରେ ମାଡୁଛି ବୋଲି ଗବେଷଣାରୁ ଜଣାପଡିଛି।

## ୨୦ରୁ ଜେଇଇ ମେନ୍




**ନୂଆଦିଲ୍ଲୀ :** ଆସନ୍ତା ୨୦ରୁ ୨୫ ମଧ୍ୟରେ ଜେଇଇ ମେନ ସେସନ-୩ ପରୀକ୍ଷା ଅନୁଷ୍ଠିତ ହେବ। ସେହିପରି ଜେଇଇ ସେସନ-୪ ପରୀକ୍ଷା ଜୁଲାଇ ୨୭ରୁ ଅଗଷ୍ଟ ୨ ମଧ୍ୟରେ ହେବ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ରମେଶ ପୋଖରିଆଲ ନିଶଙ୍କ ସୂଚନା ଦେଇଛନ୍ତି। ଆଜି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ରମେଶ ପୋଖରିଆଲ ଜେଇଇ ମେନ ୨୦୨୧ର ତାରିଖ ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୂଚନା ଦେଇ କହିଛନ୍ତି ଯେ, ଜେଇଇ ମେନ ତୃତୀୟ ସେସନ ଜୁଲାଇ ୨୦ ରୁ ୨୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ଏବଂ ଚତୁର୍ଥ ସେସନ ଜୁଲାଇ ୨୭ରୁ ଅଗଷ୍ଟ ୨ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଛାତ୍ରଛାତ୍ରୀମାନଙ୍କ ସୁବିଧା ପାଇଁ ଜେଇଇ ମେନ ପ୍ରଥମଥର ପାଇଁ ବର୍ଷକୁ ଚାରିଥର ପରିଚାଳିତ ହେଉଛି। କୋଭିଡ୍-୧୯ ମାମଲାରେ ବୃଦ୍ଧି ହେତୁ ୨୦୨୧ରେ ଏପ୍ରିଲ୍ ଏବଂ ମେ'ରେ ହେବାକୁ ଥିବା ଜେଇଇ ମେନର ପରୀକ୍ଷା ସ୍ଥଗିତ ରଖାଯାଇଥିଲା, ଯାହାକୁ ଚଳିତ ମାସରେ କରିବାକୁ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ନିଟ୍-ୟୁଜି ୨୦୨୧ ପରୀକ୍ଷା ଅଗଷ୍ଟ ୧ ପାଇଁ ଧାର୍ଯ୍ୟ କରାଯାଇଛି। କିନ୍ତୁ ସମୀକ୍ଷା ପରେ ତାହା ପରିବର୍ତ୍ତନ ହେବାର ସମ୍ଭାବନା ରହିଛି। ଛାତ୍ରଛାତ୍ରୀମାନେ ଦୀର୍ଘଦିନ ଧରି ଚୂଡାନ୍ତ ନିଷ୍ପତ୍ତି ନେବାକୁ ଦାବି କରି ଆସୁଥିଲେ ଏବଂ ଅନେକ ଭାରତରେ ଦୁଇଟି ପ୍ରମୁଖ ପ୍ରବେଶିକା ପରୀକ୍ଷା ବାତିଲ କରିବାକୁ ଦାବି କରିଆସୁଥିଲେ। ତେବେ ଆଜି ଏନେଇ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

### ଆଇଟି ଆକ୍ଟ ୬୬ଏ ରଦ୍ଦ ପରେ ବି ବ୍ୟବହାର

# କେନ୍ଦ୍ରକୁ ଜବାବ ମାଗିଲେ ସୁପ୍ରିମକୋର୍ଟ



**ନୂଆଦିଲ୍ଲୀ :** ମାର୍ଚ୍ଚ ୨୪, ୨୦୧୫ରେ ଆଇଟି ଆକ୍ଟର ଧାରା ୬୬ଏ ରଦ୍ଦ ହୋଇଛି। ସୁପ୍ରିମକୋର୍ଟ ଏକ ମାମଲାର ଶୁଣାଣି କରିବା ବେଳେ ଏହି ଧାରାକୁ ରଦ୍ଦ କରିଥିଲେ। ହେଲେ ଏହାପରେ ବି ସାରା ଦେଶର ପୋଲିସ ୬୬ଏକୁ ବ୍ୟବହାର କରି ମାମଲା ରୁଜୁ କରୁଛନ୍ତି। ମୁଖ୍ୟତଃ ଯେଉଁମାନେ ଫେସବୁକରେ କିଛି ପୋଷ୍ଟ କରୁଛନ୍ତି ସେମାନଙ୍କ ବିରୋଧରେ ମାମଲା ରୁଜୁ କରିବା ବେଳେ ପୋଲିସ ଧାରା ୬୬ଏକୁ ବ୍ୟବହାର କରୁଛି। ଏହାକୁ ନେଇ ସୁପ୍ରିମକୋର୍ଟର ତିନି ଜଣିଆ ଖଣ୍ଡପୀଠ ଅସନ୍ତୋଷ ପ୍ରକାଶ କରିବା ସହିତ ଚିନ୍ତାପ୍ରକଟ କରିଛନ୍ତି। ତିନି ଜଣିଆ ଖଣ୍ଡପୀଠ ଜଷ୍ଟିସ ଆର ନରିମନ, କେଏମେ ଜୋସେଫ୍ ଏବଂ ବିଆର ଗଭାଇ କହିଛନ୍ତି, ଆଶ୍ଚର୍ଯ୍ୟ ଲାଗୁଛି ଯାହା ବି ହେଉଛି ? ଦୁଇ ସପ୍ତାହ ମଧ୍ୟରେ ଏହାର ଜବାବ କେନ୍ଦ୍ର ସରକାର ରଖିବା ଦରକାର ବୋଲି କୋର୍ଟ କହିଛନ୍ତି। ପିପୁଲ ୟୁନିଅନ ଫର ସିଭିଲ ଲିବର୍ଟିଜ (ପିୟୁସିଏଲ) ଏ ନେଇ ଏକ ଆବେଦନ କରିଥିଲା। ଏହି ଆବେଦନ ଉପରେ କୋର୍ଟ ପ୍ରଥମେ ବିଚାର କରି ନୋଟିସ କରିଥିଲେ। ଏବେ ଏହି ଧାରା ଅନୁଯାୟୀ କେତୋଟି ମାମଲା ରୁଜୁ ହୋଇଛି ସେ ନେଇ କୋର୍ଟ ଜବାବ ମାଗିଛନ୍ତି। ଆବେଦନକାରୀଙ୍କ ଓକିଲ ସଞ୍ଜୟ ପାରିଖ କୋର୍ଟରେ ପକ୍ଷ ରଖି କହିଛନ୍ତି, ଏହି ଧାରା ରଦ୍ଦ ହେବା ସତ୍ତ୍ୱେ ବ୍ୟବହାର ହେଉଛି। ତେଣୁ ମୋଟ୍ କେତୋଟି ମାମଲା ରୁଜୁ ହୋଇଛି ସର୍ବଭାରତୀୟ ସ୍ତରରେ ଏହି ଧାରା ଅନୁଯାୟୀ କୋର୍ଟ ଏ ନେଇ କେନ୍ଦ୍ରକୁ ଜବାବ ମାଗିବା ଦରକାର ବୋଲି ସେ ନିବେଦନ କରିଛନ୍ତି। ସେ କହିଛନ୍ତି ଏହି ଧାରା ରଦ୍ଦ ହେବା ବେଳେ ୧୧ଟି ରାଜ୍ୟରେ ମୋଟ୍ ୨୨୯ଟି କେସ ପେଣ୍ଡିଂ ଥିଲା। କିନ୍ତୁ ଧାରା ୬୬ଏ ରଦ୍ଦ ହେବା ପରେ ୧,୩୦୭ଟି ମାମଲା ରୁଜୁ ହୋଇଛି। ୫୦୭ଟି କେସ୍ ପେଣ୍ଡିଂ ରହିଛି। ଆବେଦନକାରୀଙ୍କ ଓକିଲ କହିଛନ୍ତି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ଦେଶର ସମସ୍ତ ଜିଲ୍ଲା କୋର୍ଟ ଏବଂ ପ୍ରଶାସନକୁ ଏହି ଧାରା ୬୬ଏ ରଦ୍ଦ ହୋଇଛି ବୋଲି ବିଜ୍ଞପ୍ତି ପଠାଇବାକୁ ଫେବୃଆରୀ ୧୫, ୨୦୧୯ରେ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏହାପରେ ବି ୬୬ଏ ରଦ୍ଦ ହେଉଛି। ତେବେ ଆଟର୍ଣ୍ଣି ଜେନେରାଲ କେକେ ଭେନୁଗୋପାଲ କହିଛନ୍ତି, ଯଦିଓ ଧାରା ୬୬ଏ ରଦ୍ଦ ହୋଇଛି। ହେଲେ ଆଇନର ମୂଳ ଧାରରେ ଏ ବାବଦରେ ଉଲ୍ଲେଖ ହୋଇନାହିଁ। ଯେଉଁଠି ଏହି ଆଇନ ବାବଦରେ ଉଲ୍ଲେଖ ରହିଛି ସେଠାରେ ଶେଷରେ ରଦ୍ଦ ହୋଇଛି ବୋଲି ଉଲ୍ଲେଖ ରହିଛି। ତେଣୁ ପୁଲିସ ମାମଲା ରୁଜୁ କରିବା ବେଳେ ବୁଝୁଛି ମୂଳ ଆଇନରେ ଧାରା ୬୬ଏ ରଦ୍ଦ ହୋଇନି। ତେଣୁ ସେ ଧାରା ୬୬ଏକୁ ବ୍ୟବହାର କରୁଛି ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ମାର୍ଚ୍ଚ ୨୪, ୨୦୧୫ରେ ଶିବସେନା ପ୍ରତିଷ୍ଠାତା ବାଲ ଠାକରେଙ୍କର ମୃତ୍ୟୁ ଘଟିଥିଲା। ଏହି ସମୟରେ ଦୁଇ ଦିନ ପାଇଁ ମୁମ୍ବାଇ ବନ୍ଦ ରହିଥିଲା। ଏହାକୁ ପ୍ରତିବାଦ କରି ଫେସବୁକରେ ଦୁଇ ମହିଳା ଏହାକୁ ବିରୋଧ କରିଥିଲେ। ପରେ ପୁଲିସ ଗିରଫ କରିଥିଲା। ଏହାକୁ ବିରୋଧ କରି ଜଣେ ଆଇନଜୀବୀର ଛାତ୍ର ମାମଲା ଦାୟର କରିଥିଲେ। ପରୋ କୋର୍ଟ ମାମଲାର ଶୁଣାଣି କରି ଧାରା ୬୬ଏକୁ ରଦ୍ଦ କରିଥିଲେ।



# ଏସ୍‌ସିବିରେ ଲାଗିବ ୯ ଇକ୍‌ମୋ ମେସିନ



**ଭୁବନେଶ୍ୱର :** କଟକ ବଡମେଡିକାଲରେ ଲାଗିବ ୯ ଇକ୍‌ମୋ ମେସିନ। ଏନେଇ ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ପ୍ରଦୀପ୍ତ ମହାପାତ୍ର ସୂଚନା ଦେଇଛନ୍ତି। ସେ କହିଛନ୍ତି, ଓଡ଼ିଶାକୁ ୯ଟି ଇକ୍‌ମୋ ମେସିନ୍ ଆସିବ। ସବୁ ଏସ୍‌ସିବି ମେଡିକାଲରେ ଲାଗିବ। ଆସିବାକୁ ଥିବା ୯ଟି ଇକ୍‌ମୋ ମେସିନ୍ ଭିତରୁ ୬ଟିକୁ ରାଜ୍ୟ ସରକାରଙ୍କ ପାଣ୍ଠିରୁ ଆସିବ। ବାକି ୩ଟି ମେସିନ୍ ସିଏସ୍‌ଆର ପାଣ୍ଠିରୁ କିଣାଯିବ ବୋଲି ଶ୍ରୀ ମହାପାତ୍ର କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ଇକ୍‌ମୋ ପରିଚାଳନା ପାଇଁ ଆବଶ୍ୟକ ବିଶେଷଜ୍ଞ ଚୟନ ସରିଛି। ସେମାନଙ୍କୁ ଟ୍ରେନିଂ ଦେବାକୁ କୋଲକାତା ପଠାଯିବ। ଜୁଲାଇ ୩୧ ସୁଦ୍ଧା ଟ୍ରେନିଂ ସରିବ। ଅଗଷ୍ଟ ୧୫ରୁ ଇକ୍‌ମୋ କାର୍ଯ୍ୟକ୍ଷମ ହେବ ବୋଲି ଶ୍ରୀ ମହାପାତ୍ର କହିଛନ୍ତି। ସେପଟେ କରୋନା ମୃତ୍ୟୁକୁ ନେଇ ଥିବା ଦ୍ୱନ୍ଦ୍ୱ ଦୂର କରିଛନ୍ତି ଏସ୍‌ଆରସି ପ୍ରଦୀପ୍ତ ମହାପାତ୍ର। ସେ କହିଛନ୍ତି ଯେ, ଏବେ ଯେଉଁ ମୃତ୍ୟୁ ସଂଖ୍ୟା ଆସୁଛି, ତାହା ବର୍ତ୍ତମାନର ନୁହେଁ। ଆଜି ଆସୁଥିବା ମୃତ୍ୟୁସଂଖ୍ୟା ଗତକାଲିର ଘଟଣା ନୁହେଁ। କୋଭିଡ୍ ମୃତ୍ୟୁ ୩ ଥାକିଆ ଅଡିଟ୍ କମିଟି ଦ୍ୱାରା ସ୍ଥିର ହୋଇଥାଏ। ସମ୍ପୃକ୍ତ ମେଡିକାଲ, ଜିଲ୍ଲା ଓ ରାଜ୍ୟ କମିଟି ଅଡିଟ କରିଥାଏ। ମେ ଓ ଜୁନ୍‌ରେ ପ୍ରବଳ କେସ ଥିବାରୁ ଡାକ୍ତର ସମୟ ପାଇନଥିଲେ। ମେ ଓ ଜୁନ୍‌ରେ ଘଟିଥିବା ମୃତ୍ୟୁକୁ ସମୀକ୍ଷା କରାଯାଇ ଏବେ ସଂଖ୍ୟା ଆସୁଛି ବୋଲି ଏସିଏସ୍ ଶ୍ରୀ ମହାପାତ୍ର କହିଛନ୍ତି। ସେହିପରି ସେ ଆହୁରି କହିଛନ୍ତି ଯେ, ବର୍ତ୍ତମାନ ରାଜ୍ୟରେ ୨୮ ହଜାର ୧୫ ମାମଲା ସକ୍ରିୟ ରହିଛି। ଯେଉଁଥିରୁ ୮୦% ସଂକ୍ରମିତ ସଙ୍ଗରୋଧ ହୋଇ ରହିଛନ୍ତି। ବର୍ତ୍ତମାନ ୩.୪୯ ପ୍ରତିଶତ ପଜିଟିଭିଟି ରିପୋର୍ଟ ରହିଛି। ପୂର୍ବରୁ ୧୫.୪୭ ପ୍ରତିଶତ ପଜିଟିଭିଟି ହାର ରହୁଥିଲା ତାହା ଏବେ କମିବାରେ ଲାଗିଛି। ୩୦ ଜିଲ୍ଲାରୁ ୧୦ ଜିଲ୍ଲାରେ କୋଭିଡ୍ ପଜିଟିଭିଟି ହାର ୧ ପ୍ରତିଶତରୁ କମ ରହିଛି। ପାଖାପାଖି ୨୪ ଜିଲ୍ଲାରେ ପଜିଟିଭିଟି ହାର ୫ ପ୍ରତିଶତ ତଳେ ରହିଥିବା ବେଳେ ଆଉ ୬ଟି ଜିଲ୍ଲାରେ ପଜିଟିଭିଟି ହାର ୫ ପ୍ରତିଶତରୁ ସାମାନ୍ୟ ଉପରେ ରହିଛି। ସ୍ଥିତି ଆଗକୁ ଆହୁରି ସୁଧୁରିଯିବ ବୋଲି କହିଛନ୍ତି ଶ୍ରୀ ମହାପାତ୍ର। ଅପରପକ୍ଷରେ ରାଜ୍ୟରେ କରୋନା ରୋଗୀଙ୍କ ନିମନ୍ତେ ଉପଲବ୍ଧ ବେଡ୍ ସଂଖ୍ୟା ନେଇ ସେ କହିଛନ୍ତି ଯେ, ରାଜ୍ୟରେ ପାଖାପାଖି ୯୦ ପ୍ରତିଶତ ବେଡ୍ ଖାଲି ରହିଛି। ଜେନେରାଲ ବେଡ୍‌ରେ ୧୩ ପ୍ରତିଶତ ରୋଗୀ ଚିକିତ୍ସିତ ହେଉଥିବା ବେଳେ ୬୦ ପ୍ରତିଶତ କ୍ରିଟିକାଲ ବେଡ୍ ଖାଲି ରହିଛି। ରୋଗୀଙ୍କ ସଂଖ୍ୟା ବର୍ତ୍ତମାନ ବହୁତ କମ୍ ରହିଛି। ତେବେ ଏହାସତ୍ତ୍ୱେ ଆମେ ତୃତୀୟ ପ୍ରବାହ ନେଇ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛୁ। ସମ୍ପ୍ରତି ରାଜ୍ୟରେ ୧୪୦ ବ୍ଲାକ ଫଙ୍ଗସ ରୋଗୀ ରହିଛନ୍ତି। ସେମାନଙ୍କ ମଧ୍ୟରୁ ୨୦ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨୧ଜଣ ସମ୍ପୂର୍ଣ୍ଣ ସୁସ୍ଥ ହୋଇଗଲେଣି। ଏ ଲାଗି ମଧ୍ୟ ସବୁ ଜିଲ୍ଲା ହସ୍ପିଟାଲ, ବଡ ବଡ ମେଡିକାଲ କଲେଜ ହସ୍ପିଟାଲ ଓ ଘରୋଇ ହସ୍ପିଟାଲରେ ଚିକିତ୍ସା ବ୍ୟବସ୍ଥା କରାଯାଇଛି। ୧୫ ଶହରୁ ୧୬ଶହ ଭାଏଲ ରହିଛି। ଏଥିସହିତ ଶିଶୁମାନଙ୍କ ପାଇଁ ମଧ୍ୟ ସ୍ୱତନ୍ତ୍ର ପ୍ରସ୍ତୁତି କରାଯାଇଛି। ପ୍ରାୟ ୩ ହଜାର ସ୍ୱତନ୍ତ୍ର ବେଡର ବନ୍ଦୋବସ୍ତ କରାଯାଇଛି। ସେଥିରୁ ୬ଶହ ଆଇସିୟୁ ବେଡ୍ ରହିଛି।

# ଟିକା ନେଇ କରୋନା ସଂକ୍ରମିତ ହୋଇଛନ୍ତି ୦.୧୩%



ଭୁବନେଶ୍ୱର: ରାଜ୍ୟରେ ଯେତିକି ସଂଖ୍ୟକ କରୋନା ଟିକାର ଡୋଜ୍ ଦିଆଯାଇଛି ତହିଁରୁ ମାତ୍ର ୦.୧୩ ପ୍ରତିଶତ କରୋନାରେ ସଂକ୍ରମିତ ହୋଇଛନ୍ତି। ରାଜ୍ୟରେ କରୋନା ଟିକା ନେବା ପରେ ସଂକ୍ରମଣ(ବ୍ରେକ୍ ଥ୍ରୁ ଇନ୍‌ଫେକସନ୍) ପାଇଁ ରାଜ୍ୟ ସରକାର ନିକଟରେ ଏକ କମିଟି ଗଠନ କରିଥିଲେ। କମିଟିର ପ୍ରଥମ ବୈଠକରେ ଜିଲ୍ଲାସ୍ତରରୁ ଏହି ବ୍ୟକ୍ତିମାନଙ୍କ ତଥ୍ୟ ସଂଗ୍ରହ ଉପରେ ଗୁରୁତ୍ୱ ଦିଆଯାଇଥିଲା। ରାଜ୍ୟରେ ୧କୋଟି ୪୩ଲକ୍ଷ ୭୭ଜଣଙ୍କୁ ପ୍ରଥମ ଡୋଜ୍ ଟିକା ଦିଆଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୯୧୫୪ଜଣ ସଂକ୍ରମିତ ହୋଇଛନ୍ତି। ଯାହାର ହାର ହେଉଛି ୦.୦୯ ପ୍ରତିଶତ। ସେହିପରି ୨୪ଲକ୍ଷ ୪୮ହଜାର ୪୨୫ଜଣଙ୍କୁ ଦ୍ୱିତୀୟ ଡୋଜ୍ ଟିକା ଦିଆଯାଇଛି। ଏଥିରେ ୭୮୦୬ଜଣ ସଂକ୍ରମିତ ହୋଇଥିବା ବେଳେ ଏହାର ହାର ହେଉଛି ୦.୩୧ ପ୍ରତିଶତ। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ରାଜ୍ୟରେ ଟିକା ନେଇ ଯେତିକି ସଂଖ୍ୟକ ଲୋକ ପଜିଟିଭ୍ ହୋଇଛନ୍ତି, ତହିଁରେ ସଂଶୋଧନ ହୋଇପାରେ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ ଡବଲ ଡୋଜ୍ ଟିକା ନେବାର ୧୪ଦିନ ପରେ ଯେଉଁମାନେ କରୋନାରେ ସଂକ୍ରମିତ ହେବେ ସେମାନଙ୍କୁ ବ୍ରେକ୍ ଥ୍ରୁ ସଂକ୍ରମଣ ବୋଲି ଧରିବାକୁ ହେବ। ତେଣୁ ରାଜ୍ୟରେ ଦୁଇଟି ଡୋଜ୍ ଟିକା ନେବା ପରେ କେତିକି ସଂଖ୍ୟକ ଲୋକ ସଂକ୍ରମିତ ହୋଇଛନ୍ତି ତାହାର ଏକ ସଂଶୋଧିତ ତାଲିକା ପରବର୍ତ୍ତୀ ସମୟରେ ପ୍ରକାଶିତ ହେବ ବୋଲି ସୂଚନା ମିଳିଛି।

## ସାଇବର୍ ଠକେଇ

# ଓଡ଼ିଶା ଦେଶରେ ନବମ



**ଭୁବନେଶ୍ୱର :** ସାଇବର ଅପରାଧୀମାନେ ଏବେ ସାରା ଦେଶରେ ଆତଙ୍କ ସୃଷ୍ଟି କରିଛନ୍ତି। କ୍ଷଣିକରେ ଲୁଟି ନେଉଛନ୍ତି କୋଟିକୋଟି ଟଙ୍କା। ଏଭଳି ସ୍ଥିତିରେ ଓଡ଼ିଶାରେ ମଧ୍ୟ ସାଇବର ଠକଙ୍କ କାରନାମା ଧୀରେ ଧୀରେ ବଢ଼ିବଢ଼ି ଚାଲିଛି। ସାଇବର ଠକେଇରେ ପଶ୍ଚିମବଙ୍ଗ ଏବେ ଶୀର୍ଷରେ ଥିବାବେଳେ ଓଡ଼ିଶା ନବମ ସ୍ଥାନରେ ଥିବା ଜଣାପଡ଼ିଛି। କେନ୍ଦ୍ର ଗୃହ ମନ୍ତ୍ରଣାଳୟର ତଥ୍ୟ ଅନୁସାରେ, ଗତ ୨୩ମାସ ମଧ୍ୟରେ ଓଡ଼ିଶାରୁ ସାଇବର ଠକମାନେ ମୋଟ ୯୬ଲକ୍ଷରୁ ଅଧିକ ଟଙ୍କା ଲୁଟିଛନ୍ତି। କେବଳ ଜୁନ୍ ମାସରେ ଫୋନ୍ ମାଧ୍ୟମରେ ସାଇବର୍ ଠକ ରାଜ୍ୟରେ ୯୭୬ଜଣଙ୍କୁ ଠକିବାକୁ ଉଦ୍ୟମ କରିଥିବା ବେଳେ ୨୫୯ ଜଣ ଠକାମିର ଶିକାର ହୋଇଛନ୍ତି। ଜୁନରେ ଠକମାନେ ଓଡ଼ିଶାରୁ ୭୯ହଜାର ୯୯୬ ଟଙ୍କା ଲୁଟି ନେଇଥିବାବେଳେ ଗତ ୫ମାସରେ ମୋଟ ଲୁଟର ପରିମାଣ ୭ଲକ୍ଷ ୬୨ହଜାର ୩ଶହ ୭୧ଟଙ୍କା ବୋଲି ଜଣାପଡ଼ିଛି। ତେବେ ବର୍ତ୍ତମାନ ସୁଦ୍ଧା ରାଜ୍ୟରୁ ୭୭ଟି ଲ' ଏନ୍‌ଫୋର୍ସମେଣ୍ଟ ଏଜେନ୍ସି ୟୁଜର୍ ସକ୍ରିୟ ହୋଇ ସାଇବର୍ ଠକଙ୍କୁ ଧରିବା ପାଇଁ କାର୍ଯ୍ୟ କରୁଛନ୍ତି। ଏହି ୭୭ ଏଲ୍‌ଇଏ ୟୁଜର୍ସଙ୍କ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ତାଲିକାଭୁକ୍ତ କରିଥିବା ଜଣାପଡ଼ିଛି। ଏ ନେଇ ସାଇବର ବିଶେଷଜ୍ଞ ଆକାଶ ମିଶ୍ର କହିଛନ୍ତି, ଏପ୍ରିଲ୍ ମାସରେ ସାଧାରଣତଃ ଆର୍ଥିକ ବର୍ଷର ଆରମ୍ଭ ହେଉଥିବାରୁ ସର୍ବାଧିକ ସାଇବର ଠକେଇ ଦେଖିବାକୁ ମିଳିଥାଏ। କାରଣ ବ୍ୟାଙ୍କ୍‌ରେ ଅନେକ ଆକାଉଣ୍ଟ ବନ୍ଦ ହୁଏ ଓ କିଛି ନୂଆ ଖୋଲିଥାଏ। ଏହାକୁ ସାଇବର ଠକମାନେ ଟାର୍ଗେଟ୍ କରନ୍ତିୟ ବ୍ୟାଙ୍କୁ ଡାଟାବେସ୍ ଲିକ୍ କରିବା ପରେ ସଂପୃକ୍ତ ଲୋକଙ୍କୁ ଫୋନ୍ କରି ବିଭିନ୍ନ ଆଳ ଦେଖାଇ ଲୁଟ୍ କରନ୍ତି। ସେଥିପାଇଁ ଏପ୍ରିଲ୍ ଓ ମେ' ମାସରେ ସାଇବର ଠକେଇର ଅଭିଯୋଗ ଅଧିକ ଥାଏ। ତଥ୍ୟରୁ ଏକଥା ମଧ୍ୟ ଜଣାପଡ଼ିଛି ଯେ ସର୍ବାଧିକ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ପ୍ରତିମାସରେ ପ୍ରାୟ ୬ହଜାର ଲୋକେ ସାଇବର ଠକେଇର ଶିକାର ହେଉଥିବା ବେଳେ ସର୍ବନିମ୍ନ ଭାବେ ପଂଜାବ ନ୍ୟାସନାଲ୍ ବ୍ୟାଙ୍କ୍‌ର ପ୍ରାୟ ୬ଶହ ଲୋକ ପ୍ରତି ମାସ ଠକେଇର ଶିକାର ହେଉଛନ୍ତି। ଗୃହ ମନ୍ତ୍ରଣାଳୟର ଟାର୍ଗେଟ୍‌ରେ ଏବେ ବିଭିନ୍ନ ରାଜ୍ୟରୁ ମୋଟ ୩୫୦ ସାଇବର୍ ଠକ ଅଛନ୍ତି। ଯେଉଁଥିରୁ ଝାଡ଼ଖଣ୍ଡ, ଉତ୍ତରପ୍ରଦେଶ, ବିହାର, ମଧ୍ୟପ୍ରଦେଶ ରାଜ୍ୟରେ ସର୍ବାଧିକ ହ୍ୟାକର୍ ଥିବା ଜଣାପଡ଼ିଛି। ତାଲିକାଭୁକ୍ତ ସାଇବର ଠକଙ୍କ ମଧ୍ୟରୁ ଅନେକ ଗିରଫ ହୋଇସାରିଥିବା ବେଳେ ଆହୁରି ଅନେକ ଠକ ଲୁଚି ରହିଛନ୍ତି। ଗତ ମାସରେ ବିଭିନ୍ନ ରାଜ୍ୟରୁ ୩୦ରୁ ଅଧିକ ସାଇବର ଠକଙ୍କୁ ପୁଲିସ୍ ଗିରଫ କରିଥିବାରୁ ଏଥର ଠକେଇ କିଛିଟା କମିବ ବୋଲି କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଆଶା ପ୍ରକାଶ କରିଛି।

# 'ତୃତୀୟ ଲହର ପାଇଁ ସରକାର ପ୍ରସ୍ତୁତ'

**ଭୁବନେଶ୍ୱର :** ସମ୍ଭାବ୍ୟ ତୃତୀୟ ଲହର ପାଇଁ ରାଜ୍ୟ ସରକାର ପ୍ରସ୍ତୁତ ଥିବା କହି ଡିଏମ୍‌ଇଟି ସିବିକେ ମହାନ୍ତି କହିଛନ୍ତି, ଓଡ଼ିଶାର ୩ ଜିଲ୍ଲା ସମେତ ଭାରତର ୯୧ଟି ଜିଲ୍ଲାରେ ସଂକ୍ରମଣ କମିବା ମାତ୍ରା ବହୁତ କମ୍ ରହୁଛି। ତାହା ଧିରେ ଧିରେ କମୁଛି। ତୃତୀୟ ଲହର ଆସିପାରେ। ଏଥିପାଇଁ ନିଜେ ପ୍ରସ୍ତୁତ ରହିବା ଦରକାର। କୌଣସି ଜିନିଷ ସରଳ ରେଖାରେ ବଢ଼େନି, କି କମେନି। କଟକଣା କୋହଳ କରାଯିବାରୁ ଲୋକ ଖୁଲମଖୁଲା ହୋଇଗଲେଣି। ଫଳରେ ବିପଦ ବଢ଼ିବା ଆଶଙ୍କା ବି ବଢୁଛି। ଏହାବାଦ ଗର୍ଭବତୀଙ୍କ ଟିକାକରଣ ସମ୍ପର୍କରେ ପରିବାର କଲ୍ୟାଣ ନିର୍ଦ୍ଦେଶକ କହିଛନ୍ତି, ଗର୍ଭବତୀମାନେ କରୋନା ଟିକା ନେଲେ ବିପଦ ନାହିଁ। ତେବେ ଟିକା ନେବାକୁ ଆସୁଥିବା ଗର୍ଭବତୀ ଧାଡ଼ିରେ ଛିଡ଼ା ହେବେ ନାହିଁ। ଟିକାକରଣ କେନ୍ଦ୍ରରେ ସେମାନଙ୍କ ପାଇଁ ସ୍ୱତନ୍ତ୍ର ପ୍ରତୀକ୍ଷାଳୟ କରାଯିବ। ଗର୍ଭବତୀମାନେ ଟିକା ନେଲେ ଫଳପ୍ରଦ ହେବ ବୋଲି ପ୍ରଥମେ ସେମାନଙ୍କୁ ସଚେତନ କରାଯିବ। ଗର୍ଭବତୀଙ୍କୁ ଟିକାକରଣ ନେଇ ସ୍ୱାସ୍ଥ୍ୟକର୍ମୀଙ୍କୁ ତାଲିମ ଦିଆଯିବ। ଟିକା ନେବା ପରେ ସେମାନଙ୍କ ଉପରେ ଏହାର କିଛି ପାର୍ଶ୍ୱ ପ୍ରତିକ୍ରିୟା ରହୁଛି କି ନାହିଁ ତାହା ଅନୁଧ୍ୟାନ କରାଯିବ ବୋଲି କହିଛନ୍ତି ପରିବାର କଲ୍ୟାଣ ନିର୍ଦ୍ଦେଶକ। ଘର ଘର ବୁଲି ଗର୍ଭବତୀଙ୍କୁ ଟିକାକରଣ କରିବା ପ୍ରସ୍ତାବକୁ ବାରଣ କରାଯାଇଛି। କାରଣ ସେମାନେ ନିକଟସ୍ଥ କେନ୍ଦ୍ରକୁ ଆସି ଟିକା ନେଲେ ତାହାର ପାର୍ଶ୍ୱ ପ୍ରତିକ୍ରିୟା କ'ଣ ରହୁଛି ତାହା ନଜରରେ ରହିବ।

## ସୂଚନା ଏବଂ ଲୋକ ସମ୍ପର୍କ ବିଭାଗର ବଡ ନିଷ୍ପତ୍ତି

# ସୋସିଆଲ ମିଡ଼ିଆ ଓ ୱେବ ସାମ୍ବାଦିକଙ୍କୁ ସରକାରୀ କାର୍ଯ୍ୟାଳୟ ମନା !

**ଭୁବନେଶ୍ୱର :** ସୋସିଆଲ ମିଡ଼ିଆ ୱେବ ମିଡ଼ିଆରେ ଯେଉଁମାନେ କାର୍ଯ୍ୟରତ ଅଛନ୍ତି ସେମାନେ ହେଉଛନ୍ତି ସାମ୍ବାଦିକ। ସେମାନେ ଖବର ପ୍ରକାସ କରି ପାରିବେ ଲୋକଙ୍କ ସମସ୍ୟାକୁ ନେଇ, କିନ୍ତୁ କୌଣସି ସରକାରୀ କାର୍ଯ୍ୟାଳୟ କିମ୍ବା ଉଚ୍ଚସ୍ତରୀୟ ଅଧିକାରୀଙ୍କୁ ମାଗିପାରିବେନି ପ୍ରତିକ୍ରିୟା ! ଯୋଉ ସଂସ୍ଥାନ ଆଇପିଆର ଅନ୍ତରଭୁକ୍ତ ସରକାରୀ ବିଜ୍ଞାପନ ପାଉଥିବେ କିମ୍ବା ଦୈନିକ ପେ' ଚ୍ୟାନେଲ ହୋଇଥିବ ସେମାନଙ୍କର ହିଁ ପ୍ରତିକ୍ରିୟା ସ୍ୱରୂପ ନେଇ ପାରିବେ ଓ ସରକାରଙ୍କ ପାଖରେ ଉପସ୍ଥାପନା କରି ପାରିବେ ! ସରକାରୀ କାର୍ଯ୍ୟକ୍ରମରୁ ନିବୃତ୍ତ ରହିବେ। ଲୋକଙ୍କ ସମସ୍ୟାକୁ ନିଜ ପୋର୍ଟାଲ କିମ୍ବା ୟୁଟିୟୁବ ଚ୍ୟାନେଲରେ ଛାଡି ପାରିବେ। ଯଦି ଏହାକୁ ବ୍ୟତିକ୍ରମ କରାଯାଏ ତାହାଲେ ସରକାରୀ କାର୍ଯ୍ୟାଳୟ ଓ କର୍ମଚାରୀ ଅଧିକାରୀ ସମ୍ପୃକ୍ତ ସୋସିଆଲ ମିଡ଼ିଆ ଓ ୱେବ ସାମ୍ବାଦିକଙ୍କ ଉପରେ ଏତେଲା ଦେବା ସହିତ ଆଇନର ଆଶ୍ରୟ ନେଇପାରିବେ। ସବୁ ସରକାରୀ ଅଧୀନ କାର୍ଯ୍ୟାଳୟ ପ୍ରଶାସନିକ ଅଧିକାରୀ ମାନେ କୌଣସି ପ୍ରତିକ୍ରିୟା ଦେବା ପୂର୍ବରୁ ଅନ୍ୱାନ କରିବେକି ସାମ୍ବାଦିକ ଜଣକ କୋଉ ଖବର କାଗଜ କିମ୍ବା ଟିଭି ଚ୍ୟାନେଲର। ବହୁତ ଜଲଦି ବିଭିନ୍ନ ଜିଲ୍ଲା ଡିଆଇପିଆର୍‌ଓ ବିଭାଗ ତର'ରୁ ସମସ୍ତ ଜିଲ୍ଲା ଓ ବ୍ଲକ ସାମ୍ବାଦିକଙ୍କ ତାଲିକା ପ୍ରଶାସନିକ କାର୍ଯ୍ୟାଳୟ ଦପ୍ତର, ବ୍ଲକ ପ୍ରଶାସନକୁ ପଠେଇବା ପାଇଁ ନିର୍ଦ୍ଦେଶ ମଧ୍ୟ ଆସି ସାରିଛି। ସାମ୍ବାଦିକ କେଉଁ ଖବର କାଗଜ କେଉଁ ଚ୍ୟାନେଲ ଓ ଫୋଟୋକୁ ସମସ୍ତ ବିଭାଗକୁ ପଠେଇ ଦିଆଯିବ। କହିବାକୁ ଗଲେ ଫେକ ଚ୍ୟାନେଲ ଓ ଦିନକୁ ଦିନ ବଢ଼ି ଚାଲିଥିବା ସୋସିଆଲ ମିଡ଼ିଆ ଓ ୱେବ ପୋର୍ଟାଲ ଉପରେ ପ୍ରତିବନ୍ଧକ ଆସିବାକୁ ଯାଉଛି। ନୂତନ ବର୍ଷର ସ୍ୱାସ୍ଥ୍ୟବୀମା ଆଳରେ ସରକାର ବାଛି ବାଛି ତାଲିକା ପ୍ରସ୍ତୁତି କରିବାରେ ଲାଗିଛନ୍ତି।


# ଏଣିକି ଶିକ୍ଷକ ନିଯୁକ୍ତି ପାଇଁ ପ୍ରବେଶିକା ପରୀକ୍ଷା



**ଭୁବନେଶ୍ୱର :** ଖୁବଶୀଘ୍ର ପୂରଣ ହେବ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟ ତଥା ହାଇସ୍କୁଲରେ ଖାଲି ପଡ଼ିଥିବା ୧୦ ହଜାର ଶିକ୍ଷକ ପଦ। ୪୪୪୫ ହିନ୍ଦୀ, ସଂସ୍କୃତ, ପିଇଟି (ଶାରୀରିକ ଶିକ୍ଷା ଶିକ୍ଷକ)ଙ୍କ ସମେତ ୬ ହଜାର ଟିଜିଟି (ଟ୍ରେଣ୍ଡ୍ ଗ୍ରାଜୁଏଟ୍ ଟିଚର) ନିଯୁକ୍ତି ଲାଗି ରାଜ୍ୟ ସରକାର ବଡ଼ ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି। ତେବେ ପ୍ରଥମ ଥର ପାଇଁ ଏତେ ଶିକ୍ଷକଙ୍କୁ ପ୍ରବେଶିକା ପରୀକ୍ଷା ମାଧ୍ୟମରେ ଚୟନ କରାଯିବ। ଏହି ପ୍ରବେଶିକା ପରୀକ୍ଷା ସିବିଟି(କମ୍ପ୍ୟୁଟର ବେସଡ୍ ଟେଷ୍ଟ) ମାଧ୍ୟମରେ ହେବ। ସିବିଟି ମାଧ୍ୟମରେ ପରୀକ୍ଷା କରିବା ଲାଗି ଏକ ସ୍ୱତନ୍ତ୍ର ସଂସ୍ଥାକୁ ନିୟୋଜିତ କରାଯିବ ଏବଂ ପରୀକ୍ଷା ଫଳ ଆଧାରରେ ଶିକ୍ଷକମାନେ ନିଯୁକ୍ତି ପାଇବେ। ପୂର୍ବରୁ ଯେତେଥର ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ହୋଇଛି ତାହା ଯୋଗ୍ୟତା ତଥା କ୍ୟାରିଅର ମାର୍କିଂ ଆଧାରରେ କରାଯାଇଛି। ତେବେ ଏଥର ପ୍ରବେଶିକା ପରୀକ୍ଷା ମାଧ୍ୟମରେ ଶିକ୍ଷକ ନିଯୁକ୍ତି ଓଡ଼ିଶା ଇତିହାସରେ ପ୍ରଥମ ଘଟଣା ହେବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି। ସୂଚନା ଅନୁଯାୟୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକଙ୍କ ଘୋର ସଙ୍କଟ ଦେଖାଦେଇଛି। ଗତ ୫ ବର୍ଷ ହେଲା ନିଯୁକ୍ତି ପ୍ରକ୍ରିୟା ହୋଇ ନ ଥିବାରୁ ହିନ୍ଦୀ, ସଂସ୍କୃତ, ପିଇଟି ଓ ଟିଜିଟି ଆଦି ବହୁ ଶିକ୍ଷକ ପଦ ଖାଲିପଡ଼ିଛି। ୨୦୧୬ରେ ହିନ୍ଦୀ, ସଂସ୍କୃତ, ପିଇଟି ଓ ୨୦୧୯-୨୦ରେ ଟିଜିଟିକୁ ମିଶାଇ ମୋଟ ୨୭୪୦ ପଦ ଲାଗି ନିଯୁକ୍ତି ପ୍ରକ୍ରିୟା ହୋଇଥିବା ବେଳେ ସେଥିମଧ୍ୟରୁ ମାତ୍ର ୧୩୦୦ ଜଣ ନିଯୁକ୍ତ ହୋଇଥିଲେ। ସେବେଠାରୁ ଆଉ ନିଯୁକ୍ତି ହୋଇ ନ ଥିବାରୁ ଦିନକୁ ଦିନ ଖାଲି ଶିକ୍ଷକ ପଦ ବଢ଼ିବଢ଼ି ଚାଲିଛି। ଜିଲ୍ଲା ଶିକ୍ଷା ଅଧିକାରୀ(ଡିଇଓ)ଙ୍କ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଫେବ୍ରୁଆରି ପହିଲା ସୁଦ୍ଧା ରାଜ୍ୟରେ ୧୨ ହଜାର ୫୦୦ ହିନ୍ଦୀ, ସଂସ୍କୃତ, ପିଇଟି ଓ ଟିଜିଟି ପଦ ଖାଲି ରହିଛି। ଯାହାକି ମୋଟ ଅନୁମୋଦିତ ଶିକ୍ଷକ ପଦର ୩୪% ହେବ। ଏତେ ସଂଖ୍ୟକ ବିଷୟ ଭିତ୍ତିକ ପଦ ଖାଲିପଡ଼ିବା ଚିନ୍ତାର ବିଷୟ ପାଲଟିଛି। ତାହାକୁ ନଜରରେ ରଖି ଏବଂ ଛାତ୍ରଛାତ୍ରୀଙ୍କ ପାଠପଢ଼ା ଯେପରି ପ୍ରଭାବିତ ନ ହୁଏ ସେଥିପାଇଁ ତୁରନ୍ତ ପଦ ପୂରଣ କରିବାକୁ ଉଚ୍ଚସ୍ତରୀୟ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଇତିମଧ୍ୟରେ ଉଚ୍ଚ ବିଦ୍ୟାଳୟ ତଥା ହାଇସ୍କୁଲରେ ଖାଲିଥିବା ୪ ହଜାର ୪୪୫ ହିନ୍ଦୀ, ସଂସ୍କୃତ ଓ ପିଇଟି ପଦ ପୂରଣ ଲାଗି ଅର୍ଥ ବିଭାଗ ପକ୍ଷରୁ ଅନୁମତି ମିଳିସାରିଛି। ଏଥିସହ ୬ ହଜାର ଟିଜିଟି ପଦ ପୂରଣ ଲାଗି ମଧ୍ୟ ପ୍ରକ୍ରିୟା ଜାରି ରହିଛି। ତେଣୁ ଚଳିତବର୍ଷରେ ୧୦ ହଜାର ୪୪୫ ଶିକ୍ଷକ ନିଯୁକ୍ତି କରିବାକୁ ରାଜ୍ୟ ସରକାର ଯୋଜନା ପ୍ରସ୍ତୁତ କରିଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ବୈଷୟିକ କମିଟି ଏଦିଗରେ ବ୍ୟାପକ ମାନସମନ୍ୱନ କରିବା ସହ ସିବିଟି ମାଧ୍ୟମରେ ନିଯୁକ୍ତି ପ୍ରକ୍ରିୟା କରିବା ପାଇଁ ପ୍ରସ୍ତାବ ଦେଇଛି। ଯାହାକୁ ଆଧାର କରି ବିଭାଗ ଏବେ ପ୍ରବେଶିକା ପରୀକ୍ଷା ଲାଗି ଟେଣ୍ଡର ଆହ୍ୱାନ କରିବାକୁ ଯାଉଛି। ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଗଣଶିକ୍ଷା ବିଭାଗଠାରୁ ଅନୁମତି ଲୋଡ଼ାଯାଇଛି। ଯେତେଶୀଘ୍ର ଅନୁମତି ମିଳିଲେ ଏଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

## ଅନ୍‌ଲାଇନ୍ ଶିକ୍ଷାରୁ ବଞ୍ଚିତଙ୍କ ପାଇଁ ବ୍ଲୁ ପ୍ରିଣ୍ଟ

# ଶିକ୍ଷକତା ପଢୁଥିବା ଛାତ୍ର ପଢ଼ାଇବେ ପାଠ



**ଭୁବନେଶ୍ୱର :** ଅନଲାଇନ୍ ଶିକ୍ଷାରୁ ବଞ୍ଚିତ ଛାତ୍ରଛାତ୍ରୀଙ୍କ ପାଇଁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଛି ଗଣଶିକ୍ଷା ବିଭାଗ। ଇଣ୍ଟରନେଟ ନ ଥିବା ଉପାନ୍ତ ଅଞ୍ଚଳରେ ଘରକୁ ଘର ବୁଲି ପାଠ ପଢାଇବେ ଶିକ୍ଷକତା ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀ। ଇଣ୍ଟର୍ଣ୍ଣସିପ୍ ପ୍ରୋଗ୍ରାମ ମାଧ୍ୟମରେ ସେମାନେ ପାଠ ପଢାଇବେ। ଏହାବାଦ ଜୁଲାଇ ଶେଷ ମଧ୍ୟରେ ଯୁକ୍ତ ୨ ରେଜଲ୍ଟ ପ୍ରକାଶ ପାଇବ ବୋଲି କହିଛନ୍ତି ଗଣଶିକ୍ଷା ମନ୍ତ୍ରୀ ସମୀର ଦାସ। ସିବିଟି ମାଧ୍ୟମରେ ୧୦ ହଜାର ଶିକ୍ଷକତା ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କୁ ଏଥିନିମନ୍ତେ ଚୟନ କରାଯିବ। ଏମାନେ ୧୦ ହଜାର ଗାଁରେ ପାଠ ପଢାଇବେ। ଜଣେ ଲେଖାଏଁ ଛାତ୍ର ୧୦ ଜଣ ପିଲାଙ୍କୁ ପାଠ ପଢାଇବେ। ଟିଚର୍ ଏଡୁକେଟେର୍ ସେମାନଙ୍କୁ ଗାଇଡ୍ କରିବେ। ଆଉ ଅବଶିଷ୍ଟ ପିଲାଙ୍କ ପାଇଁ କଣ ବ୍ୟବସ୍ଥା କରାଯିବ ସେନେଇ ସମୀକ୍ଷା ଚାଲିଛି। ଏନେଇ ଗଣଶିକ୍ଷା ମନ୍ତ୍ରୀ ସମୀର ଦାସ କହିଛନ୍ତି, ମଧୁ ଆପ୍, ୟୁଟ୍ୟୁବ୍, ରେଡିଓ ଦ୍ୱାରା ପିଲାଙ୍କୁ ପାଠ ପଢାଯାଉଛି। ଏହା ଛଡ଼ା ରାଜ୍ୟରେ ଖାଲି ଥିବା ହିନ୍ଦୀ ଏବଂ ସଂସ୍କୃତ ଶିକ୍ଷକ ପଦବୀ ପୂରଣ ହେବ। ୪୫୫୮ ପଦବୀ ପୂରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିପାଇଁ ଓଏସଏସଟିଇଟି ପରୀକ୍ଷା ହେବାକୁ ଯାଉଛି। ଏହାବାଦ ମନ୍ତ୍ରୀ କହିଛନ୍ତି, ଯୁକ୍ତ ୨ ରେଜଲ୍ଟ ଅଗଷ୍ଟ ଦ୍ୱିତୀୟ ସପ୍ତାହରେ ପ୍ରକାଶ କରିବୁ ବୋଲି କହିଥିଲୁ। କିନ୍ତୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଆମେ ଚେଷ୍ଟା କରୁଛୁ। ଜୁଲାଇ ଶେଷ ମଧ୍ୟରେ ଯୁକ୍ତ ୨ ରେଜଲ୍ଟ ପ୍ରକାଶ ପାଇବ।


# ଏ ବିପଦ ସମୟରେ ସରକାର ଆପଣଙ୍କ ସାଥୀରେ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ରାଜ୍ୟର ୬୪,୨୧୪ଟି ଆପଦଗ୍ରସ୍ତ ଆଦିମ ଜନଜାତି ପରିବାରକୁ (ପିଭିଟିଜି) ୫୦୦୦ ଟଙ୍କା ଲେଖାଏଁ 'ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର କୋଭିଡ୍ ସହାୟତା' ପ୍ରଦାନ କରିଛନ୍ତି। କୋଭିଡର ଦ୍ୱିତୀୟ ଲହରୀରେ ଏହି ଆଦିମ ଜନଜାତି ପରିବାରମାନଙ୍କୁ ଆର୍ଥିକ ସୁରକ୍ଷା ଦେବା ପାଇଁ ଏହି ସହାୟତା ପ୍ରଦାନ କରାଯାଇଛି। ଏହା ସମସ୍ତଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପ୍ରଦାନ କରାଯାଇଛି। ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି, ମୁଁ ଜାଣେ କରୋନା ରୋଗ ଯୋଗୁଁ ଗରିବ ଲୋକଙ୍କ ରୋଜଗାର ଉପରେ ବହୁତ ପ୍ରଭାବ ପଡିଛି। ଆପଣମାନଙ୍କ ରୋଜଗାର ଉପରେ ମଧ୍ୟ ବହୁତ ପ୍ରଭାବ ପଡିଛି। ଏ ବିପଦ ସମୟରେ ଆପଣମାନେ ଏକା ନୁହନ୍ତି। ଆପଣଙ୍କ ସାଥୀରେ ସରକାର ଅଛନ୍ତି। ଆପଣଙ୍କ କଲ୍ୟାଣ ପାଇଁ ସରକାର କାମ କରୁଛି। ସୂଚନାଯୋଗ୍ୟ ଯେ, ରାଜ୍ୟରେ ସମୁଦାୟ ୧୬୭୯ଟି ପିଭିଟିଜି ଗାଁ ରହିଛି। କୋଭିଡ୍ ସମୟରେ ରାଜ୍ୟ ସରକାର ମାସ୍କ, ସାନିଟାଇଜର ଓ ସାବୁନ ବଣ୍ଟନ ସହିତ ସଙ୍ଗରୋଧ କେନ୍ଦ୍ର ଏବଂ ଟିକାକରଣକୁ ପ୍ରାଥମିକତା ଦେଇ କୋଭିଡ୍ ପରିଚାଳନା କରୁଛନ୍ତି। ପିଭିଟିଜି ଜନଜାତିଙ୍କ ମଧ୍ୟରୁ ୩୧୪ଜଣ କୋଭିଡ୍ ପୀଡିତ ହୋଇଥିଲେ ମଧ୍ୟ ଗୋଟିଏ ବି ଜୀବନ ହାନୀ ହୋଇନାହିଁ ବୋଲି ଜଣାପଡିଛି। ପିଭିଟିଜି ଗାଁ ମାନଙ୍କରେ ୧୮ଟି ଆମ୍ବୁଲାନ୍ସ ସହିତ କୋଭିଡ୍ ପରିଚାଳନାକୁ ତ୍ୱରାନ୍ୱିତ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଖୁସି ପ୍ରକାଶ କରି କହିଛନ୍ତି, ମୁଁ ବହୁତ ଖୁସି ଯେ ଆଜି ଆପଣଙ୍କ ବ୍ୟାଙ୍କ ଖାତାରେ ମୁଖ୍ୟମନ୍ତ୍ରୀଙ୍କ ସହାୟତା ଭାବରେ ୫୦୦୦ ଟଙ୍କା ଜମା କରାଗଲା। ରାଜ୍ୟର ସବୁ ପିଭିଟିଜି ଜନଜାତି ଗାଁର ସବୁ ପରିବାର ଏହି ସହାୟତା ପାଇବେ। ଆମର ପିଭିଟିଜି ଜନଜାତି ଭାଇ ଭଉଣୀଙ୍କ ମଧ୍ୟରୁ ୩୦୦ରୁ ଅଧିକ ଲୋକ କରୋନାରେ ପୀଡିତ ଥିଲେ। ସେତେବେଳେ ସେମାନଙ୍କୁ ୨୫୦୦ ଟଙ୍କାର ରାସନ କିଟ୍ ଦିଆଯାଇଥିଲା। ତା ସହିତ ମଜୁରୀ କ୍ଷତି ଭରଣା ପାଇଁ ୧୪୦୦ ଟଙ୍କା ଲେଖାଏଁ ଦିଆଯାଇଥିଲା। ସମସ୍ତେ ସଚେତନ ରହିବାକୁ ଅନୁରୋଧ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, କରୋନା ବିଷୟରେ ଆମେ ବିଶେଷ କିଛି ଜାଣିନାହୁଁ। ତେଣୁ ଆମକୁ ସାବଧାନ ରହିବାକୁ ହେବ। ମାସ୍କ ପିନ୍ଧିବା, ବାରମ୍ବାର ସାବୁନରେ ହାତ ଧୋଇବା ଓ ଭିଡରୁ ଦୂରେଇ ରହିଲେ କରୋନା ଆମଠାରୁ ଦୂରେଇ ଯିବ। ତା ସହିତ ସମସ୍ତଙ୍କ ପାଇଁ ଦୁଇ ଡୋଜ ଟିକା ଖୁବ୍ ଜରୁରୀ। ସେମାନଙ୍କ ମଧ୍ୟରୁ ଅନେକ ଜଣ ଟିକା ନେଲେଣି ଜାଣି ମୁଖ୍ୟମନ୍ତ୍ରୀ ଖୁସି ପ୍ରକାଶ କରିବା ସହିତ ସମସ୍ତେ ଟିକା ନିଅନ୍ତୁ, ନିଜ ପରିବାର, ବନ୍ଧୁ ସମସ୍ତଙ୍କୁ ଟିକା ନେବାକୁ କୁହନ୍ତୁ ବୋଲି ଅନୁରୋଧ କରିଥିଲେ। ସେହିପରି ଏସ୍‌ସି ଏବଂ ଏସ୍‌ଟି ଛାତ୍ରଛାତ୍ରୀଙ୍କ ବୃତ୍ତି ପ୍ରଦାନ କରି ମୁଖ୍ୟମନ୍ତ୍ରୀ



କହିଥିଲେ ଯେ, କରୋନା ଯୋଗୁଁ ପିଲାମାନେ ଗତ ଏକବର୍ଷରୁ ଅଧିକ ସମୟ ହେଲା ହଷ୍ଟେଲ ଛାଡି ଘରେ ଅଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ, ମୁଁ ଆଶା କରୁଛି ତୁମେ ମାନେ ଘରେ ମଧ୍ୟ ନିଜ ପାଠ ପ୍ରତି ଧ୍ୟାନ ଦେବ। ମୁଁ ଚାହେଁ ତୁମେ ମାନେ ଭଲ ପାଠ ପଢ଼। ବଡ ମଣିଷ ହୁଅ। ତୁମ ପରିବାର, ତୁମ ଗାଁ, ତୁମ ସମାଜକୁ ବିକାଶ ସହ ଯୋଡି ପରିବର୍ତ୍ତନର ସାରଥି ହୁଅ। ଆଜି ମଧ୍ୟ ୬୦,୦୦୦ ଏସ୍‌ସି ଏବଂ ଏସ୍‌ଟି ଛାତ୍ରଛାତ୍ରୀଙ୍କୁ ଏପ୍ରିଲ, ମେ ଓ ଜୁନ୍ ଏ ତିନି ମାସ ପାଇଁ ଏକକାଳୀନ ପ୍ରାକ ମାଟ୍ରିକ ଛାତ୍ରବୃତ୍ତି ଦିଆଗଲା। ଏହା ପିଲାଙ୍କ ବାପା ମା'ଙ୍କ ବ୍ୟାଙ୍କ ଖାତାରେ ଜମା ହେଲା। ଝିଅ ମାନଙ୍କ ପାଇଁ ୨୪୦୦ ଟଙ୍କା ଓ ପୁଅ ମାନଙ୍କ ପାଇଁ ୨୨୫୦ ଟଙ୍କା ଦିଆଗଲା। ସମୁଦାୟ ୫ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଏହି ସୁବିଧା ପାଇବେ। ସୂଚନାଯୋଗ୍ୟ ଯେ, ଗତବର୍ଷ ମଧ୍ୟ କୋଭିଡ୍ ଯୋଗୁଁ ଆଗୁଆ ଛାତ୍ରବୃତ୍ତି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଅନୁସୂଚିତ ଜନଜାତି ଓ ଜାତି ବିକାଶ ମନ୍ତ୍ରୀ ଜଗନ୍ନାଥ ସାରକା ଅନୁସୂଚିତ ଜନଜାତି ଓ ଜାତି ବର୍ଗର ଲୋକଙ୍କ ପାଇଁ ସରକାରଙ୍କ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। କୋଭିଡ୍ ପରିଚାଳନାରେ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱ ଯୋଗୁଁ ରାଜ୍ୟର ଛବି ଉଜ୍ଜ୍ୱଳ ହୋଇଛି ବୋଲି ସେ କହିଥିଲେ। ଦକ୍ଷତା ବିକାଶ ମନ୍ତ୍ରୀ ପ୍ରେମାନନ୍ଦ ନାୟକ କହିଥିଲେ ଯେ, ମୁଖ୍ୟମନ୍ତ୍ରୀଙ୍କ ଏହି ସହାୟତା ଦ୍ୱାରା ଜନଜାତି ସମୁଦାୟଙ୍କ ଆର୍ଥିକ, ସାମାଜିକ ବିକାଶ ହେବା ସହିତ ସେମାନଙ୍କ ମନୋବଳ ମଧ୍ୟ ବୃଦ୍ଧି ପାଇବ। ଚିତ୍ରକୋଣ୍ଡା ଓ କରଞ୍ଜିଆ ବିଧାୟକ ମଧ୍ୟ ଉପସ୍ଥିତ ରହି ସେମାନଙ୍କର ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ରାୟଗଡା ଓ କଳାହାଣ୍ଡି ଜିଲ୍ଲାରେ କେତେକ ପିଭିଟିଜି ପରିବାର ସହିତ ଆଲୋଚନା କରିଥିଲେ। ରାୟଗଡାର ଲହରୀ ଗୁଣ୍ଡିଆ, କଳାହାଣ୍ଡିର ରତନୀ ମାଝି ଏବଂ ଆଉ କେତେ ଜଣ ହିତାଧିକାରୀ ୫୦୦୦ ଟଙ୍କାର ସ୍ୱତନ୍ତ୍ର କୋଭିଡ୍ ସହାୟତା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେବା ସହିତ ସେମାନେ କୋଭିଡ୍ ସମୟରେ ସରକାରଙ୍କ ଠାରୁ ଉତ୍ତମ ସେବା ପାଉଛନ୍ତି ବୋଲି ଜଣାଇଥିଲେ। ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଟିକା ନେଇଛନ୍ତି କି ନାହିଁ ପଚାରି ବୁଝିଥିଲେ। ସେମାନେ ସମସ୍ତେ ଟିକା ନେଇଛନ୍ତି ବୋଲି କହିଥିଲେ। ସେହିପରି ଛାତ୍ରବୃତ୍ତି ପାଇଥିବା ସମ୍ବଲପୁରର ଜ୍ୟୋତି ସଂ, ବିଦୁସ୍ମିତା ମୁଣ୍ଡା ଓ ମୟୂରଭଞ୍ଜର ସୋନାଲି ସୋରେନ ଓ ପାର୍ବତୀ ସୋରେନ ପ୍ରମୁଖ ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ। ଆପଦଗ୍ରସ୍ତ ଆଦିମ ଜନଜାତି ପରିବାର ମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର କୋଭିଡ୍ ସହାୟତା ସମ୍ପର୍କରେ ଏକ କ୍ଷୁଦ୍ର ଭିଡିଓ ଚିତ୍ର ପ୍ରଦର୍ଶନ ହୋଇଥିଲା। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫ଟି) ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନୁସୂଚିତ ଜନଜାତି ଓ ଜାତି ବିଭାଗ ପ୍ରମୁଖ ସଚିବ ରଞ୍ଜନା ଚୋପ୍ରା ସ୍ୱାଗତ ଭାଷଣ ଦେଇଥିଲେ ଓ ଜନଜାତି ନିର୍ଦ୍ଦେଶକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର, ଉନ୍ନୟନ କମିଶନର ପିକେ ଜେନା ଏବଂ ବିଭିନ୍ନ ବିଭାଗର ପ୍ରମୁଖ ସଚିବ ଓ ସଚିବମାନେ ଉପସ୍ଥିତ ଥିଲେ।

ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୧୨ - ୧୮ ଜୁଲାଇ, ୨୦୨୧

# ପରିସ୍ଥିତିର ଆହ୍ୱାନ

ମହାମାରୀ କରୋନା କାଳରେ ମଣିଷର ଜୀବନ ଭୟ ଓ ଆଶଙ୍କା ମଧ୍ୟରେ ଗତି କରୁଛି। ଲୋକଙ୍କ ଉପାର୍ଜନ କମିଛି ହେଲେ ବଜାର ଦର ଦୁଇଗୁଣ। ଏଭଳି ଅବସ୍ଥାରେ ପରିବାର ଚଳାଇବାର ବୋଝ ଏମିତି ହେଲାଣି ଯେ, ଭବିଷ୍ୟତ ପାଇଁ ଚିନ୍ତା କରିବା କଷ୍ଟକର। ତାହାରି ମଧ୍ୟରେ ସୀମାରେ ଯୁଦ୍ଧ ଲାଗିବା ଭଳି ସ୍ଥିତି ଉପୁଜିଛି। ଭାରତର ପାରମ୍ପରିକ ଶତ୍ରୁ ପାକିସ୍ତାନ ଓ ଚୀନ ନିଜର ସମର ସଜ୍ଜା ଆରମ୍ଭ କରିଦେଇଛନ୍ତି। ଗୋଟେ ପଟେ କୋଭିଡ୍ ନିୟନ୍ତ୍ରଣ ପାଇଁ ସରକାର ଲଢ଼େଇ କରୁଥିଲା ବେଳେ ପୁଣି ଦେଶର ସୁରକ୍ଷା ଚିନ୍ତା। ତେଣୁ ସମୟର ଆହ୍ୱାନ ଅନୁସାରେ ନିଜକୁ ପ୍ରସ୍ତୁତ ରଖିବା ଓ ପ୍ରତିକୂଳ ପରିସ୍ଥିତିରେ କିଭଳି ବଞ୍ଚିବାକୁ ହେବ ତାହା ହିଁ ଆଜିର ମୁଖ୍ୟ ପ୍ରସଙ୍ଗ। କହିବାକୁ ତ ଅନେକ ସମସ୍ୟା ରହିଛି, ହେଲେ ଜୀବନ ଓ ଜୀବିକା କ୍ଷେତ୍ରରେ ସଙ୍କଟ ଦୂର କରିବା ହେଉଛି ମୁଖ୍ୟ କଥା। ଆଜିକାଲିର ସମୟରେ ଦେଶ ଦେଶ ମଧ୍ୟରେ ଲଢ଼େଇ ହେବା ଆଉ ସୈନ୍ୟ ବଳ ଉପରେ ନୁହେଁ ବରଂ ଟେକନୋଲୋଜି ବା ଆଧୁନିକ ପଦ୍ଧତି, ବୈଷୟିକ ଜ୍ଞାନକୌଶଳ ଉପରେ ଅଧିକ ନିର୍ଭର କରୁଛି। ହାତ ହତିଆର ଓ ତୋପ ବଦଳରେ ମିଜାଇଲ, ପରମାଣୁ ଯୁଦ୍ଧର ଭୟଙ୍କର ଲଢ଼େଇ ହିଁ ହେବ। ଯଦ୍ଦ୍ୱାରା ଅଳ୍ପ ଦିନ ମଧ୍ୟରେ ବିଧ୍ୱଂସକାରୀ ଲଢ଼େଇର ଅନ୍ତ ଘଟିବ। ଏଭଳି ଯୁଦ୍ଧ ମଣିଷ ସମାଜ ଉପରେ ଭୟଙ୍କର ପ୍ରଭାବ ପକାଇବ। କ୍ଷଣିକ ମଧ୍ୟରେ ଚାରିଆଡେ କେବଳ ଧ୍ୱଂସର ସ୍ତୁପ ଠିଆ କରାଇବାର ଆଶଙ୍କାକୁ ଏଡାଇ ଦେଇହେବନି। ତେଣୁ ଜୀବନ ମୃତ୍ୟୁର ଦୋଛକିରେ ମଣିଷ ଆଉ କେଉଁ ନୂଆ ସ୍ୱପ୍ନ ଦେଖିବ, ଏହାର କଳ୍ପନା ଯଦି କରାଯାଏ ସାରାଂଶ ଏତିକି ହେବ ଯେ, ବିକାଶ ପାଇଁ ପ୍ରତିଦ୍ୱନ୍ଦ୍ୱିତା ଦିନେ ବିନାଶକୁ ଡାକି ଆଣିବ ନିଶ୍ଚୟ। ବିଜ୍ଞାନର କରାମତି ଯଦିଓ ଆମକୁ ପ୍ରଗତିର ରାସ୍ତା ଦେଖାଇଚାଲିଛି, ତଥାପି ଏହାର ଗତିରୋଧ ସେହି ବିଜ୍ଞାନ ହିଁ କରିବ। ଯାନ୍ତ୍ରିକ ପ୍ରୟୋଗର ମାତ୍ରାଧିକ ଉପଯୋଗ ଦିନେ ମଣିଷକୁ ପଙ୍ଗୁ କରିଦେଇପାରେ ଏହା ନିଃସନ୍ଦେହରେ କୁହାଯାଇପାରେ। ଯେଉଁ ବିଜ୍ଞାନକୁ ଆମେ ଗର୍ବ କରୁଛେ, ମଙ୍ଗଳ ଗ୍ରହରେ ଘର ତୋଳିବାର ସ୍ୱପ୍ନ ଦେଖିଚେ ତାହା ଯେ ଭୟଙ୍କର ହୋଇପାରେ ଏହାକୁ ବିଶ୍ୱାସ କରିବା ସହଜ ହୋଇନପାରେ। ମାତ୍ର ଏହା ବାସ୍ତବ ଦୁନିଆର ନିଛକ ସତ୍ୟ। କ୍ଷେପଣାସ୍ତ୍ରର ବାରମ୍ବାର ପରୀକ୍ଷା ପରିବେଶ ଉପରେ କେଉଁ ପ୍ରଭାବ ପକାଉଛି ତାହା ଉଣା ଅଧିକେ ସମସ୍ତେ ହୃଦୟଙ୍ଗମ କଲେଣି। ମଣିଷକୁ ବଞ୍ଚାଇ ରଖିବାର ନିରନ୍ତର ପରୀକ୍ଷା ନିରୀକ୍ଷା ଯଦିଓ ସଫଳ ସାବ୍ୟସ୍ତ ହୋଇଛି ତଥାପି ମହାମାରୀ କରୋନା କ୍ଷେତ୍ରରେ ଏହା ଯେତିକି ମାତ୍ରାରେ କାର୍ଯ୍ୟ କରିଛି ତାହା ତତ୍କାଳ ଅପେକ୍ଷା ଅଧିକ ବିଳମ୍ବିତ ମନେହୁଏ। ସମଗ୍ର ବିଶ୍ୱ କରୋନା କବଳିତ ହୋଇ ଯେତିକି କ୍ଷତିଗ୍ରସ୍ତ ହୋଇଛନ୍ତି ତାହାର ଭରଣା କରିବାକୁ ଦୀର୍ଘବର୍ଷ ଲାଗିପାରେ। ପରିଶେଷରେ ଟିକା ଉପରେ ଲୋକଙ୍କ ଜୀବନ ନିର୍ଭର କରିବାକୁ ବାଧ। କାରଣ କରୋନା ଭୂତାଣୁର ବାରମ୍ବାର ରୂପ ପରିବର୍ତ୍ତନ ବିଜ୍ଞାନୀମାନଙ୍କୁ ମଧ୍ୟ ଚଳିତ କରିଛି। ତଥାପି ଏହି ଭୂତାଣୁ କବଳରୁ ରକ୍ଷା ପାଇବା ପାଇଁ ବୈଜ୍ଞାନିକମାନେ ଅହରହ ଗବେଷଣା ଚଳାଇଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାଟି ହେଉଛି, ଏତେ ଭୟଙ୍କର ପରିସ୍ଥିତିର ସାମ୍ନା କରୁଥିବା ମଣିଷ ମନରେ ପୂର୍ବ ଭଳି ହିଂସା, କ୍ରୋଧ ବଳବତ୍ତର ରହିଛି। ହିଂସ୍ର ଆଚରଣ ତ୍ୟାଗ କରିବା ହେଉ ଅବା ଜୀବେ ଦୟା ପରି ମହନୀୟ ଗୁଣ ମଣିଷ ଭିତରେ ସ୍ଥାନ ନପାଇବା ବିଚିତ୍ର ମନେହେଉଛି। ଯେଉଁ ବ୍ୟବହାର ଦ୍ୱାରା ଜଗତର କଲ୍ୟାଣ ସାଧିତ ହେବା କଥା ତାହା ସମ୍ଭବ ନହୋଇପାରିବା ଫଳରେ ମହାମାରୀ କରୋନା ଉତ୍ତମ ଶିକ୍ଷା ଦେଲା ବୋଲି କହି ହେବନାହିଁ। ମଣିଷର ସ୍ୱଭାବରେ ବିଶେଷ କିଛି ପରିବର୍ତ୍ତନ ପରିଲକ୍ଷିତ ନହେବା ଆଶ୍ଚର୍ଯ୍ୟର ବିଷୟ। ନିଜ ଦୋଷକୁ ସ୍ୱୀକାର କରି କରିଥିବା ଭୁଲ କର୍ମ ପାଇଁ ଯେଉଁ ଅନୁତାପ ଦରକାର ତାହା ମଧ୍ୟ ଦେଖିବାକୁ ମିଳୁନାହିଁ। ଅତଏବ ଜୀବଜଗତର ଶ୍ରେଷ୍ଠ ପ୍ରାଣୀ କୁହାଯାଉଥିବା ମଣିଷ ନିଜ ଆଚରଣ ଓ ଉଚ୍ଚାରଣରେ ପରିବର୍ତ୍ତନ ଆଣିପାରିନାହିଁ। କଥାକଥାକେ ହତ୍ୟା, ଅଭଦ୍ରୋଚିତ ବ୍ୟବହାର ଦ୍ୱାରା ଜଣେ ଜଣକୁ ଅପମାନିତ କରିବାକୁ ସେ ପଛାଉନାହିଁ। ଘଟଣା ପରବର୍ତ୍ତୀ ପରିସ୍ଥିତି କଣ ହେବ ସେ ବିଷୟରେ ସଚେତନ ନହେବା ଅତ୍ୟନ୍ତ ବିଡମ୍ବନାର ବିଷୟ। ଲୋଭ, ମୋହ ଓ ସ୍ୱାର୍ଥରେ ପାଗଳ କିଛି ମଣିଷ ସମାଜରେ ଅରାଜକତା ସୃଷ୍ଟି କରିବା ମଧ୍ୟ ଅସ୍ୱାଭାବିକ ମନେହେଉଛି।

ସମ୍ପାଦକୀୟ



ତାରକ ମହାନ୍ତି

ମହାମାରୀ କରୋନାର ଦ୍ୱିତୀୟ ଲହର ଅନେକ ଲୋକଙ୍କ ମୁଣ୍ଡ ନେଲାଣି। ଏମିତିକି କରୋନା ସଂକ୍ରମିତ ହୋଇ ଗୋଟିଏ ଗୋଟିଏ ପରିବାର ସମ୍ପୂର୍ଣ୍ଣ ଉଜୁଡି ଯାଇଛି। କେଉଁଠି ପିଲାଙ୍କୁ ହରାଇ ପିତାମାତା ଅସହାୟ ତ ଆଉ କେଉଁଠି ପିତାମାତାଙ୍କୁ ହରାଇ ପିଲା ଅସହାୟ ହୋଇପଡିଛି। କରୋନାଜନିତ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟ ବହୁଳ ଭାବେ ଦେଖିବାକୁ ମିଳୁଛି। ଟିକାକରଣ ଯେତିକି ଦ୍ରୁତ ହେବା କଥା ତାହା ସମ୍ଭବ ନହେବାରୁ ତୃତୀୟ ଲହର ଆଗୁଆ ଆସିବା ନେଇ ଚିନ୍ତା ବଢ଼ିଚାଲିଛି। ଦେଶର ଆର୍ଥିକ ସ୍ଥିତି ବିଗିଡିବା ସହ ଲୋକଙ୍କ ରୋଜଗାର କମି କମି ଆସୁଛି। ନିଯୁକ୍ତି ନାହିଁ, ଦରଦାମ ନିୟନ୍ତ୍ରଣରେ ନାହିଁ। ଗୋଟେ ଅଜଣା କୋକୁଆ ଭୟ ସବୁବେଳେ ଡରାଉଛି। ରାଜ୍ୟର ଅନେକ ଜିଲ୍ଲାରେ କରୋନା ସଂକ୍ରମଣ ୪% ତଳେ ଥିଲା ବେଳେ ଉପକୂଳ ଜିଲ୍ଲାରେ ଏହା ଅଧିକ ରହୁଛି। ବିଶେଷକରି ଖୋର୍ଦ୍ଧା ଓ କଟକ ଜିଲ୍ଲାରେ ସାମୟିକ ସଂକ୍ରମଣ କମିଥିଲେ ବି ଏହା ରେଡ ଜୋନରେ ରହୁଥିବାରୁ ସ୍ୱାସ୍ଥ୍ୟ ବିଭାଗର ମୁଣ୍ଡ ବ୍ୟଥା ବଢୁଛି। ଯେଉଁଥିପାଇଁ ଏସବୁ ଜିଲ୍ଲାରେ କଟକଣାକୁ ଅଧିକ କୋହଳ କରାଯାଇନାହିଁ। ବସ ସେବା ବନ୍ଦ ରହୁଥିବାରୁ କାର୍ଯ୍ୟ ଥିଲେ ମଧ୍ୟ ଲୋକ ଯିବାଆସିବା କରିପାରୁନାହାନ୍ତି। ଏହାରି ମଧ୍ୟରେ ରାଜଧାନୀର କିଛି ଅଞ୍ଚଳରେ ଡେଙ୍ଗୁ ଜ୍ୱର ବ୍ୟାପିବାକୁ ନେଇ ଲୋକ ଚିନ୍ତାରେ ପଡିଛନ୍ତି। କାରଣ ଜ୍ୱର ହେଲେ କୋଭିଡ୍ ଟେଷ୍ଟ କିମ୍ବା ଡେଙ୍ଗୁ ଜ୍ୱର ପରୀକ୍ଷା କରାଯିବ ତାହା ଦ୍ୱନ୍ଦ୍ୱ ସୃଷ୍ଟି କରୁଛି। ଏପଟେ ତୃତୀୟ ଲହର ଚିନ୍ତା ବଢ଼ାଇଲାଣି। ଯଦି ବିଶେଷଜ୍ଞଙ୍କ ଆକଳନ ସତ ହୁଏ ଏବଂ ଅକ୍ଟୋବର-ନଭେମ୍ବରରେ ତୃତୀୟ ଲହର ଆସେ ତେବେ ଜୀବନ ଜୀବିକା ଅଧିକ ସଂକଟକୁ ଚାଲିଯିବ। ଏଣୁ ଏବେଠାରୁ କୋଭିଡ୍ ନିୟମ କଡାକଡି ପାଳନ କରିବା ସହ ଅଧିକ ସତର୍କତା ଅବଲମ୍ବନ କରିବାକୁ ପଡିବ। ଏସବୁକୁ ଭଲ ଭାବେ ଚିନ୍ତାକଲେ ଜାଣିହେବ ଯେ, କରୋନାରୁ ବର୍ତ୍ତିବା ପାଇଁ ସାମାଜିକ ଦୂରତା, ମାସ୍କ ପିନ୍ଧିବା ଅପରିହାର୍ଯ୍ୟ। ଢିଲାପଣ ଅଧିକ ବିପଦପୂର୍ଣ୍ଣ ଓ ଭୟାନକ ହୋଇପାରେ ବୋଲି ଏବେଠାରୁ ବୁଝିବାକୁ ହେବ। ଜୀବିକା ସଂକଟରେ ଥିଲେ ବି ଜୀବନ ବଞ୍ଚାଇବା ଅଧିକ ଗୁରୁତ୍ୱପୂର୍ଣ୍ଣ। ଏତଦବ୍ୟତୀତ ବହୁ ଅମାନିଆ କଟକଣା ନମାନି ବିନା କାର୍ଯ୍ୟରେ ଘୁରି ବୁଲିବା ସଂକ୍ରମଣ ବଢ଼ିବାର ଅନ୍ୟତମ କାରଣ। କଟକଣା କୋହଳ ଥିବା ଅଞ୍ଚଳରେ ଦୋକାନ ବଜାର ଖୋଲିବା ପରେ ସେଠାରେ ପ୍ରବଳ ଗହଳି ହେବା କାରଣରୁ ମଧ୍ୟ ସଂକ୍ରମଣ ବଢୁଥିବା ଆଶଙ୍କା କରାଯାଉଛି। ପରିସ୍ଥିତିର ଆହ୍ୱାନ ଅନୁସାରେ ଆଗୁଆ ସତର୍କତା ଓ କଡା ପଦକ୍ଷେପ ଦରକାର।

**ଯୋଗାଯୋଗ ଠିକଣା**
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ମିଛ ସାକ୍ଷୀ ଓ ଜାଲ୍ ଦଲିଲ୍



ଚିତ୍ତରଞ୍ଜନ କାନୁନ୍‌ଗୋ

ସବୁଠୁ ନିରାଶ ହେବ ପରେ ସାଧାରଣତଃ ନ୍ୟାୟ ପାଇବା ପାଇଁ ଲୋକ ଅଦାଲତକୁ ଯାଆନ୍ତି। କାରଣ ପ୍ରତ୍ୟେକ ବ୍ୟକ୍ତିଙ୍କର ନ୍ୟାୟାଳୟ ଉପରେ ଗଭୀର ବିଶ୍ୱାସ ଥାଏ। ନ୍ୟାୟାଳୟରେ ନିରପେକ୍ଷତାକୁ ଗୁରୁତ୍ୱ ଦିଆଯାଇଥାଏ। ପକ୍ଷ ମାନଙ୍କ ମଧ୍ୟରେ ବଡ ସାନ ଧନୀ ଗରିବ ବିଚାର ନ କରି ଆଇନ ଅନୁସାରେ ସାକ୍ଷ୍ୟ ପ୍ରମାଣ ଆଧାରରେ ମକଦ୍ଦମା ବିଚାର କରାଯାଇଥାଏ। ସାକ୍ଷ୍ୟ ପ୍ରମାଣରେ ସାକ୍ଷୀମାନେ ବୟାନ ଦେଇଥାନ୍ତି ଓ ଆବଶ୍ୟକୀୟ ଦଲିଲ ଓ ଦସ୍ତାବିଜ ଦାଖଲ କରାଯାଇଥାଏ। ମକଦ୍ଦମାରେ ଜିତିବା ପାଇଁ କିଛି ବ୍ୟକ୍ତି ଏପରି ସାକ୍ଷୀ ଠିଆ କରାନ୍ତି ଯେଉଁମାନେ ସତ କହିବାର ଶପଥ ନେଲାପରେ ମଧ୍ୟ ମିଛ କଥା କହିଥାନ୍ତି, ସତକୁ ଲୁଚାଇଥାନ୍ତି। ଏହାବାଦ କେତେକ ଦଲିଲ ଦସ୍ତାବିଜ ଗୁଡିକୁ ଜାଲିଆତି କରି କିମ୍ବା ଏହାର କେତେକ ଅଂଶକୁ କାଟି ଯୋଡି ଅଦାଲତରେ ଦାଖଲ କରାଯାଇଥାଏ। ଏହାଦ୍ୱାରା ଯୋଗ୍ୟ ଲୋକଟି ନ୍ୟାୟ ପାଏ ନାହିଁ ଏବଂ ମିଥ୍ୟା ଓ ଜାଲିଆତିର ଆଶ୍ରୟ ନେଇଥିବା ବ୍ୟକ୍ତି ବିଜୟୀ ହୁଏ। ବିଡମ୍ବନା ଏହିକି ଯେ ହାରିଯାଇଥିବା ଲୋକଟି ଭାଗ୍ୟକୁ ଆଦରି ନିଜ ପରାଜୟକୁ ସ୍ୱୀକାର କରେ ଏବଂ ଏପରି ମିଥ୍ୟାଚାର ଓ ଜାଲିଆତି ବିରୁଦ୍ଧରେ କୌଣସି ଆଇନଗତ ପଦକ୍ଷେପ ନିଏ ନାହିଁ। ଏଥିପାଇଁ ଅନେକ ନ୍ୟାୟ ପ୍ରକ୍ରିୟାକୁ ଦୋଷ ଦିଅନ୍ତି ଏବଂ କୋର୍ଟରେ କଳାକୁ ଧଳା କରିବା ସହଜ ବୋଲି ମତ ପୋଷଣ କରନ୍ତି। କିନ୍ତୁ ତାହା ଠିକ ନୁହେଁ। କୌଣସି ମକଦ୍ଦମାରେ ମିଛ ସାକ୍ଷୀ ଦେଉଥିବା କିମ୍ବା ଜାଲ ଓ ଅସତ୍ୟ ଦଲିଲ ଦାଖଲ କରୁଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ଦଣ୍ଡ ବିଧାନ କରିବା ନିମନ୍ତେ ମଧ୍ୟ ଆଇନ ଅଛି ଯାହାକୁ ଠିକ ଭାବରେ ଉପଯୋଗ କଲେ କ୍ଷୀର ଓ ପାଣି ଅଲଗା ହୋଇପାରିବ ଏବଂ ମିଥ୍ୟା ଓ ଜାଲିଆତିକୁ ଅସ୍ତ୍ର ଭାବେ ବ୍ୟବହାର କରିଥିବା ବ୍ୟକ୍ତି ନିଶ୍ଚିତ ଦଣ୍ଡ ପାଇବ।

ଭାରତୀୟ ଦଣ୍ଡ ସଂହିତାର ଦଫା ୧୯୩ ଅନୁସାରେ ଯଦି କୌଣସି ବ୍ୟକ୍ତି ଜାଣିଶୁଣି ଅଦାଲତରେ କୌଣସି ମାମଲାରେ ମିଥ୍ୟା ସାକ୍ଷ୍ୟ ପ୍ରଦାନ କରେ ତାକୁ ସାତ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ ଓ ଜରିମାନାରେ ଦଣ୍ଡିତ କରାଯିବ। ଏପରି ସାକ୍ଷ୍ୟକୁ ରଚନା କରିଥିବା ବ୍ୟକ୍ତି ବା ପକ୍ଷଙ୍କୁ ମଧ୍ୟ ତିନି ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ ଦେବାର ବ୍ୟବସ୍ଥା ଅଛି। ସେହିପରି କୌଣସି ନିରୀହ ଲୋକକୁ ଫୌଜଦାରୀ ମକଦ୍ଦମାରେ ସଜ୍ଜା ଦେବା ନିମନ୍ତେ ଜାଣିଶୁଣି ସାକ୍ଷ୍ୟ ପ୍ରମାଣ ସର୍ଜନା କରିବା ଓ ସାକ୍ଷ୍ୟ ଦେବା ମଧ୍ୟ ଦଫା ୧୯୪, ୧୯୫ ଓ ୧୯୬ ଅନୁସାରେ ଦଣ୍ଡନୀୟ ଅଟେ। କୌଣସି ବ୍ୟକ୍ତିକୁ ଡରାଇ ଧମକାଇ ମିଛ ସାକ୍ଷୀ ଦେବାକୁ ପ୍ରବର୍ତ୍ତାଇବା ମଧ୍ୟ ଦଫା ୧୯୫-"କ"ରେ ଲିପିବଦ୍ଧ କରାଯାଇଅଛି। ଏଇ ଦଫାଟି ୨୦୦୫ ମସିହାର ସଂଶୋଧନରେ ସନ୍ନିବେଶିତ କରାଯାଇଅଛି ଯାହାକି ଏକ ପୁଲିସ ଧର୍ତ୍ତବ୍ୟ ଅପରାଧ। ମିଛ ସାକ୍ଷୀ ଦେବା ପାଇଁ ଯଦି କାହାକୁ ଡରେଇ ଧମକେଇ ବାଧ କରାଯାଉଥାଏ ତେବେ ସେ ପୁଲିସରେ ଏତଲା ଦେଲେ ଏକ କେସ ରୁଜୁ ହୋଇ ତଦନ୍ତ ହୋଇପାରିବ।

କୋର୍ଟରେ ମକଦ୍ଦମାର ବିଚାର ଚାଲିଥିବା ସମୟରେ ଜାଣିଶୁଣି ମିଥ୍ୟା ସାକ୍ଷୀ ଦେବା ଏବଂ ଜାଲିଆତି କରି ପ୍ରମାଣ ତିଆରି କରିବା ଉଦେଶ୍ୟରେ କାଗଜ ପତ୍ର ଦାଖଲ କରିଥିବା କାର୍ଯ୍ୟ ନଜରକୁ ଆସିଲେ କ୍ଷତିଗ୍ରସ୍ତ ହେବାକୁ ଥିବା ପକ୍ଷ ସେଇ ଅଦାଲତରେ ଫୌଜଦାରୀ କାର୍ଯ୍ୟବିଧି ଆଇନର ଦଫା ୩୪୦ ଅନୁସାରେ ଏକ ଦରଖାସ୍ତ ଦାଖଲ କରିପାରିବେ। ସେହି ଦରଖାସ୍ତକୁ ବିଚାରକୁ ନେଇ ବିଚାରପତି ଏକ ଅନୁସନ୍ଧାନ ଆରମ୍ଭ କରିବେ। ଏହି ଅନୁସନ୍ଧାନରେ ଅଭିଯୋଗର ସତ୍ୟତା ପାଇଲେ ଫୌଜଦାରୀ କାର୍ଯ୍ୟବିଧି ଆଇନର ଦଫା ୧୯୫ (୧) (ଖ) ମୁତାବକ ଏକ ସ୍ୱତନ୍ତ୍ର ଅଭିଯୋଗ ପତ୍ର ସ୍ଥାନୀୟ କ୍ଷମତାପ୍ରାପ୍ତ ଫୌଜଦାରୀ ମାଜିଷ୍ଟ୍ରେଟଙ୍କ ଅଦାଲତକୁ ପଠାଇବେ ଏବଂ ସେ ସେଥିରେ ନିଜେ ଅଭିଯୋଗକାରୀ ରହିବେ। ଯଦି ସେଠାରେ ଅଭିଯୁକ୍ତ ବ୍ୟକ୍ତି ଉପସ୍ଥିତ ଥାନ୍ତି ତାଙ୍କ ଠାରୁ ଉପଯୁକ୍ତ ମୁଚାଲିକା ନେଇ ଜାମିନରେ ଛାଡିବେ। ଯଦି ଅପରାଧ ଜାମିନ ଯୋଗ୍ୟ ହୋଇନଥାଏ, ତେବେ ଅଭିଯୁକ୍ତକୁ ମାଜିଷ୍ଟ୍ରେଟଙ୍କ ହିରାସତକୁ ପଠାଇବେ। ଯଦି ଅଭିଯୁକ୍ତ ସେଠାରେ ଉପସ୍ଥିତ ନଥାନ୍ତି ତାଙ୍କୁ ନୋଟିସ ଜାରି କରି ପରବର୍ତ୍ତୀ ଧାର୍ଯ୍ୟ ତାରିଖରେ ଡକାଇବେ ଏବଂ ଏହାପରେ ଅଭିଯୁକ୍ତଙ୍କର ସେହି ମକଦ୍ଦମାରେ ବିଚାର କରାଯିବ। ପ୍ରମାଣ ମିଳିଲେ ତାଙ୍କୁ ଦଣ୍ଡ ଦିଆଯିବ ଏବଂ କଥିତ ତଥ୍ୟ ଓ ଦସ୍ତାବିଜକୁ ସାକ୍ଷ୍ୟ ପ୍ରମାଣରୁ ବାଦ ଦିଆଯିବ।

ଉପରୋକ୍ତ ଆଇନ ଧୈର୍ଯ୍ୟର ସହିତ ସଦୁପଯୋଗ କରାଗଲେ ଅପରାଧ ପ୍ରବଣତାର ବଶବର୍ତ୍ତୀ ହୋଇ ମିଥ୍ୟା ସାକ୍ଷ ପ୍ରମାଣ ସର୍ଜନା କରୁଥିବା ବ୍ୟକ୍ତି ମାନେ ଦଣ୍ଡିତ ହେବେ ଏବଂ ଅନ୍ୟମାନଙ୍କ ମଧ୍ୟରେ ଭୟ ସଂଚାର ହେବ। ଏହା ଆମ ସମାଜ ପାଇଁ ନିଶ୍ଚିତ ଭାବରେ ଏକ ଶୁଭ ସୂଚନା ହେବ।

*ଉପ-ନିର୍ଦ୍ଦେଶକ*
*କ୍ରାଇମବ୍ରାଞ୍ଚ, ଓଡିଶା*
*ଦୂରଭାଷ: ୮୯୧୭୨୭୬୭୩୦*

# ଆଗକୁ କୋଭିଡ଼୍ ଋତୁକାଳୀନ ରୋଗ ପାଲଟିବ !



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସୂଚନା ମୁତାବକ ବର୍ତ୍ତମାନ ସୁଦ୍ଧା ପୃଥିବୀରୁ ସମ୍ପୂର୍ଣ୍ଣ ଭାବେ ମୂଳପୋଛ ହୋଇଯାଇଥିବା ଏକମାତ୍ର ସଂକ୍ରାମକ ରୋଗ ହେଉଛି ବସନ୍ତ। ଭୂତାଣୁ ଜନିତ ଏହି ରୋଗ ପାଇଁ କୌଣସି ଟିକା ବାହାରିବାର ୨୦୦ ବର୍ଷ ପରେ ହିଁ ଏହା ଏପରି ଅନ୍ତର୍ଦ୍ଧାନ ହୋଇଯାଇଥିଲା। ଅପରପକ୍ଷେ କୋଭିଡ଼୍-୧୯ ହେଉଛି ମାତ୍ର ଦେଢ଼ ବର୍ଷର ଅନ୍ୟ ଏକ ଭୂତାଣୁ ଜନିତ ସଂକ୍ରାମକ ରୋଗ। ତେବେ କୋଭିଡ଼୍-୧୯ର ଆବିର୍ଭାବ ତଥା ଅବସ୍ଥିତିକୁ ନିର୍ଣ୍ଣୟ କରୁଥିବା ଉକ୍ତ ଭୂତାଣୁର ରୋଗ ପ୍ରତିରୋଧକତା ଲକ୍ଷଣରୁ ଅଭିନବ କରୋନା ଭୂତାଣୁର ସଂକ୍ରମଣ ନିଜର ଚୂଡ଼ାନ୍ତ ପର୍ଯ୍ୟାୟ ଆଡ଼କୁ ଗତି କରୁଥିବା ବିଶେଷଜ୍ଞମାନେ ହୃଦୟଙ୍ଗମ କରୁଛନ୍ତି। ପୂର୍ବରୁ ସଂଘଟିତ ମହାମାରୀଗୁଡ଼ିକର ଢ଼ଙ୍ଗ ବା ପ୍ରକ୍ରିୟା ସହ କୋଭିଡ଼୍-୧୯କୁ ତୁଳନା କରି ଉକ୍ତ ମହାମାରୀର ଅନ୍ତ ଘଟିବ ଏବଂ ତାହା ଏକ ଋତୁକାଳୀନ ରୋଗ ଭାବେ କେବଳ ତିଷ୍ଠି ରହିବ ବୋଲି ବୈଜ୍ଞାନିକମାନେ ଆକଳନ କରିଛନ୍ତି। ମହାମାରୀ କୋଭିଡ଼୍-୧୯ର ଚୂଡ଼ାନ୍ତ ଫଳାଫଳ ନିର୍ଣ୍ଣୟ ପାଇଁ ସେମାନେ ଏକ ପ୍ରତିରୂପ ପରିକଳ୍ପନା କରିଛନ୍ତି ଯାହା ସଫଳତା ବିଶ୍ୱବ୍ୟାପୀ ଗଣଟିକାକରଣ ଓ ବିଭିନ୍ନ ସ୍ଥାନରେ ସଂକ୍ରମଣ ରୋକିବା ପାଇଁ ଗୃହୀତ ବିଭିନ୍ନ ବ୍ୟବସ୍ଥା ପରି ଗୁରୁତ୍ୱପୂର୍ଣ୍ଣ ଉପାଦାନଗୁଡ଼ିକ ଉପରେ ନିର୍ଭର କରେ। କରୋନା ଭୂତାଣୁର ରୋଗପ୍ରତିରୋଧକତା ଓ ସଂକ୍ରାମକତା ସମ୍ପର୍କିତ ଉପଲବ୍ଧ ତଥ୍ୟକୁ ଭିତ୍ତି କରି ବିଶେଷଜ୍ଞମାନଙ୍କ ଆକଳନ ହେଲା, ସଂକ୍ରମଣରେ ବାଧା ଉପୁଜାଉଥିବା ରୋଗପ୍ରତିରୋଧକତା ଯଦିଓ ଦ୍ରୁତ ବେଗରେ ଫିକା ହୋଇ ଆସିଥାଏ, ତଥାପି ରୋଗର ପ୍ରାଦୁର୍ଭାବକୁ କମାଉଥିବା ପ୍ରତିରୋଧକତା ଦୀର୍ଘସ୍ଥାୟୀ ହୋଇ ରହିଥାଏ। ସୁତରାଂ ମହାମାରୀର ଅନ୍ତ ପହଞ୍ଚିଲା ପରେ ସାର୍ସ-କୋଭ-୨ ସାଧାରଣ ଥଣ୍ଡା ସର୍ଦ୍ଦି ରୋଗଠାରୁ ଅଧିକ କ୍ଷତି କରିପାରିବ ନାହିଁ। ପୁରୁଣା ମହାମାରୀଗୁଡ଼ିକର ଉପଦ୍ରବକୁ ତର୍ଜମା କରି ସେମାନେ ଏପରି ନିର୍ଯ୍ୟାସରେ ପହଞ୍ଚି ପାରିଛନ୍ତି। ୧୯୧୮ ମସିହାର ସ୍ପେନୀୟ ଫ୍ଲୁ ଦୁଇ ବର୍ଷ ପରେ ହିଁ ଅନ୍ତ ଦେଖିଥିଲା। ସେହିପରି ୧୯୫୨ ମସିହାର ଏଚ୍୨ଏନ୍୨ ମହାମାରୀ, ୧୯୬୮ ମସିହାର ଏଚ୍୩ଏନ୍୨ ମହାମାରୀ ଓ ୨୦୦୯ ମସିହାର ଏଚ୍୧ଏନ୍୧ ମହାମାରୀ ମଧ୍ୟ ଅନୁରୂପ ଭାବେ ଶେଷ ହୋଇଥିଲା। ଏହିସବୁ ମହାମାରୀ ପାଇଁ କୌଣସି ଟିକାର ଉପଯୋଗ କରାଯାଇନଥିଲା। ଅପରପକ୍ଷେ, କୋଭିଡ଼୍-୧୯ର ଅନ୍ତ ପାଇଁ ଗୋଷ୍ଠୀ ରୋଗପ୍ରତିରୋଧକତା (ହର୍ଡ ଇମ୍ୟୁନିଟି) ପରି କାଳ୍ପନିକ ଉପଲବ୍ଧିର ଅବତାରଣା କରାଯାଉଥିବାବେଳେ ଉପରୋକ୍ତ ମହାମାରୀ ବେଳେ କେବେ ଏପରି ହର୍ଡ ଇମ୍ୟୁନିଟି ହାସଲ ହୋଇନଥିଲା।

କୋଭିଡ଼୍-୧୯ ମହାମାରୀର ଦ୍ୱିତୀୟ ଲହରରେ ମୃତ୍ୟୁର ବିଭୀଷିକା ଭାରତରେ ଶୋକର ପାଳନର ଧାରାକୁ ମଧ୍ୟ ବଦଳାଇ ଦେଇଛି। ଏକ ସମୟରେ ଦୈନିକ କୋଭିଡ଼୍ ମୃତ୍ୟୁ ଦେଶରେ ୪ ହଜାରରୁ ଅଧିକ ରହୁଥିବା ବେଳେ ଏବେ ମଧ୍ୟ ମୃତ୍ୟୁର ତାଣ୍ଡବ ଜାରି ରହିଛି। ପ୍ରତିଦିନ ପ୍ରିୟଜନଙ୍କ ମୃତ୍ୟୁରେ ଭାଙ୍ଗିପଡୁଥିବା ଲୋକେ ଖୁବ ଅସହାୟ ହୋଇପଡୁଛନ୍ତି ଏବଂ ଏଭଳି ଶୋକାକୁଳ ସ୍ଥିତିରେ ବି ନିଃସଙ୍ଗ ଓ ଅସହାୟ ହୋଇ ରହିବାକୁ ବାଧ୍ୟ ହେଉଛନ୍ତି। ଅଚାନକ ଭାଇରସ ଆକ୍ରାନ୍ତ ହୋଇ ଆଖି ବୁଜି ଦେଉଥିବା ଲୋକଙ୍କ ପରିବାର ସଦସ୍ୟ ଏବେ ସେମାନଙ୍କ ଭୟାନକ ମାନସିକ ପୀଡ଼ାକୁ ଚାପି ରଖିବାକୁ ମଧ୍ୟ ବାଧ୍ୟ ହେଉଛନ୍ତି। ପରିବାରର ଏକାଧିକ ସଦସ୍ୟଙ୍କ ମୃତ୍ୟୁ ଅନେକଙ୍କୁ ମାନସିକ ଭାବେ ପଙ୍ଗୁ କରିଦେଉଛି। କୋଭିଡ଼୍ ମୃତ୍ୟୁ ପରେ ଶୋକ ପାଳନ ପାଇଁ ରହିଥିବା ପରମ୍ପରା ମଧ୍ୟ ଏବେ ପାଳନ ହୋଇପାରୁନାହିଁ। କୋଭିଡ଼୍ କଟକଣା ଅନୁଯାୟୀ ଶରୀରକୁ ବ୍ୟାଗରେ ଭର୍ତ୍ତି କରି ରଖାଯାଉଛି ଏବଂ ଅନ୍ତିମ ବିଦାୟ ସମୟରେ ଏକ ଝଲକ ଦେଖିବାକୁ ମିଳୁଛି। କୋଭିଡ଼୍ ମୃତକଙ୍କୁ ଛୁଇଁବା ତଥା ଆଲିଙ୍ଗନ ନକରିବା ପାଇଁ କୁହାଯାଇଥିବାରୁ ଅନେକ କେବଳ ଅନ୍ତରରେ ବିଳାପ କରୁଛନ୍ତି। ମୃତ୍ୟୁ ପରେ ବନ୍ଧୁ ପରିଜନ ଏକତ୍ରିତ ହୋଇ ଶୋକ ପାଳିବା ଓ ଦୁଃଖ ବାଣ୍ଟିବାର ମଧ୍ୟ ସୁଯୋଗ ନାହିଁ। ଏଭଳି ବିଚିତ୍ର ସ୍ଥିତିରେ ଲୋକେ ଗଭୀର ମାନସିକ ଯନ୍ତ୍ରଣା ଦେଇ ଗତି କରୁଛନ୍ତି। ଅନିଶ୍ଚିତ ଭବିଷ୍ୟତର ଭୟ ଓ କ୍ରମାଗତ ଶୋକ ଭିତରେ ମଣିଷ ଏବେ ଯେତିକି ଅସହାୟ ହୋଇଉଠିଛି ତାହା ପୂର୍ବରୁ କେବେ ଦେଖାନଥିଲା ବୋଲି ଆନ୍ତର୍ଜାତିକ ସ୍ତରର ଏକ ପତ୍ରିକାରେ ଖ୍ୟାତିସମ୍ପନ୍ନ ମାନସିକ ରୋଗ ଚିକିତ୍ସକମାନେ ଉଲ୍ଲେଖ କରିଛନ୍ତି। ପ୍ରତିଦିନ ହଜାର ହଜାର ପରିବାର ଛାରଖାର ହୋଇଯାଉଥିବା ବେଳେ ଯେଉଁମାନେ ଏହାକୁ ସାମ୍ନା କରି ବଞ୍ଚି ରହୁଛନ୍ତି ସେମାନଙ୍କର ସ୍ୱାସ୍ଥ୍ୟ ଅତି ଗୁରୁତର ପ୍ରଭାବିତ ହେଉଛି। ଏହା ଶରୀରର ରୋଗ ପ୍ରତିରୋଧକତା ପାଇଁ ମଧ୍ୟ ଏକ ବଡ଼ ଚ୍ୟାଲେଂଜ ସୃଷ୍ଟି କରୁଥିବା ଦେଖିବାକୁ ମିଳିଛି। ତେବେ ସବୁଠାରୁ ବଡ଼କଥା ସରକାରଙ୍କ ସ୍ୱାସ୍ଥ୍ୟ ସତର୍କତା ଗ୍ରହଣ କରନ୍ତୁ। ଡାକ୍ତରଙ୍କ ଉପରେ ଭରଷା ଓ ବିଶ୍ୱାସ ରଖନ୍ତୁ, ଯେ କୌଣସି ପରିସ୍ଥିତି ହେଉନା କାହିଁକି ନିଜ ଇଷ୍ଟ ବା ଭଗବାନଙ୍କ ଉପରେ ତାଙ୍କ ଆଶୀର୍ବାଦ ଓ କୃପାକୁ ଅପରିହାର୍ଯ୍ୟ ପାଥେୟ କରନ୍ତୁ।

*ବିଭାଗୀୟ ମୁଖ୍ୟ,*
*ହେପାଟୋଲୋଜି ବିଭାଗ,*
*ଏସ୍‌ସିବି ମେଡିକାଲ କଲେଜ, କଟକ*
*ଦୂରଭାଷ : ୯୪୩୭୦୫୧୯୫୭*

# ମୁଁ କ୍ଷେତ୍ର ଯିବି ?



ଡ଼.କିଶୋର ମହାନ୍ତି

ମୋତେ ସତରେ ପୁରସ୍ତମ ଯିବାମନା । ମୁଁ ବା କୋଉ ଭକ୍ତରେ ଗଣା। କିନ୍ତୁ ଓଡ଼ିଆ ବୋଲି ଆଖି ଜମା ସ୍ଥିର ହୋଇ ରହିପାରୁନି । ମନଟା ଘାଂଟି ଚକଟି ହେଉଛି, ହୃଦୟଟା ବି କୋରି ହେଇଯାଉଛି । ମନ ଭିତରେ ଖାଲି ଦିଶିଯାଉଛି ନୀଳଚକ୍ରର ନୀଳ ନେତ । କିନ୍ତୁ ମୋର ପୁରସ୍ତମ ଯିବା ମନା । ଓଡ଼ିଆ ଠାକୁର, ଇଷ୍ଟ ଦେବତା। ପରା। ସେଇ ପୁରସ୍ତମରକାଳିଆ ଠାକୁର ପ୍ରଭୁ ବଳିଆରଭୁଜ ଶ୍ରୀଜଗନ୍ନାଥ । ସାରା ବିଶ୍ୱର ଦେବତା । କୁଆଡ଼େ ରଥରେ ଥରେ ଦିବ୍ୟ ଦର୍ଶନା ଦିଅଁଙ୍କର ହେଇଗଲେ ପାପ ଧୋଇ ହେଇଯାଏ । କେତେ କିଏ ତାଙ୍କୁ ପ୍ରକୃତରେ କେତେ ରୂପରେ ଦେଖି ନାହାଁନ୍ତି କହତ ! ଆମ ପାଖରେ ଚିର ପରିଚିତ ଘରର ମାଲିକ ସେ । ତେଣୁ ସମସ୍ତେ କହନ୍ତିନି ''ସର୍ବ ମଙ୍ଗଳ ଜଗନ୍ନାଥ'' ।

ସେଇ ନାଁ କୁ ସୁମରି ଓଡ଼ିଆ ଶୁଭ ଯାତ୍ରା ଆରମ୍ଭ କରେ । ସବୁ କଥା ମଙ୍ଗଳ ହେବ ବୋଲି - ରଥ ପଥକୁ ଖୋଜେ - ପଥ ଶୋଭା ପାଏ ରଥକୁ ଦେଖି, ହେଲେ ଠାକୁର ଖୋଜନ୍ତି ଭକତକୁ - ଆଉ ରଥ, ପଥ ଭକ୍ତ ଏକାକାର କରିଦିଅନ୍ତି ଯାତକୁ ହେଲେ ଏ କ'ଣ ରଥ, ପଥ, ଜଗନ୍ନାଥ ଅଛନ୍ତି ହେଲେ ଭକ୍ତ କାହିଁ ?

ଭକ୍ତକୁ ପୁରୁସ୍ତୋମ ମନା । ସାଲବେଗ ପରା କହିଲେ -

''ସାତଶ ପଂଚାଶ କୋଶ ଚାଲି
ନପାରଇ
ମୋ ଯିବା ଯାଏ ନନ୍ଦିଘୋଷ ଥିବ ରହି ।''

ତୁମେ ପ୍ରଭୁ ଏତେ ଦୟାବନ୍ତ ଦୟାମୟ ତାଙ୍କ ପାଇଁ ପରା ଆପଣ ଅପେକ୍ଷା କରି ରହିଲ, ନା ? ଭକତ ଦାଶିଆ ବାଉରୀ ନଡ଼ିଆ ସମର୍ପି ଦେବାକୁ ଇଚ୍ଛା କଲା ତା ହାତରୁ ନଡ଼ିଆ ତୋଳି ନେଲତ । ଭକ୍ତ ବଳରାମ ଦାସକୁ କଟୁକ୍ତି ସହ୍ୟ ହେଲା । ହେଲେ ବାଙ୍କୀ ମୁହାଣରେ ବାଲିରଥ କରି ପୂଜା କଲେ ସେଠାରେ ଯାଇ ପ୍ରଭୂ ବିଜେ କଲେ । ହେଲେ ମୁଁ ଅବା କିଏ ? କେଉଁ ଭକ୍ତି ଯେ ତୁମର ଆଜି ମୋ ପାଇଁ ପୁରୁସ୍ତୋମ ସମ୍ପୂର୍ଣ୍ଣ ଭାବେ ମନା । ଚାଲିବାକୁ ସକ୍ଷମ ହେଲେ ଦେହରେ ବଳ ନାହିଁ । ଭୟ ଭକତ ମନକୁ ସମ୍ପୂର୍ଣ୍ଣ ଗ୍ରାସୁଛି। ଆଜି ଚାରିଆଡ଼େ ଆତଙ୍କ ହେଲ ପୁରୁସ୍ତୋମର ଦାଣ୍ଡ ଉଠୁଥାନ୍ତା ପଡୁଥାନ୍ତା। ସୋରିଷ ମୁଠାଏ ପକାଇବାକୁ ଜାଗା ନଥାନ୍ତା।

ବିଶ୍ୱର ଚତୁଷ୍କୋଣରୁ ଲୋକେ ବଡ଼ଦାଣ୍ଡରେ ରୁଣ୍ଡ ହେଉଥାନ୍ତେ । ତୁମର ରଥ ଉପରେ ବିଜୟ ଯାତ୍ରାରେ ଛାତି କୁଣ୍ଢେ ମୋଟ ହୋଇ ଯାଇଥାନ୍ତା । ହେଲେ କାହିଁ - ସବୁ ଆଶା ହିଁ ଆଶାରେ ରହି ଯାଉଛି ପ୍ରଭୁ । ଏତ ରଥଯାତ୍ରା ନୁହେଁ , ତୁମରି ଦ୍ୱାରା ପରିଚାଳିତ ବିଶ୍ୱ ଭକ୍ତଙ୍କର ମହାମିଳନ ମହୋତ୍ସବ କେବେଠୁଁ ତୁମକୁ ଆମ ବିଶ୍ୱାସ ଭିତରେ ନେଇ ଯାଇଛୁ। ଆଉ ହୃଦୟରେ ପ୍ରଭୁ ତୁମେ ଆମେ ଜାଣିଛୁ- '' ତୁ ବ୍ରହ୍ମା ରୁଦ୍ର, ବିଷ୍ଣୁ ତୁହ । ତୋ ବିନୁ ଅନ୍ୟ ଗତି ନାହିଁ-'' ତୁମର ପ୍ରଭୁ କି ଗୁଣ ବର୍ଣ୍ଣିବି କାହାକୁ ବା ଆଗୋଚର ପ୍ରଭୁ - କେତେ କେତେ ଦୁଃଖ, କଷ୍ଟ, ଯନ୍ତ୍ରଣାରୁ ତୁମେ ମୁକ୍ତି ଦେଇଛ । ଏଣୁ ଆରତ ଭଂଜନ ତୋ ବାଳା ଆଙ୍ଗେ କାଳେ ବଜ୍ରସେନା ହୋଇଲୁ ଦଶ ଅବତାର । ନାଶିଲୁ ଅବନିର ଭାର ।'' ପ୍ରଭୁ କିନ୍ତୁ ଆଜି ସବୁ ଦୃଶ୍ୟବଦଳି ଯାଇଛି - ବିଶ୍ୱ ଚକ୍ଷୁରୁ ଲୋତକ ବହି ଚାଲିଛି- ଲୁହ ବାଧା ମାନୁନି କଣ ବା ସମ କି ସାମାନ୍ୟ ଲୋକୋଞ୍ଜଳି -- ସବୁ କଥା ତୁମକୁ ଜଣା । କୋଉ କଥା ତୁମକୁ ଅଜଣା ପ୍ରଭୁ । ତୁମେ ତ ଜଗତର କର୍ଣ୍ଣଧାର - ତୁମେ ଅମର ମାୟାବଳେ ।

କହେ ପ୍ରଭୁ- ତୁମେ - !

'' ଧରିବ କାହାକୁ
ହରିବ କିଏ ସେ
ରୋଗ ଶୋକ ଦୁଃଖ ସୀମା
ରମା ରମଣ ହେ-''

ମୁଁ ନିମିତ ମାତ୍ର- ମୋତେ ପୁରସ୍ତୋମ ଯିବାମନା - ଭାକ୍ତିକ ଭାବଧାରା ମୋ ଭିତରେ ନାହିଁ - ମୁଁ ସର୍ବାନ୍ତ କରଣରେ ଜଣେ ପାପୀ-ଲାପୀ, ତେଣୁ ---- ପୁରସ୍ତମ ଯିବା ମନା ।

'' ତୁମ୍ଭ ରଥଯାତ ଦେଖି ନ ପାରିଲି
ଦେବାରୁ ଦାରୁଣ ଦୁଃଖ
କେତେ କେତେ ମହା ଭକତ ମାନଙ୍କୁ
କଢାଇ ନେଇଛ ପଥ
ମୋତେ ଏତେ ବେଳ ଏକା କରାଇଲ
ଦେଖିବାକୁ ଅସମର୍ଥ ।''...........

'' ସକଳ ସୁନ୍ଦର ବଡ଼ଦାଣ୍ଡ ଶୋଭା
ମର୍ତମଣ୍ଡଳରେ କହିଁ ଅଛିବା
ଶରଧା ବାଲିରୁ ସ୍ୱର୍ଗ ଦ୍ୱାର ଯାଏଁ
ଗହଳ ଚହଳ ନୁହେଁ ବନ୍ଦନା ।''

ମୁଁ ଆଜି ଗୃହବଂଦୀ, ତାଲାବଂଦ ଭିତରେ ମୋର ଜୀବନ- ଗୋଡ଼ ହାତରେ ବେଡ଼ି ପଡ଼ିଲା ଭଳି ଲାଗୁଛି । ପ୍ରକୃତିର ରକ୍ଷଣାବେକ୍ଷଣ ପାଇଁ ମୋର ଜନ୍ମ । ପଶୁପକ୍ଷୀମାନଙ୍କୁ ଯତ୍ନନେବା ପାଇଁ ତୁମେ ତ ପ୍ରେରଣ କଲ ଏ ସୃଷ୍ଟିକୁ ଆମ ମାନଙ୍କୁ ପ୍ରକୃତିକୁ ଭଲ ଭାବରେ ଦେଖିବାର ସୁଯୋଗ ମୋର ନାହିଁ । ପକ୍ଷୀମାନେ କେଉଁଠି ଥା'ନ୍ତି ମୋତେ ଡ଼େଣା ନାହିଁ ଏବେ । ସେମାନେ ବୋଧ ସମସ୍ତେ ଜାଣି ସାରିଲେଣି, ପୃଥିବୀରେ ଗୋଟେ କିଛି ଘଟୁଛି । ଏ ପୃଥିବୀରେ ବଣର ପଶୁମାନେ ଭାବିଲେଣି ଜନଶୂନ୍ୟ ହୋଇଗଲାଣି ପ୍ରାୟ ଏ ଧରା । ସେମାନେ ଶୂନ୍ୟ ରାସ୍ତାରେ ବିଚରଣ କଲେଣି । କେଉଁ ଋତୁ କେତେବେଳେ ଆସେ ଆଉ ଯାଏ କେହି ଜାଣେନା । ଚାଷୀ ଡ଼ରିଲେଣି ଚାଷ ଜମିକୁ ଯିବାକୁ, ଶ୍ରମିକମାନେ ଡ଼ରିଲେଣି କଳକାରଖାନାରେ କାମ କରିବାକୁ - ଘରେ କାମ ଏଣେ ଅଫିସ ଶୂନ୍ୟ । ବିକାଶ ଏବେ ଅଂଧ ମୁହାଣୀରେ । ଜୀବନ ପାଇଁ ଜୀବିକା ଯାଉଛି; ପେଟପାଟଣା ପାଇଁ ଜୀବିକା କଲେ ଏଣେଜୀବନ ଯାଉଛି । ଘରେ ଚୂଲୀ ଜଳୁ ନାହିଁ- ସତରେ ପ୍ରଭୁ ଏକି ସଂସାର ? ଏକି ମାୟା ତୁମର ! ଏ କରୁଣ ଦୃଶ୍ୟ ଦେଖିବାକୁ ଆମେ ପ୍ରଭୁ ଖାଲି ବଂଚିଛୁ ଯାହା ।

ଆମର ଆଉ ଧୈର୍ଯ୍ୟ ନାହିଁ - ସାହାସ ନାହିଁ - ବଂଚିକି ମରିବା ଭଳି । କୁଢ କୁଢ ଶବ । ସଂପର୍କୀୟ କେହି ନାହିଁ । ନିଆଁ ଜଳୁଛି, ମଶାଣୀରୁ ନିଆଁ ଲିଭୁନି । ସେଇସବୁ ମର୍ମନ୍ତୁଦ ଦୃଶ୍ୟ ନ ଦେଖିବା ପାଇଁ ହୁଏତ ପ୍ରଭୁ ସିଂହଦ୍ୱାର ତୁମେ ଆଉଜେଇ ଦେଇଛ । ଶୂନ୍ୟ ରାଜରାସ୍ତା, ଗାଡ଼ି, ମଟର, ଟ୍ରେନରେ ଯାହାୟତ ନାହିଁ । ଏ କି ସଂସାର ପ୍ରଭୁ । ମଶାଣୀ ପାଲଟି ଯାଇଥିବା ବିଶ୍ୱ ଆଜି ହତାଶ୍ରୀ । ଏମିତି ହେଇଯିବ ପ୍ରଭୁ ତୁମେ ଥାଉ ଥାଉ । ଦୀର୍ଘ ଦେଢ ବର୍ଷ ହେବ, ତମ ଦର୍ଶନ ମିଳିନି । ଦେଖିବ ଦେଖିବ ବୋଲି ତମ କଳାବଦନ ଦେଖି ନପାରି ଆଜି କିଏ ଚାଲିଗଲାଣି ସେ ପୁରକୁ । ଦେଖିକି ତୁମ ଦିବ୍ୟ ରୂପକାନ୍ତିକୁ । ଆଗକୁ ଆହୁରି ଅଗ୍ନି ପରୀକ୍ଷା । ଏହାର କଣ ଶେଷ ନାହିଁ ପ୍ରଭୁ । ଶ୍ରୀ ମନ୍ଦିରରେ କେତେ ଡ଼କା ପଡୁଥିଲା । ରଥରେ ଡାହୁକମାନଙ୍କର ରଡ଼ିରେ ରଥ ଗଡୁଥିଲା ବଡ଼ଦାଣ୍ଡରେ । ତୁମକୁ ରଥରେ ଦେଖି ଭକତ କେତେ ଅମାପ ଆନନ୍ଦରେ ଉଲ୍ଲସିତ ହୋଇ ଯାଉଥିଲେ । ଏବେ ସେ ଅପୂର୍ବ ଦୃଶ୍ୟ ଦେଖିବାକୁ ମିଳୁନି ପ୍ରଭୁ । ତୁମକୁ ଆଖି ପୁରାଇ ଦେଖିବା କଣ ଆଗକୁ ସାତ ସପନ ହୋଇଯିବ । ତମ ଦରଶନ ବିନା ଏ ଦୁଇଆଖି କଣ ମୁଜି ହୋଇଯିବ । ଏଇଠି ଭାବିନେବି ପ୍ରଭୂ ''ସକଳ ଘଟେ ନାରାୟଣ'' ବୋଲି ।

ଏବେ ପୋଲିସ ଭାଇ ମାନଙ୍କର ସତର୍କ ପ୍ରହରା - କେହି ଦେଖିବେ ନାହିଁ ଆପଣଙ୍କୁ । ଏକି ଲୀଳା ପ୍ରଭୂ ତୁମର । ଗୋଟିଏ କିଛିର ଆରମ୍ଭ ଥାଏ ଆଉ ଶେଷ ବି ଥାଏ । କିନ୍ତୁ ଏ କରୋନା କାଳର କଣ ଶେଷ ନାହିଁ। ଏହାର ପରିଣତି କଣ ଜନଶୂନ୍ୟ ହେବା ଯାଏ ସସାଗରା ଧରା ପ୍ରଭୂ । ତବ ଦରଶ କଣ କିଏ ପାଇପାରିବନି ହେ ପ୍ରଭୂ - ଶ୍ରୀ ମନ୍ଦିରରେ ଭକ୍ତଙ୍କର ଆଉ ଭିଡ଼ ଲାଗିବ କି ନାହିଁ ତାହା ତୁମକୁ ହିଁ ଜଣା । ପ୍ରଭୁ ଏହା ମୁଁ କହୁଛି ମତେ ପରୁସ୍ତମ ମନା କିନ୍ତୁ ଏକଥା ସତ୍ୟ ଅଣାଚାଶ ବେଳକୁ ଭରସା କେହି ନାହିଁ - ତୁମେ ଭନ୍ଧରନ୍ତା ଅଟ ପ୍ରଭୂ ଭାବଗ୍ରାହୀ ।

*ମର୍କତନଗର, ଇ/୫୦, ସିଡ଼ିଏ, କଟକ*
*ଦୂରଭାଷ : ୯୪୩୭୭୨୮୪୭୫*

*ଓଡ଼ିଆ ସାହିତ୍ୟ ଜଗତରେ ଅନ୍ୟତମ ଧୂରୀଣ ସ୍ରଷ୍ଟା ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର ଏକାଧାରରେ ଜଣେ ସଫଳ ଗାଳ୍ପିକ ଏବଂ ଔପନ୍ୟାସିକ ଭାବେ ସୁପରିଚିତ। ତାଙ୍କ ଲେଖାରେ ବର୍ଣ୍ଣନା ଶୈଳୀର ସ୍ୱତନ୍ତ୍ରତା ଏବଂ ସରଳତା ପାଠକୀୟ ଆଦର ଲାଭ କରିଛି। ସାମାଜିକ ଜୀବନ ଓ ସମ୍ପର୍କର ଢେଉ ଢେଉକା ପାହାଡ ପରି ସୁନ୍ଦର ଆବେଗଭରା ଶବ୍ଦ ସଂଯୋଗ ହିଁ ଶ୍ରୀ ଧଳ ମହାପାତ୍ରଙ୍କ ଗଳ୍ପ ଓ ଉପନ୍ୟାସରେ ଶିହରଣ ସୃଷ୍ଟି କରେ। ବେଳ ଭଲ ନାହିଁ ଉପନ୍ୟାସ ତାଙ୍କର ଏକ ଅନନ୍ୟ କୃତୀ ଭାବେ 'ଏକମାତ୍ର'ରେ ସ୍ଥାନ ପାଇଛି।*



**ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର**




# ବେଳ ଭଲ ନାହିଁ

**ସେ**ତେବେଳକୁ କ'ଣ ସେମାନେ କଣ୍ଟ୍ରାକ୍ଟମ୍ୟାରେଜ କରିଥିଲେ ?

ନା, ସେଥିପାଇଁ ସ୍କିନ୍ ପାର୍ଟିସନ କରି ରହିଲେ। ହେଲେ ନିଆଁ ପାଖରେ ଘିଅକୁ ଏ କପଡା ପାର୍ଟିସନ କେତେଦିନ ମାନିଥାଆନ୍ତା।

କଣ୍ଟ୍ରାକ୍ଟମ୍ୟାଜେ୍ କରିନଥିଲେ କାହିଁ ?

ସେ ଟୋକି ବାହା ହୋଇ ଯାଇଥିଲେ କ'ଣ ହୋଟେଲରେ ରିସେପ୍‌ନିଷ୍ଟ ରହି ପାରିଥାଆନ୍ତା।

ବାହା ହୋଇ ଯାଇଥିଲେ ଚାକିରି କରିବାରେ ଅସୁବିଧା କ'ଣ ରହିଥାଆନ୍ତା ?

ତୋ' ବାପ ତାହେଲେ ଠିକ୍ କହୁଥିଲା। ଇଏ ଘୁଙ୍ଗୁରୁ ଦେଖୁଛି ଫାଳ ଦେଖୁନି, ଯେଉଁ ବଡ ବଡ ସ୍ୱପ୍ନ ଦେଖିକି ପ୍ରୋଜେକ୍ଟ ବନାଉଛି ସେଥିପାଇଁ ତା'ର କ'ଣ ବୁଦ୍ଧି ଅଛି। ମୁଁ ତୋ ବାପା କଥାକୁ ବିଶ୍ୱାସ କରୁ ନଥିଲି, ହେଲେ ଦେଖୁଛି ତୁ ସତରେ ମୋଟା ବୁଦ୍ଧିଆଟିଏ। ଆରେ ବାହାହେଲା ଝିଅଙ୍କୁ ଫିଲ୍ମରେ ହିରୋଇନ୍ କରିବାକୁ କିଏ କ'ଣ ରାଜି ହୁଅନ୍ତି। ଠିକ୍ ସେମିତି ଏଇ ରିସେପ୍‌ସନିଷ୍ଟ ଚାକିରି। ରୂପ ଥିଲା ଯାଏ ଚାକିରି ଥିବ, ରୂପ ଖସିଲେ ସେମାନେ ନୂଆ ଚିଡିଆ ଖୋଜିବେ।

ତା'ହେଲେ ରାଜି ହେଲା କେମିତି ପୁଣି ?

ସବୁଦିନ ରାତିରେ ଯେତେବେଳେ ଗୋଡ ଖସିଥିବ, ଟୋକି ଆଉ କ'ଣ କରିଥାଆନ୍ତା ? ସେଥିପାଇଁ କଣ୍ଟ୍ରାକ୍ଟ ମ୍ୟାରେଜ୍ କଲା। ଆରେ ତେ' ଚ' କୁଆଡେ ଗଲା, ମୁଁ ତ ଦେଖୁଛି ତୁ ଚ' କପଟିଏ ନଦେଇ ବି ପୂରା ଖବର କାଗଜଟା ପଢ଼ି ଦେବୁ।

ନୃପ ଚାକର ପିଲାଟା ଉପରକୁ ବିରକ୍ତ ହୋଇ କହିଲା କିରେ ଚ' କପ୍‌ଟିଏ ଦେବାକୁ କେତେ ସମୟ ଲାଗୁଛି।

ହେଇ ନେଉଛି କହି ପିଲାଟିଏ ଚା କପ୍‌ଟିଏ ଆଣି ଥୋଇଲା। ଚ' ଗ୍ଲାସରୁ ଢୋକଟିଏ ନେଇ ରାଧୁନନା କହିଲା, ମୁଁ କ'ଣ ସକାଳ ପ୍ରହରୁ ତା' ପାଖରେ ମାଗଣା ବସିଥିଲି। ସବୁ ଖବର ଗୋଟି ଗୋଟି କରି ସଂଗ୍ରହ କରିଛି ନା।

ଆଚ୍ଛା ସେମାନେ କେଉଁ ସର୍ତ୍ତରେ କଣ୍ଟ୍ରାକ୍ଟ ମ୍ୟାରେଜ୍ କରିଥିଲେ ?

ସେମାନଙ୍କ ସର୍ତ୍ତ ଥିଲା ପରସ୍ପରର ରୋଜଗାର ଅଲଗା ରହିବ। ସେ ଝିଅ କେବଳ ଫ୍ଲାଟ୍ ଭଡାରୁ ଅଧେ ଦେବ। ଆଉ ଅଧେ ଭଡା ଓ ଖାଇବା ପିଇବା ଖର୍ଚ୍ଚ ଏହାର, ସେ ତା' ପଇସାରେ ତା' ବ୍ୟବହାର ପାଇଁ କସ୍‌ମେଟିକସ୍ କିଣିବ। ହେଲେ ବର୍ଷ ଯାକର ଲୁଗାପଟା ଖର୍ଚ୍ଚ ଯାର। ଏସବୁ ବ୍ୟତୀତ ଆଉ କେତୋଟି ସତର୍କତାମୂଳକ ସର୍ତ୍ତ ରଖିଥିଲା।

କ'ଣ ସେ ସର୍ତ୍ତ ସବୁ ?

ନା- ସେସବୁ ଥୋବରା ସର୍ତ୍ତକୁ ତୋତେ କହି ହେବନି। କୁହମ, ମୁଁ କ'ଣ ଆଉ ଛୋଟ ପିଲା ଅଛି।

ଚ' ଦେଇ ଠିଆ ହୋଇଥିବ। ପିଲାଟି କାନେଇ ଥିଲା ଏମାନଙ୍କ କଥାକୁ। ରାଧୁନନା ତା' ଉପରେ ବିରକ୍ତ ହୋଇ କହିଲା ଏଠି ଛିଡା ହୋଇ କ'ଣ ଶୁଣୁଛୁ ଚୁଇଁ, ଯାଉଛୁ ନା ଏଠୁ।

ସେ ଚାଲିଗଲା ପରେ ରାଧୁନନା କହିଲା - ନକହିଲେ କ'ଣ ମୋ ପେଟ ଭିତରେ ସେ କଥା ପଚିବ। ଟିକେ କାନ ପାଖକୁ ମୁହଁଟା ଆଣି କହିଲା, ସେ ଝିଅ ଯା ପାଖରେ କି ସର୍ତ୍ତ ରଖିଥିଲା ଶୁଣିବୁ - ତା ଚାକିରିରେ କୁଆଡେ ଏଫିସିଏନ୍‌ସି ଅପେକ୍ଷା ରୂପର ଆବଶ୍ୟକତା ଅଧିକ। ତେଣୁ କଣ୍ଟ୍ରାକ୍ଟ ମ୍ୟାରେଜ ପରେ ତା'ର ରୂପ କିମ୍ୱା ଯୌବନ କ୍ଷୁର୍ଣ୍ଣ ହେଲା ପରି ସେ ଯେମିତି କୌଣସି କାର୍ଯ୍ୟ ନ କରେ।

ମାନେ !

ମାନେ - ଆବଶ୍ୟକତାଠାରୁ ଅଧିକ ଚାପ ଦେଇ ତା' ବକ୍ଷୋଜର ନିଟୋଳତା ନଷ୍ଟ କରିବ ନାହିଁ କିମ୍ୱା ବିନା କନଟ୍ରାସେପଟିଭ୍‌ରେ କେବେ ବି ଯୌନକ୍ରିୟା କରିବ ନାହିଁ ଏବଂ କସ୍ମିନ୍ କାଳେ ଯେମିତି କଣ୍ଟ୍ରାକ୍ଟ ପିରିଅଡ ମଧ୍ୟରେ ତାକୁ ମାଆ ହେବା ଭଳି ଜଞ୍ଜାଳ ମୁଣ୍ଡାଇବାକୁ ନପଡେ।

ଇଏ କ'ଣ ତା'ର ସବୁ ସର୍ତ୍ତରେ ରାଜି ହୋଇ ତାକୁ ବାହା ହୋଇଥିଲା।

ନହୋଇ ଆଉ କ'ଣ ଚାରାଥିଲା ଏହାର। ଦିନାକେତେ ସବୁ ଠିକ୍ ଠିକ୍ ଚାଲିଲା। ମାତ୍ର ଇଏଥ ଗାଆଁର ପିଲାନା, ଗାଆଁ ସଂସ୍କୃତିର ଜଡତା ଏହା ଭିତରୁ ଯାଇ ନଥିଲା। ତେଣୁ ସେ ମନେ ମନେ ଭାବି ଥିଲା ସବୁ ଝିଅ ବାହା ହେବା ପୂର୍ବରୁ ବଣୁଆ ଚଢ଼େଇ ଫାଶରେ ପଡିଲେ ଯେମିତି ଫଡ୍ ଫଡ୍ ହୁଅନ୍ତି ମେିତି ଇଏ ଦିନାକାତେ ଫଡ୍ ଫଡ୍ ହେବ। ପୋଷା ମାନିଗଲା ପରେ ସିଏ ବଳେ କହିବ ମୁଁ ମାଆ ହେବି, ମାଆ ହେବି। ସେତିକି ଦିନ ସମ୍ଭାଳି ଗଲେ ସବୁ ସମସ୍ୟାର ସମାଧାନ ହୋଇଯିବ।

(କ୍ରମଶଃ)

[illegible] କବିତା




## ପରଦା ଆଢୁଆଳରେ ପ୍ରଭୁ




**ଶାନ୍ତନୁ ସର**

ହେ ପ୍ରଭୁ, ମୁଁ ମୃଗୁଣୀ ସ୍ତୁତି କରୁନାହିଁ
ବ୍ୟାଜ ସ୍ତୁତି କରିବି କାହିଁକି ଯେ
ମୋ ଆତ୍ମାର ଆନ୍ଦୋଳନ,
ହୃଦୟ ଉପକୂଳର ତରଙ୍ଗ ଯେତେସବୁ
ମୁଁ ତମକୁ କହିପାରିବି ସିଧା ସିଧା
ବିନା ଆଟୋପରେ, ଶେଷହୀନ ଗଭୀର ଆସ୍ଥାରେ।
ହେ ପ୍ରଭୁ,ଦେଖୁଛ ତ
ନଈରେ ଭାସୁଛି କୁଡ଼କୁଡ଼ ଶବ
ମଲା ମାଛ ପରି, ଶ୍ମଶାନରେ
ନିରୁଦବେଗ ସରକାରୀ ଅନ୍ତିମ ସଂସ୍କାର
ଟୀକା ଗୋବିନ୍ଦ ଚନ୍ଦ୍ରଗୀତର ଛନ୍ଦରେ
ବତୁରି ଯାଉଛି ଚାରିଦିଗ ଓ ଆକାଶ।
ହେ ପ୍ରଭୁ,ତମେ କହିବ
ଏ କଣ ସଞ୍ଚିତ ପ୍ରାରବ୍ଧ ?
ନାଁ ତମେ ପରଦା ଆଢୁଆଳରେ
ନୂଆ କିଛି ରଚନାର ଯୋଜନା କରୁଛ ?
ତମ ଅବ୍ୟକ୍ତ ଅନୁରାଗରେ



ଅପଲକ ନେତ୍ରର ଆଶ୍ରୟରେ
ପଲ୍ଲବିତ ହେଉ ପ୍ରେମ ଓ ପ୍ରତ୍ୟୟ।
ବାଜିଲାଣି ବଜନ୍ତରୀ
ମଣିମା ବିଜେ ହୁଅ, ନିର୍ଦ୍ଦେଶ ଦିଅ
କୋହଭରା ଆକାଶରୁ ବୃଷ୍ଟି ହେଉ
ମୃତ୍ୟୁଞ୍ଜୟୀ ଶାଶ୍ୱତ ଅମୃତ,
ପୁଲକିତ ହେଉ ପୁଣି ଆଶାର ଆଲୋକ।

*ଅବସରପ୍ରାପ୍ତ ଅଧକ୍ଷ,*
*ଅନୁଗୁଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ*



## ଭାବନା

ଭଗବତ ଭକ୍ତ ବନ୍ଧୁ ବିଶ୍ୱ ବିହାରୀ,
ଭକତଙ୍କ ଛଳେ ନକ୍ର ଚକ୍ରେ ନିବାରି।

ଭକ୍ତ ତୋର ପ୍ରାଣ ତୁ ଯେ ଭକ୍ତର ଭାବନା,
ଭକ୍ତର ଆଉ କେ ଅଛି କୁହ ତୁମ୍ଭ ବିନା,
ଏ ନିରାଶ୍ରୟା ଡାକୁଛି ରଖ ଚକ୍ରଧାରୀ।

ନାହିଁ ଲୋଡା ଆଉକିଛି ହେ ପ୍ରଭୁ ମୋହର,
ତୁମ୍ଭ ଦରଶନ ଟିକେ ମୋର ଦରକାର,
ତୁମ୍ଭ ନାମ ଗାଇ ଜୀବ ଯାଉ ମୋ ବାହାରି।
ଭଗବତ ଭକ୍ତ ବନ୍ଧୁ ବିଶ୍ୱ ବିହାରୀ,
ଭକତଙ୍କ ଛଳେ ନକ୍ର ଚକ୍ରେ ନିବାରି।



**ଶକୁନ୍ତଳା ମିଶ୍ର**

ଭୁବନେଶ୍ୱର

## ଛି

**କାମଦେବ ମହାରଣା**



**କେ**ମିତିଆ ମିଣିପିଟା ବା
ମାଟି, ପଥର
କି ନୁହାରେ ତିଆରି !
ଯେତେ ମାଠିବୁ ମାଠ
ଯେତେ ବାଗେଇବୁ ବାଗା
ଖୋଲିବୁ ବୋଲି ଯେତେ
ସଜ କରିବୁ କର ଆଖି,ନଖ
ମଲା, ସେ ପରା ଅଡୁଆ ସୂତା।
ମତେ ସତ ଆପେଣେ ମାପୁରୁଙ୍କୁ ମିଛ
ମୋଟେ ଜାଣି ନଥିଲି ମ !
ମଣିଷ ଭିତରେ ଏମିତି ଘରକରି ରୁହେ
ଗୋଟେ ଦରପୋଡା ଇଟା
ଯେତେ ରଡିବୁ ରଡ଼
ପକା ବୋବାଳି କି ହୁଳୁହୁଳି
ବସିଥିବ ଗୁଁ ମାରି
ଦୋନମ୍ୱରୀ ଖଡ଼ି ପଥର
ନା ମନ୍ଦିର ଲୋଡା ନା ତୁଠ।
କପାଳ ତ ପୋଡ଼ା
ନହେଲେ ପଦୁଅଁ କୋଳରେ
ପାରୁଡ଼ା ପୋକ
ନଡ଼ା ଚାଳି ତଳେ
ରୂପା ସିନ୍ଧୁକ
ଛି...।



ଖତଗଦାରେ କାହିଁ ଫୁଟିଲି
ଚିନି ଚମ୍ପା
ହେ, କେତେ ଭଅଁର
କେତେ କେତେ ମହୁମାଛି
କେତେ ପ୍ରଜାପତି ଏଣ୍ଡୁଅ
କେତେ ଗୀତ ନାଚ ନାଟକ
ସବୁ ଅଙ୍ଗେ ନିଭେଇ
ତଥାପି ସାଇତି ଥିଲି
ମଧୁଭାଣ୍ଡ, ଲାଜ ବୋଳା ତାଟି।
ତାଟି ବୋଇଲେ କଣ ବୁଝେ
ସାପ କାତି
ଦହଡ ବାଲି ବେଦିରେ
ଉଗୁଜା ଚାଉଳ ମୁଁ
ମତେ କି ଲୋଡା
ଧୂପ ଦୀପ ଚନ୍ଦନ
ଆବାହନ ସଂସ୍ଥାପନ
କଣା ଚାଳରୁ ଆଖି ମାରେ ଜହ୍ନ
ମୁଁ ଗୋଟାପଣେ ନିଆଁର ଅରଣ୍ୟ।
ନିଆଁ କହିଲେ କଣ ବୁଝେ ବରଫ
କୁହୁଳା ଆଖିର ଓଦା ପଣ, ଭୋକ !

*ଯାନ୍ତ୍ରିକ ବିଭାଗ*
*ପୂର୍ବତଟ ରେଳପଥ, ପୁରୀ -୨*
*ଦୂରଭାଷ : ୯୬୫୮୦୨୬୬୧୨*

## ବୋଝ

**ପ୍ରଜ୍ଞା ପାରମିତା ପଣ୍ଡା**



ତିନି ତିନିଟା ପୁଅ ବୋହୂଙ୍କୁ ଦାୟିତ୍ୱରୁ ମୁକ୍ତ କରାଇବାର ମାନସିକତା ଏକ ରକମର ସ୍ୱାଶ୍ୱତ୍ୱ ପ୍ରଦାନ କରିଛି ହରିହର ବାବାଙ୍କୁ। ପରିଣତ ବୟସର ଉଦାସ ଚେହେରା ସୀମାଲଂଘି ଅପେକ୍ଷା କରିଛି ମୃତ୍ୟୁର ଅମୋଘ ସ୍ପର୍ଶ। ଏକଲା ଜୀବନକୁ ଦୁଃଖ ନାହିଁ। ଦୁଃଖ ତ ସେଇଠି, ଯେଉଁଠି ଭାଗ ଭାଗ କରି ବଣ୍ଟା ହୁଏ ପିତାର ପିତୃତ୍ୱ। ଯେଉଁଠି ପାଳିକରି ବର୍ଷକୁ ଚାରି ମାସ ବିରକ୍ତି ଭାବର ସହ ବୋହିବାକୁ ପଡେ ଏ ବୁଢା ବାପାର ବୋଝ।

ଜୀବନର ତମାମ ବୟସକୁ ଜୀଇଁ ସାରିବା ପରେ ପାଦ ଦୁଇଟି ଏବେ ସୀମାନ୍ତର ଶେଷ ପର୍ଯ୍ୟାୟରେ। ଜୀବନ ଯାଙ୍କର ଝଡ ଝଞ୍ଜାକୁ ପିଠି ଦେଖାଇ, କ୍ଷତ ବିକ୍ଷତ ଏବେ ସଂପୂର୍ଣ୍ଣ ଅବୟବ। ଉପଶମର ମଲମ ଆଢୁଆଳେ ଛୁଟିଆସେ ପିଲା ମାନଙ୍କର ସ୍ୱାର୍ଥନ୍ୱେଷି ଚିନ୍ତାଧାରା। ଯେତେ ହେଲେ ବି ସେମାନେ ଏବେ ପରିପକ୍ୱ। ହାତ ପାଇ ଗଲାଣି ସେମାନଙ୍କ ମଥା ଉପରକୁ। ଆଉ ଲୋଡା ପଡୁନି ଏ ବୁଢା ବାପାର କାନ୍ଧ। ତେଣୁ ଏ ବୁଢା ବାପାଟିର ବୋଝ ହୋଇ ପଡୁଛି ତାଙ୍କ ନିମନ୍ତେ ଅସମ୍ଭାଳ।

ଅସହାୟ ହାତ ଓ ପାଦର ଭାରସାମ୍ୟ ରକ୍ଷା ପୂର୍ବକ ହରିହର ବାବୁ ଆସି ବସି ଯାଇଛନ୍ତି ରଘୁଆର ସେଇ ପୁରୁଣା ଅମଳର ଚା' ଦୋକାନରେ। ସାଥିରେ ଅଛନ୍ତି ଆହୁରି ଦୁଇ ଜଣ ବାଲ୍ୟ ବନ୍ଧୁ। ପିଲା ଦିନର ସ୍ମାରକୀ ସାଜି ଦଣ୍ଡାୟମାନ ଏହି ଚା' ଦୋକାନ। ଦିନେ ନିଜ ବାପାଙ୍କ ହାତ ଧରି ଠୁକୁ ଠୁକୁ ପାଦରେ ଚାଲି ଆସୁଥିଲେ ଜିଲାପି ଲାଳସାରେ। ପୁଣି ସ୍କୁଲ ଜୀବନର କେତେ ଯେ ଅଭୁଲା ଇତିହାସ ପରସ୍ତ ପରସ୍ତ ହୋଇ ଛପି ଯାଇଛି ଏହି ଦୋକାନ କାନ୍ଥ ବାଡରେ। ତାପରେ ଜୀବନର ଶ୍ରେଷ୍ଠତମ ଅଭିନୟ। ପିଲା ମାନଙ୍କୁ ଧରି ପିତୃତ୍ୱର ଅଭିମାନରେ ଆଙ୍କି ଦେଇଥିବା ଜୀବନର ଅଭୁଲା ଖୁସି ସବୁ ଆଜିବି ସ୍ମୃତି ଚାରଣ କରେ ଏହି ଚା' ଦୋକାନ।

ସାଥିରେ ଥିବା ଅନ୍ୟ ଦୁଇ ବନ୍ଧୁ ମଧ ବୁଝି ସାରିଲେଣି ଜୀବନର ବାସ୍ତବତା। ମନ ମଧ୍ୟରେ ବେନି ଜନେ ସମ ଦଶାର ମନ୍ତ୍ର ଟିକୁ ଗୁଣୁଗୁଣୁ ହୋଇ ଚାହିଁ ହସୁଛନ୍ତି ପରସ୍ପରର ମୁହଁକୁ। ଅକୁହା ଭାଷାରେ ପଢି ପାରୁଛନ୍ତି ଲୁକ୍କାୟିତ ମନର ବ୍ୟଥା। କୋଳାହଳର ଅନ୍ତରାଳେ ବେଢି ବସିଛି କେମିତି କେଜାଣି ଏକ ଅଜବ ନୀରବତା। ଯିଏ ବିନା ଶବ୍ଦର ଉଚ୍ଚାରଣରେ କହି ବସୁଛି ଅନେକ କିଛି। ଜଣାଇ ଦେଉଛି ଦରଦୀ ମନର ଅକୁହା ବ୍ୟଥା। ପାଦତଳେ ନିଃଶବ୍ଦ ପୃଥିବୀ। ଉପରେ ନୀରବ ଆକାଶ। ଏବଂ ଆଖି ସାମ୍ନାରେ ଅସ୍ୱଷ୍ଟ ଦୁନିଆ। ଚଷମାର ମୋଟା ଲେନ୍ସ ମଧ ପଡିଯାଏ ଫିକା ବାନ୍ଧିବାକୁ ସମୟର ସ୍ରୋତ। ଗଡି ଚାଲେ ଦିନ। ବିତିଚାଲେ ସମୟ। ତାସହ ବିତିଯାଏ ବୟସର କ୍ରମାଙ୍କ। ଯେମିତି ଆଖି ସାମ୍ନାରେ ବିତି ଯାଇଛି କୈଶୋରରୁ ବାର୍ଦ୍ଧକ୍ୟ। ବଙ୍କୁଲି ବାଡିର ବକ୍ର ଅଂଶ ପରି ବଙ୍କି ଯାଇଛି ଶରୀରର ମେରୁଦଣ୍ଡ। ଯାହା ଦିନେ ସରଳ ରେଖାର ଉଦ୍ଦାମତାରେ ଗଢି ତୋଳିଥିଲା ନିଜକୁ ସକ୍ରିୟ। ଆଜି ସେ ନିଷ୍କ୍ରିୟତାର ଖୋଳପା ମଧରେ କରିଛି ଆତ୍ମ ସମର୍ପଣ। ଗୋଡ ହାତର ପାକଳ ନଖ ଗୁଡିକ ଦର୍ଶାଇ ଦେଉଛନ୍ତି ଅଦରକାରୀ ଚିଜର ମାନ୍ୟତା। ବ୍ୟଥା, ସଂଘର୍ଷ ଏବଂ ଜୀର୍ଣ୍ଣ ଶରୀର ଜଣାଇ ବାକୁ ବାଧ କରୁଛି ବାର୍ଦ୍ଧକ୍ୟର ବଳିଷ୍ଠତା। ସତରେ କେତେଯେ ଦୁଃଖଦ ଏ ବାର୍ଦ୍ଧକ୍ୟ ! ମଣିଷ ଜୀବନର ଏଇ ନିଛାଟିଆ ସମୟରେ ଖୋଜିବସେ ଜଣେ କେହି ସହଯାତ୍ରୀ। ଅଗନା ଅଗନି ବନସ୍ତ ମଧରେ ଥକ୍କା ମାରି ବସି ପଡିଲେ ଲୋଡା ପଡେ ଆତ୍ମୀୟସ୍ୱଜନଙ୍କ ଆଞ୍ଜୁଳାଏ ଆଶ୍ୱାସନା। ନିଜ ପିଲା ମାନଙ୍କ କର୍ମମୟ ଜୀବନ ଭିତରୁ କାଣିଚାଏ ସମୟ। ପଦୁଟିଏ ମିଠା ଉତ୍ତରର ଆଶାରେ ନିରାଶାର ସ୍ୱାଦ ସତରେ ବଡ ଉତ୍କଟ।

ବାର୍ଦ୍ଧକ୍ୟ; ଏମିତି ଏକ ଅନିଚ୍ଛାକୃତ ସମୟ ଯାହା ଆପଣା ଛାଏଁ ଜମାଇ ବସେ ନିଜର ପ୍ରାଧାନ୍ୟ। ନା ଦେହରେ ଥାଏ ବଳ, ନା ପାଖରେ ଥାଏ ସମୟ। କେବଳ ଯାହା ଜୀବନବ୍ୟାପୀ ଅର୍ଜନ କରିଥିବା ମାନ ସମ୍ମାନ ଓ ପ୍ରତିଷ୍ଠା ପ୍ରତିପତି ସବୁ ମୁହଁ ମାଡି ପଡିଥାନ୍ତି ଚତୁଃପାର୍ଶ୍ୱରେ। ଅଥଚ ବିନିମୟ ନିମନ୍ତେ ନା' ଥାଏ କ୍ଷମତା, ନା ମିଳେ ଅଧିକାର। ଖାଲି ଯାହା ଖୋଜିବାକୁ ହୁଏ ସହାନୁଭୂତିର ଏକ କ୍ଷୁଦ୍ର ଜଳ ସ୍ରୋତ। ସକାଳୁ ଖବରକାଗଜ ପଢିବାକୁ ଇଚ୍ଛାକରି କରିଡୋର୍ ସଂଲଗ୍ନ ଚେୟାର ଉପରେ ବସିଗଲେ ହରିହର ବାବୁ। ପ୍ରାୟତଃ ପ୍ରତ୍ୟହ ଏହି ଠାରେ ହିଁ ସକାଳର ଜଳଖିଆ ଶେଷ କରନ୍ତି ସେ। ଗତ ରାତିରୁ କାହିଁକି କେଜାଣି ଏ ରୋଗୀଣା ଶରୀରଟା ଅଧିକରୁ ଅଧିକ ବିଷର୍ଣ୍ଣ ମନେ ହେଉଛି। ଛାତି ଭିତରେ ଅଜବ ଏକ ଶିହରଣ ସୃଷ୍ଟି ହୋଇ ଅଣ ନିଶ୍ୱାସୀ କରି ପକାଉଛି। ମାତ୍ର ଏଠି ଶୁଣିବାକୁ କାହାର ବା ଅଛି ସମୟ।

ଦୁଇ ମାସ ହେବ ପାଳି ପଡିଛି ମଝିଆଁ ପୁଅ ପାଖରେ। ଆହୁରି ବୋଝ ହୋଇ ରହିବାକୁ ପଡିବ ଦୁଇ ମାସ। ପୁଅ ବୋହୂ ଦୁଇଜଣ ଚାକିରିଆ। ସମୟର ଘୋର ଅଭାବ ତାଙ୍କୁ। ଭୋକରେ ପେଟ ଭିତରଟା ଆଉଟୁ ପାଉଟୁ ହେଲାଣି ହେଲେ ଏ ଯାଏଁ ମିଳିଲାନି ଚା' ରୁ କପେ। ନା ମିଳିଲା ଖାଇବାରୁ ଗଣ୍ଡେ। ମୁଣ୍ଡ ଭିତରଟା ଝାଇଁ ଝାଇଁ କରି ଦେଉଛି। ଉଠିବାକୁ ବଳ ପାଉନି।

ତରବର ହୋଇ ଘରୁ ବାହାରି ଆସିଲେ ପୁଅ ବୋହୂ। ହାତରେ ଏକ ବଡ ବ୍ୟାଗ। ଗଲାବେଳେ କହିଗଲେ ବାପା ବହୁତ ଲେଟ୍ ହୋଇ ଗଲାଣି। ଜଳଖିଆ ବନାଇ ପାରିନି। ଟିକେ ରଘୁ ସାହୁ ଦୋକାନ ଯାଇଁ କିଛି ଖାଇନେବେ। ଆମେ ଜରାଶ୍ରମ ଯାଉଛୁ। କହି ଚାଲିଗଲେ ନିଜ ରାସ୍ତାରେ।

ପ୍ରକୃତରେ ଜୀବନର ସୂର୍ଯ୍ୟାସ୍ତ ସମୟଟା ବଡ ବିଚିତ୍ର। ନା ଥାଏ ସୂର୍ଯ୍ୟଙ୍କ ପ୍ରକୃତ ଔଜଲ୍ୟ ନା ଥାଏ ସୂର୍ଯ୍ୟଙ୍କ ଭୀଷଣ ତେଜ। ଖାଲି ଯାହା ଅସ୍ତମିତ ରଙ୍ଗରେ ସୂଚାଉଥାଏ ସମୟର ସମାପ୍ତି।

ବୋଝଟିକୁ ଓହ୍ଲାଇ ଦେଲେ ଦୁଃଖ ସରେ। ସରିଯାଏ ଚିନ୍ତା ଓ ଭାବନା। ଯେମିତି ସେ ନେଇ ବସିଛନ୍ତି ଏକ ବୋଝର ଆକାର। ପାଖରେ ଆହୁରି ଦୁଇ ଦୁଇଟା ପୁଅ ବୋହୂ। ହେଲେ କଣ ହେବ ? ସେମାନେ ଏବେ ବୋଝରୁ ମୁକ୍ତ। ପାଳି ଆସିବାକୁ ଏବେ ଅନେକ ଡେରି।

ଖବର କାଗଜଟିକୁ ଟେବୁଲ୍ ଉପରୁ ପଢିବାକୁ ପ୍ରଯତ୍ନ ହେଲେ ହରିହର ବାବୁ। କାଗଜର ପ୍ରଥମ ପୃଷ୍ଠାରେ ବଡ ବଡ ଅକ୍ଷରରେ ବିଦିତ ହୋଇଥିଲା ପିତୃ ଦିବସର ଅଭିନନ୍ଦନ।

ଖବରଟିକୁ ପଢିବା ମାତ୍ରେ କୋହରେ ଭରିଗଲା ଛାତି। ଭୋକିଲା ପେଟକୁ ଅନାଦର କରି ଲୋକ ଦେଖାଣିଆ ସେବା କରିବାରେ କି ଆତ୍ମସନ୍ତୋଷ ହୋ ? ଏକଥା ବୁଝିବାକୁ ବାକି ନଥିଲା ହରିହର ବାବୁଙ୍କର।

କାହିଁକି କେଜାଣି ଅତି ବ୍ୟସ୍ତ ବିବ୍ରତ ଲାଗୁଛି ତାଙ୍କୁ। କିଛି ଜାଣି ପାରୁ ନାହାନ୍ତି ସେ। ଆଖି ଆଗରେ ସବୁକିଛି ଧୂମ୍ରମୟ। ବୋଧହୁଏ ରକ୍ତଚାପ କମି ଯାଇଛି। ପାଟି ଖୋଲି ବଡ ପାଟିରେ ଡାକିବାରୁ ପାଉ ନାହିଁ ବଳ। କିଏ ଅଛି ଯେ ଦଉଡି ଆସି ଆଉଁସି ଦେବ ଦେହରୁ ମୁଣ୍ଡ ? କାହାର ବା ଅଛି ସାହସ ଯେ ଅଯଥାରେ ଆସି ମୁଣ୍ଡାଇନେବ ଏ ବିରାଟ ବୋଝ ?

ଆଜିବି ମନେ ଅଛି ପିଲା ମାନଙ୍କ କଥା। ଥଣ୍ଡା ଜ୍ୱର ହେଲେ ବେଳ ଉଣା ନକରି ରାତି ଅଧରାତିରେ ଦଉଡି ଯାଉଥିଲେ ଡାକ୍ତରଙ୍କ ପାଖକୁ। ଟର୍ଚ୍ଚ ଲାଇଟରେ ସାପ ବେଙ୍ଗକୁ ଖାତିର ନକରି ସାଇକଲରେ ଅତିକ୍ରମ କରୁଥିଲେ ମାଇଲ ମାଇଲ ଦୂର। ଆଜି କିନ୍ତୁ ହତାଦର ସେହି ପିତାର ହୃଦୟ। ମନ ଉଣା ଛଡା ଆଉ କ'ଣ ବା ଅଛି ଉପାୟ।

ଶୋଇବା ଘରକୁ ଯିବାପାଇଁ ପାଉନି ସାହସ। ନା ପାଉଛି ବଳ ଯିବା ପାଇଁ ରଘୁଆର ଦୋକାନ। ସେଠିକି ଗଲେ ହୁଏତ କିଛି କ୍ଷଣ ପାଇଁ ହାଲ୍କା ହୋଇ ଯାଆନ୍ତା ଅସ୍ଥିର ମନ।

ଖବର କାଗଜଟିକୁ ଏପାଖ ସେପାଖ କରି ପଢିଲା ଭିତରେ ଲାଗି ଯାଇଛି ଆଖି। କ୍ଲାନ୍ତ ଶରୀର କିଛି ସମୟ ପାଇଁ ଶୋଇ ଯାଇଛି ଶାନ୍ତିରେ ଯଥା ସହ ଶାନ୍ତିରେ ଶୋଇ ଯାଇଛି ଶାରୀରିକ ଯନ୍ତ୍ରଣା।

ଦୀର୍ଘ ପାଞ୍ଚ ଘଣ୍ଟା ପରେ ପୁଅ ବୋହୂ ପ୍ରତ୍ୟାବର୍ତ୍ତନ କଲେ ଘରକୁ। ବାପାଙ୍କୁ କରିଡୋର୍‌ରେ ଶୋଇଥିବାର ଦେଖି ଚେଷ୍ଟା କଲେ ଡାକିବାକୁ। ମାତ୍ର ତାକର ସମସ୍ତ ସ୍ୱର ଶୂନ୍ୟ ହୋଇ ମିଳାଇ ଯାଉଥିଲା ଅଦୃଶ୍ୟରେ। ଅସ୍ତଗାମୀ ସୂର୍ଯ୍ୟଙ୍କ ରକ୍ତିମ ଆଭା ଏବେ ପିଡିଯାଇଥିଲା ଫିକା। ପୁଅ ବୋହୂଙ୍କ ମୁଣ୍ଡରୁ ବୋଝ ତକ ଓହ୍ଲାଇ ଦେଇ ହରିହର ବାବୁ କରି ଦେଇଥିଲେ ଦାୟିତ୍ୱରୁ ମୁକ୍ତ।

*ତିନିମୁହାଣୀ, କେନ୍ଦ୍ରାପଡା*

# କବିତାର କଥା

(ଭାଗ-୨୭)



**ଉମାକାନ୍ତ ରାଉତ**



## ସାରଳା ରଚିଥିଲେ ଓଡ଼ିଆଙ୍କ ଜନ୍ମକୁଣ୍ଡଳୀ

ପୂର୍ବରୁ କୁହାସରିଛି ଯେ ସାରଳାଙ୍କ କୃତ ଓଡ଼ିଆ ମହାଭାରତ ଉତ୍କଳୀୟ ସାହିତ୍ୟ, ସଂସ୍କୃତି ଓ ସଭ୍ୟତାର ଏକ ମହାନ୍ ଜୟଗୀତିକା। ଏହାର ମୌଳିକତା ଏହାକୁ ଭାରତର ଅନ୍ୟାନ୍ୟ ଆଞ୍ଚଳମାନଙ୍କରେ ଲେଖାଯାଇଥିବା ମହାଭାରତଠାରୁ ନୂତନତା, ଭିନ୍ନତା, ସ୍ୱାତନ୍ତ୍ୟ ଓ ଶ୍ରେଷ୍ଠତା ପ୍ରଦାନ କରିଛି। ଏଥିରେ ସେ ଓଡ଼ିଶାକୁ ଆଣିବାକୁ ସମସ୍ତ ପ୍ରଯତ୍ନ କରିଥିବାରୁ ଏହା ସ୍ଥୁଳତଃ ଭାରତୀୟ ଢାଞ୍ଚାର (EPIC OF INDIA IN FRAME) କାବ୍ୟ ଭାବେ ପ୍ରତିଭାତ ହେଉଥିଲେ ହେଁ, ବାସ୍ତବତଃ ଏହା ଉତ୍କଳର ମାଟି ପାଣି ପବନ, ସଂସ୍କୃତି, ପରମ୍ପରା, ସାମାଜିକ, ରାଜନୈତିକ ଓ ପ୍ରାକୃତିକ ଆଦି ପରିବେଶର ବିଭବସମୃଦ୍ଧ ଏକ ମୌଳିକ ଓଡ଼ିଆକାବ୍ୟ (EPIC OF ODISHA IN PARTICULAR)।

ଏହାର ମୌଳିକତାକୁ ବୁଝିବାକୁ ହେଲେ ନିମ୍ନ ବିଷୟଗୁଡ଼ିକ ପ୍ରତି ଧ୍ୟାନ ଦେବାକୁ ପଡିବ, ଯାହାକି କବିତା ଲେଖୁଥିବା ପ୍ରତ୍ୟେକ ଓଡ଼ିଆ କବି ଜାଣିବା ଜରୁରୀ। କାରଣ ଇତିହାସରୁ ଆହରିତ ଜ୍ଞାନ ଧାରଣା ହିଁ ଭବିଷ୍ୟତର ମାର୍ଗଦର୍ଶନ ପାଇଁ ଏକ ଦର୍ପଣ ସଦୃଶ।

ସଂସ୍କୃତ ମହାଭାରତରେ ଏକ ଲକ୍ଷ (୧୦୦୦୦୦) ଶ୍ଲୋକ ଥିବାବେଳେ ସାରଳାକୃତ ଓଡ଼ିଆ ମହାଭାରତରେ ରହିଛି ଏକଲକ୍ଷ ଚାଳିଶ ହଜାର (୧୪୦୦୦୦) ପଦ। ଉଭୟ କାବ୍ୟ ୧୮ ପର୍ବଯୁକ୍ତ ହୋଇଥିଲେ ହେଁ ୧୦ ,୧୩ ଓ ୧୫ ଆଦି ପର୍ବକୁ ପରିହାର କରି ସାରଳା ସମ୍ପୂର୍ଣ୍ଣ ନୂଆ ପର୍ବମାନ ଯୋଡ଼ିଛନ୍ତି। ଦୃଢ଼ ଓ ନିଶ୍ଚିତଭାବରେ କୁହାଯାଇପାରେ ଯେ ସଂସ୍କୃତ ମହାଭାରତରୁ ଉପାଦାନ ସଂଗ୍ରହ କରାଯାଇଥିଲେ ହେଁ ଢାଞ୍ଚାଗତ ପରିବର୍ତ୍ତନ ଓ ସମ୍ପୂର୍ଣ୍ଣ ନୂତନ ସଂଯୋଗ ସହ ଓଡ଼ିଶାର ସାମଗ୍ରିକ ଚିତ୍ର ଏଥିରେ ଥିବାରୁ ଏହା ସମ୍ପୂର୍ଣ୍ଣଭାବେ ମୌଳିକ ଓ ଶ୍ରେଷ୍ଠ।


ଶାସ୍ତ୍ରୀୟତାର ଲକ୍ଷଣଗୁଡ଼ିକ ଉପରେ ଆଲୋଚନା ହେଉଥିବାବେଳେ ବୁଝାପଡେ ଯେ ଯେଉଁ କାବ୍ୟିକ ସର୍ଜନାରେ ସମାଜର ଚିତ୍ର, ଚରିତ୍ର, ଧାର୍ମିକ ଧାରା, ପରମ୍ପରା, ଭାଷାର ପ୍ରୟୋଗ, କବିତ୍ୱର ପରାକାଷ୍ଠା ଆଦି ନାହିଁ ସେ କାବ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇବାର ହକଦାର ନୁହେଁ। ସାରଳାଙ୍କ ମହାଭାରତକୁ ଅନୁଶୀଳନ କଲେ ବୁଝାପଡେ ଯେ ଏଥିରେ ତତକାଳୀନ ସମାଜର ଚିତ୍ର ନିଖୁଣ ଭାବେ ରହିଛି। ଏହା ଧର୍ମଧାରା (ଧୀୟତେ ଇତି ଧର୍ମ)କୁ ବଜାୟ ରଖିବା ସହ କାବ୍ୟଚରିତ୍ରମାନଙ୍କର ଗୌରବକୁ ଉଚିତ୍ ଭାବେ ପରିସ୍ଫୁଟନ କରିଛି। ଭାଷା ପ୍ରୟୋଗର ସୁନ୍ଦରତା, କଥିତ ଭାଷା ଓ ପ୍ରଚଳିତ ଭାଷାର ସୁପ୍ରୟୋଗ ଏହି ଗ୍ରନ୍ଥକୁ ଖୁବ୍ ବଳିଷ୍ଠଭାବେ ତୋଳି ଧରିବା ସହ ଅକ୍ଟୋପସିୟ ପଞ୍ଝାରେ ଚାପି ହୋଇଯାଉଥିବା ଏକ ମହାନ୍ ଭାଷାକୁ ତା'ର ଉତ୍ତରଦାୟାଦଙ୍କ ଅମାରରେ ଥୋଇଦେବାର ସଫଳ ଭୂମିକା ଲିଭାଇଛି। କବିତ୍ୱର ବିଚାର କଲେ, ସାରଳା ଦାସଙ୍କର ଦାଣ୍ଡୀ ବୃତ୍ତର ଉଦ୍ଭାବନ ହିଁ ଆଧୁନିକ ଛନ୍ଦମୁକ୍ତ ଅନ୍ତର୍ଛନ୍ଦ ଓଡ଼ିଆ କବିତାର ଜନ୍ମଦାତ୍ରୀ। ସର୍ବୋପରି ଯେଉଁ ସାହିତ୍ୟକୃତି ପରବର୍ତ୍ତୀ ସାହିତ୍ୟ ଉପରେ କିଛି ପ୍ରଭାବ ପକାଇପାରେନାହିଁ ତାକୁ କ୍ଲାସିକ୍ ପର୍ଯ୍ୟାୟରେ ନିଆଯାଇପାରିବ ନାହିଁ। ସେଥିପାଇଁ ସାରଳା ସାହିତ୍ୟ ହିଁ କ୍ଲାସିକ୍ ସାହିତ୍ୟର ଜ୍ୱଳନ୍ତ ନିଦର୍ଶନ।

ଉଲ୍ଲେଖଯୋଗ୍ୟ ଯେ ପରବର୍ତ୍ତୀ ସମୟରେ ତାଙ୍କରି ପ୍ରଭାବ ଯୋଗୁଁ ପୁଳା ପୁଳା ଓଡ଼ିଆ ସାହିତ୍ୟ ରଚନା ହୋଇଛି। ଉନବିଂଶ ଓ ବିଂଶ ଶତାବ୍ଦୀର ଉଦାହରଣ ନେଲେ ଗଙ୍ଗାଧରଙ୍କର କୀଚକବଧ, ରାଧାନାଥଙ୍କର ମହାଯାତ୍ରା, ପ୍ରତିଭାରାୟଙ୍କର ଯାଜ୍ଞସେନୀ, ସୌରୀନ୍ଦ୍ରଙ୍କର ମିଥ୍‌କୁ ନେଇ ରଚନା, ଦୁର୍ଯୋଧନଙ୍କର ରକ୍ତନଦୀ ସନ୍ତରଣ ଆଦି ଅନେକ କାବ୍ୟକବିତା ଅନ୍ତର୍ଭୁକ୍ତ। ସୁତରାଂ ଆଜି ଓଡ଼ିଆ ଭାଷା ବିଲୁପ୍ତ ନହୋଇ ଶିରୋନ୍ନତ କରି ଚାଲିବାର ମୁଖ୍ୟ କାରଣ ହିଁ ସାରଳାଙ୍କ ସୃଷ୍ଟିର ମୌଳିକତା ଓ ଶାସ୍ତ୍ରୀୟତା।

ସାରଳାଙ୍କ ସମ୍ପର୍କିତ ସାହିତ୍ୟ ଆଲୋଚନା କଲେ ହୁଏତ ଅଧ୍ୟାୟର ପରିସମାପ୍ତି ହୋଇ ନପାରେ। ସେଭଳି ସାମର୍ଥ୍ୟ ମୋର ନାହିଁ। ଜଣେ ସାଧାରଣ ଓ ସଚେତନ ଓଡ଼ିଆ ହିସାବରେ ଓଡ଼ିଆରେ କାବ୍ୟକବିତା ଲେଖିବାରେ ଆଗ୍ରହ ରଖୁଥିବା ଭାଇଭଉଣୀମାନଙ୍କ ପାଇଁ ଯତ୍ କିଞ୍ଚିତ ସୀମିତ ଜ୍ଞାନରୁ ସାରଳାଙ୍କ ସମ୍ପର୍କରେ ଏକ ମୋଟାମୋଟି ଧାରଣା ସୃଷ୍ଟି କରିବା ହିଁ ମୋର ଲକ୍ଷ୍ୟ ଥିଲା। ଏଥିରୁ ପ୍ରେରିତ ହୋଇ କେହି ବି ସେ ସମ୍ପର୍କିତ ବିସ୍ତୃତ ଆଲୋଚନା କଲେ ନିଜକୁ କୃତ୍ୟ କୃତ୍ୟ ମନେକରିବି। ଏ ସମ୍ପର୍କିତ ଆଲେଖକୁ ଆଉ ପ୍ରଲମ୍ବିତ ନକରି ପରବର୍ତ୍ତୀ ଭାଗରେ କବିତାର ଅନ୍ୟ ଦିଗ ସମ୍ପର୍କରେ ଆଲୋଚନା କରିବି। କେବଳ ଲୋଡ଼ା। ଆପଣମାନ ପ୍ରୋତ୍ସାହନ ଓ ଭଲପାଇବା।

(କ୍ରମଶ)

*କଥା ହୁଅନ୍ତୁ : ୯୪୩୭୨୬୭୧୨୫*




# ୫-ଟି ଓ ମୋ ସରକାର ଫାଶରେ ରଘୁନାଥପୁର ଥାନା ଏସ୍‌ଆଇ

## ଅଞ୍ଚଳରେ ଖୁସିର ଲହରୀ

**ଜଗତସିଂହପୁର, (ଜ୍ୟୋତି ରଞ୍ଜନ ପଟ୍ଟନାୟକ):** ଜଗତସିଂହପୁର ଜିଲ୍ଲା ରଘୁନାଥପୁର ଥାନାଟି ଗଣ ମାଧ୍ୟମ ହେଉ ବା ରାଜନୈତିକ ଶତୃତା ହେଉ ସଦା ସର୍ବଦା ଚର୍ଚ୍ଚାରେ ରହୁଥିବା ବେଳେ ଏବେ ଏଠାରେ ଏକ ଭିନ୍ନ ରୂପ ଦେଖିବାକୁ ମିଳିଛି। ସରକାରଙ୍କ ୫-ଟି ଓ ମୋ ସରକାର କ୍ଷେତ୍ରରେ ଅଫିସରମାନଙ୍କ ଦକ୍ଷତା ମାପିବାକୁ ସରକାର ଯୋଜନା ପ୍ରଣୟନ କରିଥିବା ବେଳେ ତାହାର ଏକ ଜ୍ୱଳନ୍ତ ଉଦାହରଣ ସୃଷ୍ଟି କରିଛନ୍ତି ବ୍ରାହ୍ମଣ ସମ୍ପ୍ରଦାୟର ଏସ୍. ଆଇ ଭାବେ ନିଯୁକ୍ତି ପାଇଥିବା ଓ ଥାନାରେ ସଦା ସର୍ବଦା ହସ ଖୁସିର ମାହୋଲ ସୃଷ୍ଟି କରୁଥିବା ଏସ୍. ଆଇ ଚିନ୍ମୟ ରଞ୍ଜନ ପାଣି ନାମକ ଏହି ଅବିବାହିତ ଯୁବକ ଜଣକ। ଥାନାକୁ ଆସିଲେ ଲୋକମାନେ ନ୍ୟାୟ ପାଉନଥିବା ନେଇ ସଦା ସର୍ବଦା ଅସନ୍ତୋଷ ସୃଷ୍ଟି ହେଉଥିଲେବି ଏସ୍. ଆଇ ପାଣି ବାବୁଙ୍କ ଆଦର ଓ ସମ୍ମାନ ଦେଖି ଜନସାଧାରଣ ବି ବିଭୋର ହୋଇ ପଡୁଛନ୍ତି। ତାହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଏହିଥାନା ଅନ୍ତର୍ଗତ ଶାଳିଜଙ୍ଗା ମୌଜାର ପୂର୍ବତନ ସମିତି ସଭ୍ୟ ଅଜୟ ପାଲଟାସିଂହଙ୍କ ଏତଲାକୁ ନେଇ। ତଅାଁରା ଗ୍ରାମ ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ଭାବେ ସେ ଯେତିକି ପରିଚିତ ନୁହନ୍ତି ତା'ଠାରୁ ଅଧିକ ପରିଚିତ ସେ ଜଣେ ସମାଜସେବୀ ଭାବେ ଜନସାଧାରଣଙ୍କ ସମସ୍ତ କାର୍ଯ୍ୟକୁ ସୁଚାରୁ ରୁପେ ପାଳନ କରୁଥିବାକୁ ନେଇ। ଶାଳିଜଙ୍ଗା ଗ୍ରାମରେ କିଛି ଯୁବକ ଦିନଠାରୁ ରାତି ପର୍ଯ୍ୟନ୍ତ ପ୍ରବଳ ମଦ୍ୟପାନକରି ଓ ବିପୁଳ ବିସ୍ଫୋରକ ସାମଗ୍ରୀ ଫୁଟାଇ ବିଭିନ୍ନ ସ୍ଥାନ ମାନଙ୍କରେ ଏକ ପ୍ରକାର ରାହାଜାନି ସୃଷ୍ଟି କରୁଥିଲେ । କେଉଁ ମହିଳାଙ୍କ ଠାରୁ ସୁନା ହାର ଲୁଟକରିବା ଓ ବନ୍ଧୁକ ଦେଖାଇ ଟଙ୍କା ଲୁଟ କରିବା ଘଟଣା ଲୋକମାନଙ୍କ ଜୀବନ ପ୍ରତି ବିପଦ ଦେଖାଯାଉଥିବା ବେଳେ ଶ୍ରୀ ପାଲଟାସିଂହ ଏହାର ବିରୋଧ କରି ମୁଖ୍ୟସ୍ରୋତକୁ ଫେରିବାକୁ ଅପରାଧିମାନଙ୍କୁ ବୁଝାଉଥିଲେ ବି ଏଥିରେ ସେମାନେ ଉତକ୍ଷିପ୍ତ ହୋଇ ତାଙ୍କୁ ବନ୍ଧୁକ ଦେଖାଇ ମାରିଦେବାକୁ ମଧ୍ୟ ଧମକ ଦେଇଥିଲେ। ଏ ଘଟଣାକୁ ନେଇ ଶ୍ରୀ ପାଲଟାସିଂହ ରଘୁନାଥପୁର ଥାନାରେ ଏତଲା ଥାନା ଅଧିକାରୀ ଦେବେନ୍ଦ୍ର ମହାପାତ୍ରଙ୍କୁ ପ୍ରଦାନ କରିଥିଲେ। ଥାନା ଅଧିକାରୀ ଘଟଣାର ତଦନ୍ତ କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏସ୍. ଆଇ ଶ୍ରୀ ପାଣିଙ୍କୁ ନିର୍ଦ୍ଦେଶ ଦେବାପରେ ସେ ଶାଳିଜଙ୍ଗା ଅଞ୍ଚକୁ ଗ୍ରସ୍ତକରି ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରିବାସହ କିଛି ଥାନା କର୍ମଚାରୀଙ୍କୁ ସଙ୍ଗରେ ନେଇ ବିଭିନ୍ନ ସ୍ଥାନରେ ଚଢାଉ କରିଥିଲେ ଏବଂ ଅଭିଯୁକ୍ତକାରୀ ଗଗନ ମଲ୍ଲିକ ଓ ଜଗନ ମଲ୍ଲିକଙ୍କୁ ଧରିବାରେ ସକ୍ଷମ ହୋଇଥିଲେ। ଅଭିଯୁକ୍ତ ଦୁଇଜଣଙ୍କୁ ଧରି ସେ ଥାନାକୁ ଆଣି ପଚାରା ଉଚରା କରି ଥାନା କେସ୍ ନଂ- ୮୯/୨୧, ଆଇ. ପି. ସି. ଧାରା ଦଫା ୩୪୧, ୩୨୩, ୨୯୪, ୩୭୯,୫୦୬ ଓ ୩୪ ରେ ମାମଲା ରୁଜୁ କରି ଅଭିଯୁକ୍ତକାରୀଙ୍କୁ କୋର୍ଟ ମଧ୍ୟ ଚାଲାଣ କରିଥିଲେ । ଅଭିଯୁକ୍ତକାରୀଙ୍କ ଜାମିନ ନାମଞ୍ଜୁର ହେବାରୁ ଆଲିପିଙ୍ଗଳ ଜେଲକୁ ପଠାଇ ଦିଆଯାଇଥିଲା। ଏହି ମାମଲାର ତଦନ୍ତ କାରୀ ଅଧିକାରୀ ଶ୍ରୀ ପାଣି ଅଭିଯୁକ୍ତ ମାନଙ୍କୁ ଧରି ତାଙ୍କ ବିରୁଦ୍ଧରେ ଯେଉଁ ମାମଲା ରୁଜୁ କରିଥିଲେ ସେଥିରେ ଶାଳିଜଙ୍ଗା ଗ୍ରାମବାସୀ ମାନଙ୍କ ପକ୍ଷରୁ ଆବେଦନକାରୀ ଶ୍ରୀ ପାଲଟାସିଂହ, ବାବାଜି ଚରଣ ଜେନା, ପ୍ରଫୁଲ୍ଲ ମିଶ୍ର, ଦୁର୍ଯ୍ୟୋଧନ ସାହୁ, ଧିରେନ୍ଦ୍ରନାଥ ମୁଦୁଲି ଓ ସଞ୍ଜୟ ଦାସ ପ୍ରମୁଖ ଖୁସି ହେବା ସହିତ ତାଙ୍କର ଏପରି କାର୍ଯ୍ୟକଳାପ ପାଇଁ ଭୂୟସୀ ପ୍ରଶଂସା କରୁଥିବାର ଦେଖିବାକୁ ମିଳିଥିଲା।

# ବନ୍ଦ ହେବ କୋଭିଡ୍ କେୟାର ସେଣ୍ଟର



**ଭୁବନେଶ୍ୱର :** ରାଜ୍ୟରେ କୋଭିଡ୍ ସଂକ୍ରମଣ ହ୍ରାସ ପାଇଥିବାରୁ ସରକାରୀ ଓ ବେସରକାରୀ କୋଭିଡ୍ କେୟାର ସେଣ୍ଟର ବନ୍ଦ ହେବ। ଯଦି ସେଠାରେ କରୋନା ଆକ୍ରାନ୍ତ ଚିକିତ୍ସିତ ହେଉଥିବେ ତାହା ରୋଗୀ ଆରୋଗ୍ୟ ହେବା ପର୍ଯ୍ୟନ୍ତ ଚାଲୁ ରହିବ। ଅନ୍ୟପକ୍ଷରେ ସମ୍ଭାବ୍ୟ ତୃତୀୟ ଲହର ସଂକ୍ରମଣକୁ ନଜରରେ ରଖି ଡେଡିକେଟେଡ୍ କୋଭିଡ୍ ହେଲ୍ଥ ସେଣ୍ଟର ଓ ଡେଡିକେଟେଡ୍ କୋଭିଡ କେୟାର ସେଣ୍ଟର ଖୋଲା ରହିବ। ଯଦି କୌଣସି ଆକ୍ରାନ୍ତ ଚିକିତ୍ସିତ ହେଉ ନଥିବେ ତେବେ ସରକାରଙ୍କ ଦ୍ୱାରା ପରିଚାଳିତ ଘରୋଇ କୋଭିଡ୍ ହସ୍ପିଟାଲ ବନ୍ଦ ରହିବ। ଏନେଇ ସମସ୍ତ ଜିଲ୍ଲାପାଳ, ମ୍ୟୁନିସିପାଲ କମିଶନରଙ୍କୁ ଚିଠି ଲେଖିଛନ୍ତି ସ୍ୱାସ୍ଥ୍ୟ ସଚିବ ପ୍ରଦୀପ୍ତ ମହାପାତ୍ର। କୋଭିଡ୍ ଟେକ୍ନିକାଲ କମିଟିର ସୁପାରିସ ଆଧାରରେ ଏହି ନିଷ୍ପତ୍ତି ନିଆଯାଇଥିବା ସୂଚନା ମିଳିଛିଯ ଅପରପକ୍ଷେ, କରୋନାଜନିତ ବାସ୍ତବ ମୃତ୍ୟୁ ସଂଖ୍ୟାକୁ ସରକାର ଲୁଚାଉଥିବା ବିଭିନ୍ନ ମହଲରୁ ପ୍ରଶ୍ନ ଉଠିବା ପରେ ଏନେଇ ପ୍ରତିକ୍ରିୟା ରଖିଛନ୍ତି ଡିଏମ୍‌ଇଟି ସିବିକେ ମହାନ୍ତି। ଡିଏମ୍‌ଇଟି କହିଛନ୍ତି, ଗୋଟିଏ ଦିନରେ ଆସୁଥିବା ମୃତ୍ୟୁ ସଂଖ୍ୟା ସେହି ନିର୍ଦ୍ଦିଷ୍ଟ ଦିନର ନୁହେଁ। ବିଭିନ୍ନ ସ୍ତରରେ ଅଡିଟ୍ କରାଯାଇ କୋଭିଡ ମୃତ୍ୟୁ ସଂଖ୍ୟାକୁ ଘୋଷଣା କରାଯାଉଛି। ସରକାର ମୃତ୍ୟୁ ସଂଖ୍ୟାକୁ ଲୁଚେଇ ନାହାନ୍ତି। ପୂର୍ବରୁ କୋଭିଡ-ନନ୍ କୋଭିଡ ମୃତ୍ୟୁକୁ ନେଇ ଦ୍ୱନ୍ଦ୍ୱ ଉପୁଜିଥିଲା। କେଉଁ କାଟାଗୋରୀରେ କେଉଁ ମୃତ୍ୟୁ ଯିବ, ସେନେଇ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ମିଳିବା ପରେ ମୃତ୍ୟୁ ତଥ୍ୟର ଅଡିଟ କରାଯାଇଛି। ଏଥିସହ ସେ କହିଛନ୍ତି, କରୋନା ପିକ୍ ସମୟରେ ଡାକ୍ତରମାନେ ରୋଗୀ ସେବାରେ ବ୍ୟସ୍ତ ରହୁଥିଲେ। ଏବେ ରୋଗୀ ସଂଖ୍ୟା କମିବା ପରେ ଅଡିଟ କରାଯାଇ ତଥ୍ୟ ଆସୁଛି। କଟକ, ଭୁବନେଶ୍ୱରରେ ସଂକ୍ରମଣ ଗତ ୧୦ ଦିନ ତୁଳନାରେ କମିଛି। ତଥାପି ଅନ୍ୟ ଜିଲ୍ଲା ତୁଳନାରେ ଅଧିକ ରହିଛି। ଏଥିପାଇଁ ସ୍ୱତନ୍ତ୍ର ଫୋକସ କରିବା ସହ ଟେଷ୍ଟିଂ, ଟ୍ରେସିଂ ଓ ସର୍ଭେଲାନ୍ସକୁ ବଢାଯାଇଛି ବୋଲି ସିବିକେ ମହାନ୍ତି ପ୍ରତିକ୍ରିୟାରେ କହିଛନ୍ତି।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବଣ୍ଟନରେ ହୋଇଛି ମହାଦୁର୍ନୀତି : ବିଜେପି

**ଭୁବନେଶ୍ୱର :** ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କେବଳ ୫ଟି ଜିଲ୍ଲାର ୯ଟି ବ୍ଲକର ସର୍ଭେରୁ ରାଜ୍ୟ ସରକାର ୧ ଲକ୍ଷରୁ ଉର୍ଦ୍ଧ୍ୱ ଘର ବଂଟନରେ ଅନିୟମିତତା କରି ପାଖାପାଖି ୧୦୦୦ କୋଟି ଟଙ୍କାର ଦୁର୍ନୀତି କରିଥିବା ଜଣାପଡିଛି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗରିବଙ୍କୁ ବାସଗୃହ ଆବଂଟନ ପ୍ରସଙ୍ଗରେ ଓଡିଶା ଆସିଥିବା କେନ୍ଦ୍ରୀୟ ଟିମ୍ ତାଙ୍କ ତଦନ୍ତ ରିପୋର୍ଟରେ ରାଜ୍ୟ ସରକାରଙ୍କ ମହାଦୁର୍ନୀତିକୁ ପର୍ଦ୍ଦାଫାଶ କରିଛନ୍ତି । ରିପୋର୍ଟ ଅନୁଯାୟୀ ଅଯୋଗ୍ୟ ହିତାଧିକାରୀଙ୍କୁ ଦଳୀୟ ଭିତିରେ, ଗୋଟିଏ ଗୋଟିଏ ପରିବାରରେ ଏକାଧିକ, ଅଯଥା ଅନୁକଂପା ପ୍ରଦର୍ଶନ, ଗୁହାଳକୁ କଚ୍ଚା ଘର ଭାବେ ଜିଓ ଟ୍ୟାଗିଂ କରାଯାଇ ବାସଗୃହ ଆବଂଟନ କରାଯାଇଛି । ଏପରିକି ଏ ସମସ୍ତ ତଥ୍ୟ ରାଜ୍ୟ ସରକାରଙ୍କ ଦ୍ୱାରା ୱେବସାଇଟରେ ନିର୍ମିତ ଘରର ଡମି/ନକଲି ଏଂଟ୍ରି କରାଯାଇଛି । ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାର ଷ୍ଟିକର ଛୋଟ ଆକାରରେ ଓ ବିଜୁ ପକ୍କା ଘର ଯୋଜନାର ବଡ ଷ୍ଟିକର ଲଗାଯାଇଛି । ପିଏମ ଆବାସ ଯୋଜନାର ପାଣ୍ଠିକୁ ଅନ୍ୟ କାହାକୁ ହସ୍ତାନ୍ତର କରିବା ପାଇଁ ପ୍ରକୃତ ହିତାଧିକାରୀଙ୍କ ବ୍ୟାଙ୍କ ନମ୍ବରକୁ ପରିବର୍ତନ କରାଯାଇଛି । ଯଦି ସମସ୍ତ ଜିଲ୍ଲାକୁ ସମୀକ୍ଷା କରାଯିବ ତେବେ ପକ୍କା ଘର ବଂଟନରେ ହଜାର ହଜାର କୋଟି ଟଙ୍କାର ଦୁର୍ନୀତି ପଦାକୁ ଆସିବ । ରାଜ୍ୟ ସରକାର ଓଡିଶାର ଗରିବ ଲୋକଙ୍କ ଘରକୁ ହରିଲୁଟ୍ କରିଛନ୍ତି ବୋଲି ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି କହିଛନ୍ତି । ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଦୁର୍ନୀତି ବିରୁଦ୍ଧରେ ରାଜ୍ୟବ୍ୟାପୀ ବ୍ଲକ ଘେରାଓ କାର୍ଯ୍ୟକ୍ରମର ଅନ୍ତିମ ଦିବସରେ ଯୋଗ୍ୟ ହିତାଧିକାରୀଙ୍କୁ ପକ୍କା ଘର ବଂଟନ କରିବା ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କା ଘର ବଂଟନରେ ହୋଇଥିବା ମହାଦୁର୍ନୀତିକୁ ପର୍ଦ୍ଦାଫାଶ କରିବା ପାଇଁ ତଦନ୍ତ ଭାର ସିବିଆଇକୁ ଦେବା ପାଇଁ ବିଜେପି କାର୍ଯ୍ୟକର୍ତାମାନେ ଦାବି କରିଛନ୍ତି । ଆଜି ରାଜ୍ୟର ବିଭିନ୍ନ ବ୍ଲକ ସମ୍ମୁଖରେ ବିଜେପି କାର୍ଯ୍ୟକର୍ତାମାନେ ପ୍ରତିବାଦ କରିବା ସହ ମହାମହିମ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି । ଏବେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରିବା ପାଇଁ ଜିଲ୍ଲା ବାହାରର ଅଧିକାରୀଙ୍କ ଦ୍ୱାରା ସାନି ସର୍ଭେ କରାଯାଇ ହିତାଧିକାରୀଙ୍କ ତାଲିକାକୁ ରାଜ୍ୟ ସରକାର ସାର୍ବଜନୀନ କରନ୍ତୁ । ଫେବୃଆରୀ ୨୦୨୦ ରେ ଆହୁରି ଆବେଦନ / ଅଭିଯୋଗ ପତ୍ରକୁ ଯାଂଚ୍ କରି ଇନପୁଟ୍ ଭାବରେ ଗ୍ରହଣ କରାଯାଉ। ଜଣେ ବି ଅଯୋଗ୍ୟ ହିତାଧିକାରୀକୁ ପକ୍କା ଘର ନଦିଆଯାଉ । ଯେଉଁ ଅଧିକାରୀ ଏହି ଦୁର୍ନୀତିରେ ସିଧା ସମ୍ପୃକ୍ତ, ତାଙ୍କ ଉପରେ କଠୋର ଓ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ନିଆଯିବା ସହ ସେମାନଙ୍କର ନାମ ଗଣମାଧ୍ୟମ ଓ ସାମାଜିକ ଗଣ ମାଧ୍ୟମରେ ପ୍ରଚାରିତ କରାଯାଉ ବୋଲି ବିଜେପି ଦାବି କରିଛି । ୨୦୨୨ ସୁଦ୍ଧା ତଥା ସ୍ୱାଧୀନତାର ୭୫ ବର୍ଷ ପୂର୍ତି ଅବସରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମାଧ୍ୟମରେ ଦେଶର ସମସ୍ତ ଗରିବ ଲୋକଙ୍କୁ ପକ୍କା ଘର ଯୋଗାଇଦେବା ଲକ୍ଷ୍ୟ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କାର୍ଯ୍ୟ କରୁଛନ୍ତି । ପ୍ରଧାନମନ୍ତ୍ରା ଆବାସ ଯୋଜନା ଏକ ଫ୍ଲାଗସିପ୍ ପ୍ରୋଗ୍ରାମ । କିନ୍ତୁ ରାଜ୍ୟସରକାର ଏଠି ପାତର ଅନ୍ତର ନୀତି ଆପଣାଇ କେବଳ ଦଳୀୟ କର୍ମୀମାନଙ୍କୁ ପକ୍କା ଘର ଯୋଗାଇ ଚାଲିଛନ୍ତି ।

# ଜମାକାରୀଙ୍କୁ ମିଳିଛି ରୋଜଭ୍ୟାଲି ଚିଟ୍‌ଫଣ୍ଡ କମ୍ପାନୀର ଠକେଇ ଟଙ୍କା

**ଜଗତସିଂହପୁର:** ବହୁଚର୍ଚ୍ଚିତ ରୋଜଭ୍ୟାଲି ଚିଟ୍ ଫଣ୍ଡ ଠକେଇ ମାମଲାରେ ବିଜେଡି ର ବହୁନେତା ଓ ମନ୍ତ୍ରୀ ସିବିଆଇ ଜାଲରେ ପଡି ପଦ ପଦବୀ ହରାଇବା ସହିତ ଦଳରୁ ବି ବହିଷ୍କୃତ ହୋଇଥିବାର ନଜିର ବି ରହିଛି, ହେଲେ ଜଗତସିଂହପୁର ଜିଲ୍ଲାର ବହୁ ସାଧାରଣ ଲୋକମାନଙ୍କ ଜୀବନ ଜୀବିକା ବି ଏଥିରେ ବୁଡି ଯାଇଥିଲା। ଲୋଭ ବଶତଃ ତଥା ଅଧିକ ଟଙ୍କା ଆୟ ଦେଖି ଅତ୍ୟନ୍ତ ଗରିବ, ମୁଲିଆ ଶ୍ରେଣୀର ଲୋକ ମାନେ ଏହି ରୋଜଭ୍ୟାଲି ଚିଟ୍ ଫଣ୍ଡ ଠକେଇର ଶିକାର ହୋଇଥିବା ବେଳେ ରଘୁନାଥପୁର ତହସିଲ ଅଧିନରେ ଥିବା ପ୍ରାୟ ୧୬୭ଜଣ ଜମାକାରୀ ତାଙ୍କର ଟଙ୍କା ପାଇବାରେ ସକ୍ଷମ ହୋଇଛନ୍ତି। ରୋଜଭ୍ୟାଲି ଚିଟଫଣ୍ଡ ଠକେଇ ଘଟଣାର ତଦନ୍ତ ହୋଇଥିବା ବେଳେ ଭୁବନେଶ୍ୱରରୁ ଏକ ପ୍ରତିନିଧି ଦଳ ଆସି ପ୍ରତି ତହସିଲ ଅଧିନରେ ଥିବା ଜମାକାରୀ ମାନଙ୍କୁ ଡକାଇ ତାହାର ଫଇସଲା କରିଥିଲେ। ଯାହା ଫଳ ସ୍ୱରୂପ ଜମାକାରୀ ମାନେ ତାଙ୍କର ନିଜ ଜମାରାଶି ପାଇବାରେ ସକ୍ଷମ ହୋଇଛନ୍ତି। ରଘୁନାଥପୁର ବ୍ଲକ ଅନ୍ତର୍ଗତ ୧୯ଗୋଟି ଗ୍ରାମ ପଞ୍ଚାୟତ ମଧ୍ୟରୁ ରୋଜଭ୍ୟାଲିର ଶିକାର ହୋଇଥିଲେ ୧୫ଗୋଟି ଗ୍ରାମ ପଞ୍ଚାୟତର ଅଧିବାସୀ। ଅଢେଇକୂଳ ଗ୍ରା.ପର ଜଣେ ବ୍ୟକ୍ତି, ବରାଗୋଳ ଗ୍ରା.ପର ୭ ଜଣବ୍ୟକ୍ତି, ବିଦ୍ୟାଧରପୁର ଗ୍ରା.ପର ୪୬ଜଣବ୍ୟକ୍ତି, ଛପଡା ଗ୍ରା.ପର ୪୩ଜଣ ବ୍ୟକ୍ତି, ଚିକିଣିଆ ଗ୍ରା.ପର ୨ଜଣ ବ୍ୟକ୍ତି, ଧରାଧରପୁର ଗ୍ରା.ପର ୨ଜଣ ବ୍ୟକ୍ତି, ଏରଡଙ୍ଗା ଗ୍ରା.ପର ୨୧ଜଣ ବ୍ୟକ୍ତି, ଗୁଆଳିପୁର ଗ୍ରା.ପର ୩ଜଣ ବ୍ୟକ୍ତି, ଜଗନ୍ନାଥପୁର ଗ୍ରା.ପର ୧ଜଣ ବ୍ୟକ୍ତି, ପୁରୁଣା ବସନ୍ତ ଗ୍ରା.ପର ୩ଜଣ ବ୍ୟକ୍ତି , ରଘୁନାଥପୁର ଗ୍ରା.ପର ୧୮ଜଣ ବ୍ୟକ୍ତି, ରେଢୁଆ ଗ୍ରା.ପର ୧୦ଜଣ ବ୍ୟକ୍ତି, ସାଦେଇପୁର ଗ୍ରା.ପର ୧ଜଣ ବ୍ୟକ୍ତି, ତଅାଁରା ଗ୍ରା.ପର ୨ଜଣ ବ୍ୟକ୍ତି ଓ ତରିକୁନ୍ଦ ଗ୍ରା.ପର ୭ଜଣ ବ୍ୟକ୍ତି ଏହି ରୋଜଭ୍ୟାଲି ଘଟଣାର ଶିକାର ହୋଇଥିଲେ।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା

# ପୂର୍ବତନ ସାଂସଦଙ୍କ ଉଦ୍‌ବେଗ



**ଡାବୁଗାଁ :** ଡାବୁଗାଁ ବିଜେପି ତରଫରୁ ସ୍ଥାନୀୟ ବିଡ଼ିଓଙ୍କ ଜରିଆରେ ମହାମହିମ ରାଜ୍ୟପାଳଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହେଉଥିବା ଅନିୟମିତତାକୁ ବିରୋଧ କରି ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଏହି ପରିପ୍ରେକ୍ଷୀରେ ହେଉଥିବା ବ୍ୟାପକ ଦୁର୍ନୀତି ଓ ପ୍ରଶାସନର ପାତର ଅନ୍ତର ନୀତି ହେତୁ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି ନବରଙ୍ଗପୁର ଲୋକସଭାର ପୂର୍ବତନ ସାଂସଦ ପର୍ଶୁରାମ ମାଝୀ। ଏହାର ଆଶୁ ସମାଧାନ ନହେଲେ ବିଜେପି ତରଫରୁ ଗଣତାନ୍ତ୍ରିକ ପଦ୍ଧତିରେ ଆନ୍ଦୋଳନ କରାଯିବ ବୋଲି ସେ ମତ ବ୍ୟକ୍ତ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଜିଲ୍ଲା ସଭାପତି ଜଗଦୀଶ ଚନ୍ଦ୍ର ବିଷୋୟୀ, ବିଜେପିର ବରିଷ୍ଠ ନେତା ଜୟନ୍ତ କୁମାର ପାତ୍ର, ପଦ୍ମନ ନାୟକ, କୈଳାସ ପାଣିଗ୍ରାହୀ, ବିଜେପି ଡାବୁଗାଁ ମଣ୍ଡଳ ସଭାପତି ଜେ. ରାଜଶେଖର ରାଓ,ଦିୱାନ ସିଂ, ଡାବୁଗାଁ ମଣ୍ଡଳ ସାଧାରଣ ସଂପାଦକ ମହେଶ ପାତ୍ର, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଚନ୍ଦ୍ରଭାନୁ ନାୟକ, ଜିଲ୍ଲା ଯୁବମୋର୍ଚ୍ଚା ସାଧାରଣ ସଂପାଦକ ଶୁଭ୍ରଜିତ୍ ପାଣିଗ୍ରାହୀ, ଡାବୁଗାଁ ମଣ୍ଡଳ ଯୁବମୋର୍ଚ୍ଚା ସଭାପତି ୱାଇ. ରାଜ କୁମାର, ପୂର୍ବତନ ଏସ୍. ସି ମୋର୍ଚ୍ଚା ସଭାପତି ଦୁର୍ଜନ ମିର୍ଗାନ, ରତନ୍ କଲାର, ଦାମୋଦର ପ୍ରଧାନ, ସୁନ୍ଦର ଭତ୍ରା, ବୋରିଗାଁ ମଣ୍ଡଳ ଯୁବମୋର୍ଚ୍ଚା ସଭାପତି ମନବୋଧ ଭତ୍ରା ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।

# ଡିଆରଡିଏ ପିଡ଼ିଙ୍କ ବିରୁଦ୍ଧରେ ଅଭିଯୋଗ



**ନବରଙ୍ଗପୁର :** ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ନବରଙ୍ଗପୁର ଠାରେ କାର୍ଯ୍ୟରତ ରାଜସ୍ୱ ଅମଲାଙ୍କ ପ୍ରତି ପ୍ରକଳ୍ପ ନିର୍ଦ୍ଦେଶକ ରମାକାନ୍ତ ନାୟକଙ୍କ ଅଭ୍ୟାସ ଗତ ଦୁର୍ବ୍ୟବହାରକୁ ସହ୍ୟ କରି ନପାରି ଓଡିଶା ରାଜସ୍ୱ ଅମଲା ସଙ୍ଘର ଜିଲ୍ଲା ଶାଖା ନବରଙ୍ଗପୁର ତରଫରୁ ନବରଙ୍ଗପୁର ଜିଲ୍ଲାପାଳ ଡଃ ଅଜିତ କୁମାର ମିଶ୍ରଙ୍କୁ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ ଅନୁସାରେ, ଡିଆରଡିଏ କାର୍ଯ୍ୟାଳୟରେ କାର୍ଯ୍ୟରତ ରାଜସ୍ୱ ସହାୟକ ଲୋକନାଥ ସାହୁଙ୍କୁ ପିଡି ଅସାଦଚରଣ କରିବା ସହ ତାଙ୍କୁ ମାନସିକ ଭାବେ ନିର୍ଯାତନା ଦେଇଅସୁଥିଲେ। ଗତ ଦୁଇ ତାରିଖ ଦିନ ଶ୍ରୀ ସାହୁ ଏକ ଦୁର୍ଘଟଣା ର ସମ୍ମୁଖୀନ ହୋଇଥିଲେ। ଦୁର୍ଘଟଣା ଯୋଗୁଁ ସେ ଚିକିତ୍ସିତ ହେଉଥିବା ବେଳେ ଗତ ୮ ତାରିଖ ଦିନ ପିଡି ଶ୍ରୀ ସାହୁଙ୍କୁ କାର୍ଯ୍ୟାଳୟକୁ ଡାକି ବିନା କାରଣରେ ଧମକ ଚମକ ଦେଇଥିଲେ। ଏହାକୁ ନେଇ ଶ୍ରୀ ସାହୁ ଅମଲା ସଙ୍ଘ ନିକଟରେ ଅଭିଯୋଗ କରିଥିଲେ। ଏହାପରେ ସଂଘର ନିଷ୍ପତ୍ତି ପ୍ରକାରେ ପିଡିଙ୍କ ବିରୁଦ୍ଧରେ ଜିଲ୍ଲାପାଳଙ୍କୁ ସଙ୍ଘ ପକ୍ଷରୁ ଅଭିଯୋଗ ପ୍ରଦାନ କରାଯାଇଛି। ଯଦି, ପିଡି ଶ୍ରୀ ନାୟକଙ୍କ ବିରୁଦ୍ଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଯାଏ ତାହାହେଲେ ଓଡିଶା ରାଜସ୍ୱ ଅମଲା ସଙ୍ଘ, ଜିଲ୍ଲା ଶାଖା, ନବରଙ୍ଗପୁର ପରବର୍ତ୍ତୀ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ପଦକ୍ଷେପ ଗ୍ରହଣ କରିବ ବୋଲି ନିଷ୍ପତ୍ତି ନେଇଥିବା ସୂଚନା ମିଳିଛି। ଏହି ଦାବି ପ୍ରଦାନ ସମୟରେ ଜିଲ୍ଲା ଶାଖା ମୁଖ୍ୟ ଉପଦେଷ୍ଟା କେ. ଅଶୋକ ଚକ୍ରବର୍ତ୍ତୀ, ଜିଲ୍ଲା ସଭାପତି, ଆଶୁତୋଷ ମହାନ୍ତି, ଉପ ସଭାପତି, ଧନୁର୍ଜୟ ମାଝୀ, ସମ୍ପାଦକ, ତ୍ରିଲୋଚନ ନାୟକ, କବିତା ବ୍ରହ୍ମା, ଭି କ୍ରିଷ୍ଣାବେଣୀ, ପ୍ରଭାବତୀ ପାତ୍ର, ବିଜୟ ସାହୁ, ସତ୍ୟ ନାରାୟଣ ସାହୁ, ମାୟାଧର ନାୟକ, ଚିତ୍ତରଞ୍ଜନ ପାତ୍ର, ବାଳକୃଷ୍ଣ ପାଣିଗ୍ରାହୀ, ସୁନୀଲ ଦାସ, ସରୋଜିନୀ ଦାଶ, ସଂଗ୍ରାମ ପ୍ରଧାନ, ଅମରେନ୍ଦ୍ର ସମରଥ, ୟାସର ଅଲ୍ଲୀ, ପ୍ରଣତି ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଯୁବପିଢ଼ିଙ୍କ ...

ବିଚାରପତି କହିଛନ୍ତି। ଜଷ୍ଟିସ ସିଂ ଆହୁରି ମଧ୍ୟ କହିଛନ୍ତି, ଦେଶର ଏବେର ପିଢ଼ି ଅଲଗା ଅଲଗା ସମ୍ପ୍ରଦାୟ, ଜାତି ସହିତ ବିବାହ କରୁଛନ୍ତି। ହେଲେ ବ୍ୟକ୍ତିଗତ ନିୟମ, ବିଶେଷକରି ବିବାହ ଏବଂ ଛାଡପତ୍ର ମାମଲାରେ ବିବାଦ ଉପୁଜିଥିବାରୁ ବିବାହ ନ କରିବାକୁ କହିହେବନି। ତେଣୁ ସରକାର ଗୋଟିଏ ଆଇନ ଆଣିବା ଦରକାର। ଦିଲ୍ଲୀ ହାଇକୋର୍ଟର ବିଚାରପତି କହିଛନ୍ତି ଯେ, ସମ୍ବିଧାନର ଧାରା ୪୪ ଅନୁଯାୟୀ ୟୁନିଫର୍ମ ସିଭିଲ କୋଡ ଲାଗୁ ହେବା ଦରକାର। ୟୁନିଫର୍ମ ସିଭିଲ କୋଡର ଅର୍ଥ ଗୋଟିଏ ଧର୍ମର ଆଇନକୁ ଅନ୍ୟ ଧର୍ମ ଉପରେ ଲଦି ଦେବା ନୁହେଁ। ହେଲେ ସାଧାରଣତଃ ରାଜନୀତିକ ମତଭେଦ ପାଇଁ ଏଭଳି ଏକ ଧାରଣା ସୃଷ୍ଟି ହୋଇଥିବାରୁ ଏହି ସିଭିଲ ପ୍ରସଙ୍ଗ ଉଠିବା ବେଳେ ବିଭିନ୍ନ ପ୍ରକାର ତର୍କକୁ ଜନ୍ମ ଦିଏ। ଏହି ଆଇନର ପ୍ରକୃତ ଉଦ୍ଦେଶ୍ୟ ହେଉଛି ଦେଶର ଯେକୌଣସି ବ୍ୟକ୍ତି ସିଏ କୌଣସି ଧର୍ମ ଏବଂ ଜାତିର ହେଉଥାନ୍ତି ନା କାହିଁକି ବିବାହ, ଛାଡପତ୍ର, ପୋଷ ସନ୍ତାନ ଗ୍ରହଣ, ଉତ୍ତରାଧିକାରୀ ପ୍ରସଙ୍ଗରେ ଦେଶର ସମସ୍ତ ନାଗରିକଙ୍କ ପାଇଁ ଗୋଟିଏ ନିୟମ ରହିବ। ଏବେ କିନ୍ତୁ ବିଭିନ୍ନ ଧର୍ମ ଅନୁଯାୟୀ ନିୟମ ରହିଛି।

### ଗରିବ ଲୋକଙ୍କ ...

ପରିବାରର ଆର୍ଥିକ ଅସୁବିଧା ଦୂର କରିବାରେ ସହଯୋଗ କରିବ ବୋଲି ଆଶା ପ୍ରକାଶ କରିଥିଲେ। ଗରିବ ଲୋକଙ୍କ ପାଇଁ ଏହିପରି ଉଦ୍ୟମ ଜାରି ରହିବ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ ଜିଲ୍ଲା ସ୍ତରରେ ଅଧିକ ଶ୍ରମ ଦିବସ ସୃଷ୍ଟି କରି ଗରିବ ଲୋକଙ୍କ ରୋଜଗାର ଦେବା ପାଇଁ କାମ କରିବାକୁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ସୂଚନାଯୋଗ୍ୟ ଯେ, ମୁଖ୍ୟମନ୍ତ୍ରୀ କୋଭିଡ୍‌ର ଦ୍ୱିତୀୟ ଲହରରେ ଗରିବ ଲୋକଙ୍କ ଅସୁବିଧା ଦୂର କରିବା ପାଇଁ ୧୬୯୦ କୋଟି ଟଙ୍କାର ସ୍ୱତନ୍ତ୍ର କୋଭିଡ୍ ସହାୟତା ଘୋଷଣା କରିଛନ୍ତି। ଏଥିରେ ଶ୍ରମିକମାନଙ୍କ ପାଇଁ ମଧ୍ୟ ୩୫୨ କୋଟି ଟଙ୍କାର ସହାୟତା ରହିଛି। ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଗତବର୍ଷ ୨୦ କୋଟି ଶ୍ରମ ଦିବସ ସୃଷ୍ଟି ହୋଇଥିବା ବେଳେ ଚଳିତ ବର୍ଷ ଏ ପର୍ଯ୍ୟନ୍ତ ୭ କୋଟି ଶ୍ରମ ଦିବସ ସୃଷ୍ଟି ହୋଇପାରିଛି ଏବଂ ବର୍ଷ ଶେଷ ସୁଦ୍ଧା ୨୫ କୋଟି ଶ୍ରମ ଦିବସ ସୃଷ୍ଟି ପାଇଁ ଲକ୍ଷ ରଖାଯାଇଛି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଗତ ଏକବର୍ଷ ଧରି ଆମର କୋଭିଡ୍ ଲଢ଼େଇ ମଧ୍ୟରେ ଲକଡାଉନ, ସଟ୍‌ଡାଉନ ଯୋଗୁଁ ଗରିବ ଲୋକଙ୍କ ରୋଜଗାର କମିଛି। ତେଣୁ ଲୋକଙ୍କ ଜୀବିକା ଉପରେ ଧ୍ୟାନ ଦେଇ ରାଜ୍ୟ ସରକାର ଚାଷୀ, ଶ୍ରମିକ, ଦୁଗ୍ଧ ଚାଷୀ, ଉଠାଦୋକାନୀ ସମସ୍ତଙ୍କ ପାଇଁ ୧୬୯୦ କୋଟି ଟଙ୍କାର ପ୍ୟାକେଜ୍ ଘୋଷଣା କରିଛନ୍ତି ବୋଲି ସେ କହିଥିଲେ। କରୋନାର ଦ୍ୱିତୀୟ ଲହର ସମ୍ପୂର୍ଣ୍ଣ ଶେଷ ହୋଇନାହିଁ ବୋଲି ଦୋହରାଇ ସେ ସମସ୍ତଙ୍କୁ ଟିକା ନେବାକୁ ଓ କୋଭିଡ୍ ନିୟମ ମାନିବାକୁ ଅନୁରୋଧ କରିଥିଲେ। ଏହି ଅବସରରେ ପଞ୍ଚାୟତରାଜ ମନ୍ତ୍ରୀ ପ୍ରତାପ ଜେନା ଗରିବ କୃଷକ ଶ୍ରମିକମାନଙ୍କ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏହି ପଦକ୍ଷେପ ଗ୍ରାମ୍ୟ ଅର୍ଥନୀତିକୁ ସୁଦୃଢ଼ କରିବ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରି, ନୂଆପଡା ବିଧାୟକ ରାଜେନ୍ଦ୍ର ଢ଼ୋଲକିଆ ଏବଂ ରାଉରକେଲା ବିଧାୟକ ସାରଦା ନାୟକ ପ୍ରମୁଖ ଯୋଗ ଦେଇ ବିଭିନ୍ନ ବିକାଶ ଓ ଜନକଲ୍ୟାଣ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱର ଉଚ୍ଚ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟର ୩୧୪ଟି ବ୍ଲକର ଏମ୍‌ଜିଏନ୍‌ଆରଇଜିଏସ୍ ଶ୍ରମିକମାନେ ଭିଡିଓ କନଫରେନସିଙ୍ଗ ଯୋଗେ ଯୋଡି ହୋଇଥିଲେ। ଗଞ୍ଜାମର ନିକି ଆମ୍ମା ଓ କୈଳାଶ ଗଉଡ, କୋରାପୁଟର ସୁରେଶ ବାଖିଆ, ତପନ କୁମାର ନାଗ, କଳାହାଣ୍ଡିର ସିତି ପୂଜାରୀ ଓ ଗଜ ମାଝି ଓ ମୟୂରଭଞ୍ଜର ଶିବରାମ ସୋରେନ ଓ ସୁକାନ୍ତି ମୁର୍ମୁ ପ୍ରମୁଖ କେତେ ଜଣ ହିତାଧିକାରୀ ଏହି ସହାୟତା ପାଇଁ ମୁଖ୍ୟମନ୍ତ୍ରୀଙ୍କ ପ୍ରତି ସେମାନଙ୍କର କୃତଜ୍ଞତା ପ୍ରକାଶ କରିଥିଲେ। ଏହି ସହାୟତା କୋଭିଡ୍ ସମୟରେ ସେମାନଙ୍କୁ ବିଶେଷ ସହାୟକ କରିବ ବୋଲି ମତ ଦେଇ ମୁଖ୍ୟମନ୍ତ୍ରୀଙ୍କ ପ୍ରତି କୃତଜ୍ଞତା ଜଣାଇଥିଲେ। କାର୍ଯ୍ୟକ୍ରମ ସମ୍ପର୍କରେ ଏକ ଭିଡିଓ ଚିତ୍ର ପ୍ରଦର୍ଶିତ ହୋଇଥିଲା। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଉନ୍ନୟନ କମିଶନର, କୃଷି ଉତ୍ପାଦନ କମିଶନର, ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳ ଏବଂ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### କରୋନା ଲଢ଼େଇ ...

ଏହି ପାଣ୍ଠି ୯ ମାସ ମଧ୍ୟରେ ବ୍ୟବହାର ହେବ ବୋଲି ସରକାର କହିଛନ୍ତି। ଏହି ପାଣ୍ଠି ଜରିଆରେ ରାଜ୍ୟର ସ୍ୱାସ୍ଥ୍ୟ ବିଭାଗ ସଜାଡିବା ପାଇଁ ସମସ୍ତ ପ୍ରକାରର ସହଯୋଗ କେନ୍ଦ୍ର ସରକାର କରିବେ ବୋଲି ସେ କହିଛନ୍ତି। ସେହିପରି କୃଷି ମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର କହିଛନ୍ତି ଯେ, ଚାଷୀ ଆନ୍ଦୋଳନ ସହ ଜଡିତ ସଂଗଠନ ସହିତ ସରକାର ଅନେକ ଥର ଆଲୋଚନା କରିଛନ୍ତି। କୃଷି ଆଇନ ରଦ୍ଦ ବ୍ୟତୀତ ସରକାର ଅନ୍ୟ ପ୍ରସଙ୍ଗରେ ଆଲୋଚନା ପାଇଁ ରାଜି ବୋଲି ସେ କହିଛନ୍ତି। ବୈଠକ ପରେ ସେ କହିଥିଲେ ଯେ, ସରକାରଙ୍କ ନିଷ୍ପତ୍ତି କୃଷକଙ୍କ ଆୟ ବୃଦ୍ଧି କରିବ। ଆତ୍ମନିର୍ଭର ଭାରତ ଅନୁଯାୟୀ କୃଷି ଭିତ୍ତିଭୂମି ପାଣ୍ଠିକୁ ୧ଲକ୍ଷ କୋଟି ଟଙ୍କା ଦିଆଯାଇଛି। ଏପିଏମସି ସେହି ପାଣ୍ଠିକୁ ବ୍ୟବହାର କରିପାରିବ। ବଜେଟରେ ଦିଆଯାଇଥିବା ଘୋଷଣାକୁ ସରକାର ପୂରଣ କରୁଛନ୍ତି। ମଣ୍ଡିକୁ ମଜବୁତ କରିବା ନେଇ ବଜେଟ ବେଳେ ସରକାର କହିଥିଲେ। ସେହିପରି କେନ୍ଦ୍ରମନ୍ତ୍ରୀ କହିଛନ୍ତି ତିନି କୃଷି ଆଇନ ଲାଗୁ ହେବା ପରେ ବି ଏପିଏମ୍‌ସି ଆକ୍ଟ ରଦ୍ଦ ହେବନି। କେନ୍ଦ୍ର ସରକାର ଏପିଏମ୍‌ସିକୁ ପାଣ୍ଠି ଯୋଗାଇ ଆର୍ଥିକ ସହାୟତା ଯୋଗାଇବେ ବୋଲି କୃଷି ମନ୍ତ୍ରୀ ତୋମାର କହିଛନ୍ତି। ସେହିପରି ନଡିଆ ଚାଷ ନେଇ କହିଛନ୍ତି, ଦେଶରେ ଏକ ବଡ ଅଞ୍ଚଳରେ ନଡିଆ ଚାଷ କରାଯାଏ। ଏହାର ଉତ୍ପାଦନ ବୃଦ୍ଧି ଏବଂ କୃଷକମାନଙ୍କୁ ସୁବିଧାଜନକ କରିବା ପାଇଁ ୧୯୮୧ ମସିହାରେ ନଡିଆ ବୋର୍ଡ ଅଧିନିୟମ ଅଣାଯାଇଥିଲା। ଆଗାମୀ ଦିନରେ ସରକାର ଏହାର ସଂଶୋଧନ କରିବାକୁ ଯାଉଛନ୍ତି। ବୋର୍ଡର ଚେୟାରମ୍ୟାନ୍ ଜଣେ ଅଣ-ସରକାରୀ ବ୍ୟକ୍ତି ହେବେ ବୋଲି ସେ କହିଛନ୍ତି।

### ଜିଲ୍ଲାରେ ଦ୍ୱିତୀୟ ...

ଡେଙ୍ଗୁର ଲକ୍ଷଣ ଥିଲେ କୋଭିଡ ପରୀକ୍ଷା କରିବାକୁ ପଠାଇବାର ଦାୟୀତ୍ୱ ଥିଲେ ବି ଗ୍ରାମାଞ୍ଚଳ ମାନଙ୍କରେ ଏହାର କୌଣସି ସର୍ଭେ କରାଯାଉ ନାହିଁ। ଏପରିକି ଆଶା ଓ ଅଙ୍ଗନୱାଡି କର୍ମୀ ମାନେ ଯେଉଁ ଗାଁରେ ସଂକ୍ରମିତଙ୍କ ସଂଖ୍ୟା ବଢୁଛି ବା କରୋନାରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରୁଛନ୍ତି ସେ ସ୍ଥାନ ମାନଙ୍କୁବି ଯିବାକୁ ସେମାନେ ନାରାଜ ହେଉଛନ୍ତି। କରୋନା ଆକ୍ରାନ୍ତରେ ତାଙ୍କ ପରିବାର କାଳେ ପଡିଯିବେ ସେ ନେଇ ସେମାନେ ଆଗରୁ ସତର୍କ ରହିଯିବା ଦ୍ୱାରା ସଂକ୍ରମଣ କମିବା ଅପେକ୍ଷା ବଢିବାରେ ଲାଗିଛି। ଏମାନେ କରୋନାର ସଂକ୍ରମଣକୁ ରୋକିବା ପାଇଁ ଲୋକ ମାନଙ୍କୁ ସଚେତନତା କରିବା ପରିବର୍ତ୍ତେ ଦେହ ଅସୁସ୍ଥ ବୋଲି କହି ଘରେ ରହିଯିବାରେ ସକ୍ଷମ ହେଉଛନ୍ତି। ଏମାନେ କରୋନା ଯୋଦ୍ଧା ନା ସଂକ୍ରମଣ ବଢାଇବାର ବ୍ୟବସ୍ଥା କରୁଛନ୍ତି ବୋଲି ସାଧାରଣରେ ଆଲୋଚନା ହେଉଛି। କରୋନାର ତୃତୀୟ ଲହରୀ ଆସିବା ପୂର୍ବରୁ ଜିଲ୍ଲାରେ ଯଦି ସଂକ୍ରମଣ ସଂଖ୍ୟା ହ୍ରାସ ନହୋଇପାରେ ତେବେ ସରକାରଙ୍କ ଘରକୁ ଘରବୁଲି ସର୍ଭେ କରିବା ଘଟଣା ଏକ ପ୍ରହସନ ପାଲଟିଯିବ। ଗ୍ରାମାଞ୍ଚଳ ମାନଙ୍କରେ ଦ୍ୱିତୀୟ କରୋନା ଲହରୀ ରୋକିବାକୁ ହେଲେ ତହସିଲ କର୍ତ୍ତୁପକ୍ଷ ଓ ଥାନା ଅଧିକାରୀ ମାନଙ୍କୁ ଗୁରୁ ଦାୟୀତ୍ୱ ଦେବାକୁ ବୁଦ୍ଧିଜୀବି ମହଲରେ ଦୃଢ ଦାବି ହୋଇଛି।

# ଓଡ଼ିଶାର ଲୋକନୃତ୍ୟ ପ୍ରକାଶ ଧାରାରେ: ପଶୁମୁଖା ନାଚ



ଡ. ମନୋରଞ୍ଜନ ବିଷୋୟୀ

ଆଦିମ ମାନବର ହାସ୍ୟ, ବିଷାଦ, ଭୟ ଇତ୍ୟାଦି ମଧ୍ୟରୁ ଲୋକାନୁଭୂତିର ସ୍ୱତଃସ୍ଫୁର୍ତ୍ତ ପରିପ୍ରକାଶକୁ ଆଧାର କରି ଲୋକନାଟକ ଗଢ଼ି ଉଠିଥିବା ବିଶ୍ୱାସ କରାଯାଏ । ବ୍ୟକ୍ତିର ହର୍ଷ, ଉଲ୍ଲାସ, ପ୍ରେମ, କ୍ରୋଧ, ଘୃଣା ଇତ୍ୟାଦି ଭାବକୁ ପ୍ରକାଶ କରିବା ନିମନ୍ତେ ଯେଉଁ ଅଭିନୟ ପ୍ରଦର୍ଶନ କରାଯାଏ, ତାହାହିଁ ହେଉଛି ଯଥାର୍ଥରେ ଲୋକନୃତ୍ୟ । ନିରାଭରଣ, ସ୍ୱଚ୍ଛନ୍ଦ ଓ ସ୍ୱାଭାବିକ ଅଭିବ୍ୟକ୍ତି ହେଉଛି ଲୋକନାଟକର ମୂଳ ଆଧାର । ଏହି ଧାରାରେ ଅନେକ ଆଲୋଚକ ପଶୁମୁଖା ନାଚକୁ ଲୋକନାଟକର ଆଦିମ ପର୍ଯ୍ୟାୟର ସୃଷ୍ଟି ଭାବରେ ଗ୍ରହଣ କରିଥାନ୍ତି । ମାନବ ଅରଣ୍ୟ ଭିତରେ ଆରମ୍ଭ କରିଛି ତା'ର ଜୀବନର ଅଭିସାର । ପ୍ରକୃତିର ବୈଚିତ୍ର୍ୟ ଠାରୁ ଆରମ୍ଭ କରି ଜୀବଜନ୍ତୁ, ପଶୁପକ୍ଷୀ ହୋଇଉଠିଛନ୍ତି ତା'ର ଅନ୍ତରଙ୍ଗ । ସେମାନଙ୍କ ବିଚିତ୍ର, ଭୟାନକ ଓ ସୌନ୍ଦର୍ଯ୍ୟମୟ ବିଭିନ୍ନ ଆଚରଣକୁ ଅନୁକରଣ କରି ଗଢ଼ିଉଠିଛି ପଶୁ ଓ ପଶୁମୁଖା ନାଚ । ବିଶ୍ୱାସ କରାଯାଏ-ପ୍ରାଚୀନ ପ୍ରସ୍ତର ଯୁଗରୁ ଏହା ବିକାଶ ଲାଭ କରିଛି । କ୍ରମେ ଏହି ନୃତ୍ୟ ବିକଶିତ ମାନବ ସମାଜର ଧାର୍ମିକ ଚେତନାକୁ ଆଧାର କରି ଭିନ୍ନ ରୂପ ଧାରଣ କରିଅଛି ।

ପଶୁମୁଖାନୃତ୍ୟର ଆଲୋଚନା ପ୍ରସଙ୍ଗରେ ପ୍ରଥମତଃ ଦୃଷ୍ଟି ଆକର୍ଷଣ କରିଥାଏ 'ଲୋକ ଆରାଧନା' ପରମ୍ପରା । ଓଡ଼ିଶାର ପ୍ରତ୍ୟେକ ଗ୍ରାମର ନାମକରଣ ଠାରୁ ଆରମ୍ଭ କରି ଜୀବନ ଧାରଣ ପ୍ରଣାଳୀ ସହ ଆଞ୍ଚଳିକ କୂଳଦେବତାଟିଏ ସୃଷ୍ଟି ହୋଇଥିବା ଲକ୍ଷ୍ୟ କରିହୁଏ । ଏହି ଦେବତାର ସୃଷ୍ଟି ଅନ୍ତରାଳରେ ଜନ୍ମ-ମୃତ୍ୟୁ, ସୌଭାଗ୍ୟ-ଦୁର୍ଭାଗ୍ୟ, ବ୍ୟାଧି ଓ ପରିତ୍ରାଣର ସଂପର୍କ ଥାଏ ଅତି ଘନିଷ୍ଟ । ପ୍ରତ୍ୟେକ ଗ୍ରାମର ଏହି ଆରଧ ପରାମ୍ପରାଟିର କେନ୍ଦ୍ରବିନ୍ଦୁ ହେଉଛି ନାରୀ । ଏଠାରେ ନଈପଠା କିମ୍ବା ଗ୍ରାମ ଉପକଣ୍ଠ ଥାଏ ଦେବୀଙ୍କ ଆସ୍ଥାନ । କାଷ୍ଠ, ପ୍ରସ୍ତରରେ ଗଢ଼ା ହୋଇଥାଏ ପ୍ରତିମା । କେତେବେଳେ ଏହା ପ୍ରାକୃତିକ ଶିଳା କିମ୍ବା କାଷ୍ଠ ଖଣ୍ଡରେ ପୂଜା ପାଇଥାଏ । ଏହି ଆରାଧନା ପୀଠରେ କାଷ୍ଠ, ମୃତ୍ତିକା, ଶିଳା, ପାଳ ନିର୍ମିତ ଘୋଡ଼ା ଓ ହାତୀ ତଥା ବିଭିନ୍ନ ପଶୁପକ୍ଷୀ ଭକ୍ତଙ୍କ ଦ୍ୱାରା ସମର୍ପିତ ହୋଇଥିବା ଦେଖିବାକୁ ମିଳେ । ଏହାର ଯାନିଯାତ୍ରା, ପର୍ବପର୍ବାଣି ଗ୍ରାମଦେବୀଙ୍କ ପାର୍ବଣ ଅବସରରେ ପ୍ରାୟତଃ ଭକ୍ତମାନଙ୍କ ଇଚ୍ଛା ଉପରେ ନିର୍ଭର କରିଥାଏ ।

ମୁଖା ଓ ପୋଷାକ ଧାରଣ କରି ବିଭିନ୍ନ ପ୍ରକାର ନୃତ୍ୟ ପ୍ରଦର୍ଶିତ ହୋଇଥାଏ । ତେଣୁ ଧାର୍ମିକ ପରମ୍ପରା ଭିତରୁ ପଶୁମୁଖା ନୃତ୍ୟ ସୃଷ୍ଟି ହୋଇଥିବା ବିଶ୍ୱାସ କରାଯାଏ । ଏହି ଗ୍ରାମ୍ୟ ଉପାସନା ପରମ୍ପରା ପରବର୍ତ୍ତି ସମୟରେ ରାମାୟଣ ଓ ମହାଭାରତର କାହାଣୀ ଓ ଘଟଣା ଆଧାରରେ ପରିବ୍ୟାପ୍ତ ହୋଇଥିବା ଅନୁମାନ କରାଯାଏ । ତେଣୁ ବସ୍ତୁତଃ କହିବାକୁ ଗଲେ ଲୋକବିଶ୍ୱାସ ଓ ଚଳଣି ହେଉଛି ପଶୁମୁଖା ନୃତ୍ୟର ମୁଖ୍ୟ ଆଧାର ।

ପଶୁମୁଖା ନୃତ୍ୟକୁ ଅନୁଧାନ କଲେ ଦେଖାଯାଏ ଏହା ହେଉଛି ଛଦ୍ମ ଆବରଣ ଧାରଣ କରି ବାସ୍ତବ ବ୍ୟକ୍ତିତ୍ୱକୁ ଗୋପନ ରଖି ଅନ୍ୟ ଏକ ଭୂମିକାରେ ଅବତୀର୍ଣ୍ଣ ହୋଇଥିବା ଏକ ନାଟ୍ୟରୂପ । ସାଧାରଣତଃ ମୁଖକୁ ଆଚ୍ଛାଦନ ଓ ସ୍ଥଳ ବିଶେଷରେ ସମଗ୍ର ଶରୀରକୁ ଆଚ୍ଛାଦନ କରି ଏକ ପଶୁର ଚରିତ୍ର; କିମ୍ବା ଅନ୍ୟ କେତେକ ସ୍ଥଳେ ପ୍ରତୀକାତ୍ମକ ଭାବେ ଦୁଷ୍ଟ ଚରିତ୍ରକୁ ଆଧାର କରି ଏହା ପ୍ରଦର୍ଶିତ ହୋଇଥାଏ । ଏହାର ରୂପ ଥାଏ ପ୍ରାକୃତିକ କିନ୍ତୁ ପ୍ରଦର୍ଶିତ ନୃତ୍ୟର ଉଦ୍ଦେଶ୍ୟ ଥାଏ, ଆଞ୍ଚଳିକ କିମ୍ବା ସମୟ ଭିତ୍ତିକ । ତେଣୁ ଦୁଇଟି ସତ୍ତାର ପ୍ରକାଶ ପଶୁମୁଖା ନୃତ୍ୟରେ ଅନୁଭବ କରିହୁଏ । ଗୋଟିଏ ହେଉଛି ଛଳନାମୟ ବ୍ୟକ୍ତିତ୍ୱର ପ୍ରକାଶ, ଅନ୍ୟଟି ହେଉଛି ସ୍ୱପ୍ରକାଶ । ବସ୍ତୁତଃ କହିବାକୁ ଗଲେ ଏହା ହେଉଛି ପାପପୁଣ୍ୟ ଭିତରେ ଏକ ସଂଘର୍ଷ । ଅନ୍ୟ କେତେଙ୍କ ଦୃଷ୍ଟିରେ ଏହା ହେଉଛି ଦୃଶ୍ୟ (ଖ୍ୱରରଭ) ଏବଂ ଅଦୃଶ୍ୟ (ଙ୍କଭଖ୍ୱରରଭ) ମଧ୍ୟରେ ସଂଘର୍ଷର ଇତିବୃତ୍ତ । ତେଣୁ ଆପଣାର ସତ୍ତା ଏବଂ ଅନ୍ୟ ଏକ ସତ୍ତା ଉଭୟକୁ ଆଧାର କରି ପଶୁମୁଖା ନାଚ ଗଢ଼ି ଉଠିଥିବା ଲକ୍ଷ୍ୟ କରିହୁଏ । ପ୍ରାୟତଃ ଏହା ପରମ୍ପରାଗତ ଭାବରେ ଗୋଟିଏ ପିଢ଼ିରୁ ଅନ୍ୟ ଏକ ପିଢ଼ିକୁ ପ୍ରସାରିତ ହୋଇଥାଏ । ବ୍ୟକ୍ତିର ପରିଦୃଶ୍ୟମାନ ପ୍ରତିଫଳନ ଏହି ନୃତ୍ୟରେ ଅନୁଭବ କରିହୁଏ । ବସ୍ତୁତଃ କହିବାକୁ ଗଲେ ଏହା ହେଉଛି

ଓଡ଼ିଶାର ପର୍ବପର୍ବାଣି, ଯାନିଯାତ୍ରା, ମେଳା ମହୋତ୍ସବ, ବିବାହ ବ୍ରତ, ଉତ୍ସବରେ ଆରଣ୍ୟକ ଉଲ୍ଲାସର ସ୍ପର୍ଶକୁ ଅନୁଭବ କରିହୁଏ । ଚଇତି ଘୋଡ଼ା, ବାଘ, ବୃଷଭ, ରଣପା, ଚଢ଼େୟା ଚଢ଼େୟାଣୀ ଇତ୍ୟାଦି ଶୋଭାଯାତ୍ରାକୁ ଆନନ୍ଦ ମୁଖର କରିଥିବା ଲକ୍ଷ୍ୟ କରିହୁଏ । ତେଣୁ ଲୋକାନୁଭୂତିର ସାର୍ଥକ ପ୍ରତିଫଳନ ଭିତରେ ପଶୁମୁଖା ନାଚକୁ ଅନୁଧ୍ୟାନ କରାଯାଇପାରେ ।

ପଶୁମୁଖା ନାଚଟିର ନାମକରଣରୁ ହିଁ ସ୍ପଷ୍ଟ ଅନୁମାନ କରାଯାଇପାରେ ଯେ କୌଣସି ଏକ ପଶୁ କିମ୍ବା ପକ୍ଷୀର ମୁଖା ଧାରଣ କରି ନୃତ୍ୟ କରିବା ହିଁ ପଶୁମୁଖା ନାଚ । ମାନବ ଏବଂ ପଶୁମାନଙ୍କ ମଧ୍ୟରେ ଯେଉଁ ବନ୍ଧୁତ୍ୱପୂର୍ଣ୍ଣ ସଂପର୍କଟିଏ ରହିଛି ତାହାରି କଳାତ୍ମକ ରୂପଟି ହିଁ ହେଉଛି ଏହି ନାଚ । ମାନବ ନିଜର ପ୍ରତିଦିନର କାର୍ଯ୍ୟରେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ଏହି ପଶୁମାନଙ୍କ ସାହାଯ୍ୟ ଲୋଡ଼ିଥାଏ । ଏମାନଙ୍କ ସହ ତାର ସଂପର୍କ କେତେବେଳେ ବନ୍ଧୁତ୍ୱପୂର୍ଣ୍ଣ ତ କେତେବେଳେ ଶତ୍ରୁତାପୂର୍ଣ୍ଣ । ସେ କେତେକ ପଶୁକୁ ଗୃହପାଳିତ ପଶୁରୂପେ ବ୍ୟବହାର କରେ ଓ ଆଉ କେତେକ ହିଂସ୍ର ପଶୁଙ୍କଠାରୁ ନିଜକୁ ଦୂରେଇ ରଖେ । ଏହି



ନାନ୍ଦନିକତା ଓ କାଳ୍ପନିକତାର ମଧୁର ସମନ୍ୱୟ ।

ଉପରୋକ୍ତ ଦୃଷ୍ଟିକୋଣ ନେଇ ଓଡ଼ିଶାର ଲୋକନୃତ୍ୟର ପ୍ରକାଶ କ୍ଷେତ୍ରକୁ ଅନୁଧାନ କଲାବେଳେ ପଶୁମୁଖା ନୃତ୍ୟର ମହତ୍ତ୍ୱକୁ ସ୍ପଷ୍ଟ ଅନୁଭବ କରିହୁଏ । ଓଡ଼ିଶାର ଭୌଗୋଳିକ ପରିମଣ୍ଡଳ ଅତୀବ ବୈଚିତ୍ର୍ୟପୂର୍ଣ୍ଣ । ସମତଳ, ଉପକୂଳ ଏବଂ ପାର୍ବତ୍ୟାଞ୍ଚଳର ତ୍ରିବିଧ ଚେତନାକୁ ନେଇ ଏହାର ସଂସ୍କୃତି ଗଢ଼ିଉଠିଛି । ଆର୍ଯ୍ୟ, ଦ୍ରାବିଡ଼ ଓ ଶବର ପରି ତିନୋଟି ଗୋଷ୍ଠୀର ଜୀବନଧାରଣ ସମନ୍ୱୟ ଏ ମାଟିକୁ କରିଛି ବୈଚିତ୍ର୍ୟ ବିମଣ୍ଡିତ । ବିଶେଷ କରି ପ୍ରାଚୀନ ଜନଜାତି ଏହାର ଜନସଂଖ୍ୟାର ପ୍ରାୟ ଦୁଇ ତୃତୀୟାଂଶ ସଂଖ୍ୟାକୁ ଚିହ୍ନିତ କରିଥାଏ । ଏକ ବିଂଶ ଶତାବ୍ଦୀରେ ମଧ୍ୟ ଓଡ଼ିଶା ହେଉଛି ଏକ ଗ୍ରାମବହୁଳ ରାଜ୍ୟ । ବ୍ରହ୍ମପୁର, ସମ୍ବଲପୁର, କଟକ ପରି ନଗର ବୋଲାଉଥିବା ଅଞ୍ଚଳଗୁଡ଼ିକ ମଧ୍ୟ ଅନେକ ଗ୍ରାମର ସମାହାର କହିଲେ ଅତ୍ୟୁକ୍ତି ହେବନାହିଁ । ତେଣୁ ଏହାର ଲୋକାନୁଭୂତି ଅନୁରୂପ ଚେତନାକୁ ଆଧାର କରି ଗଢ଼ିଉଠିଥିବା ଅସ୍ୱାଭାବିକ ମନେ ହୁଏନାହିଁ । ତେଣୁ

ସଂପର୍କକୁ ସେ ଯେଉଁ ନୃତ୍ୟ କଳା ମାଧ୍ୟମରେ ପ୍ରକାଶ କରେ ତାହାହିଁ ପଶୁମୁଖା ନାଚ । ବିଶ୍ୱର ଅନେକ ସ୍ଥାନରେ ଏହି କଳାର ପ୍ରଚଳନ ଥିଲେ ସୁଦ୍ଧା ଏହାର ବିକାଶ ଦିଗରେ ଗଞ୍ଜାମର ଘୁମୁସର ଅଞ୍ଚଳର ଅବଦାନ ଅନସ୍ୱୀକାର୍ଯ୍ୟ । ଫଳସ୍ୱରୂପ ପଶୁମୁଖା ନାଚ ଆଜି ଓଡ଼ିଆର ସାଂସ୍କୃତିକ ବୈଶିଷ୍ଟ୍ୟକୁ ନେଇ ଆପଣାର କୀର୍ତ୍ତି କାଳ ବକ୍ଷରେ ଆଙ୍କିପାରିଛି । ଓଡ଼ିଶାର ଗ୍ରାମ ବହୁଳ ସରଳ ମାନବର ସାର୍ଥକ ଅଭିବ୍ୟକ୍ତି ଏହି କଳା ରୂପରେ ସୁସ୍ପଷ୍ଟ । ମୁଖ୍ୟତଃ କହିବାକୁ ଗଲେ ଓଡ଼ିଶା ହେଉଛି ଅର୍ଥନୈତିକ ଦୃଷ୍ଟିରୁ ଅନଗ୍ରସର ଏକ ଅଞ୍ଚଳ । ଏଠାକାର ଆଦିବାସୀ ମୌଳିକ ସୁବିଧା ଏବଂ ସୁଯୋଗରୁ ଏଯାବତ ବଞ୍ଚିତ କହିଲେ ଅତ୍ୟୁକ୍ତି ହେବ ନାହିଁ । କୃଷିଭିତ୍ତିକ ଜୀବନ ପ୍ରଣାଳୀକୁ ଅବଲମ୍ବନ କରି ଏହାର ବିପୁଳ ଜନତା କାଳ ଅତିବାହିତ କରିଥାନ୍ତି । ଆଧୁନିକ ଉଚ୍ଚମାନର ରଙ୍ଗମଞ୍ଚ, ଆଭୂଷଣ, ବାଦ୍ୟଯନ୍ତ୍ର, ଆଲୋକ ସଂପାଦ ଇତ୍ୟାଦି ଗ୍ରାମ୍ୟ ପରିସରରେ ସୁଲଭ ନୁହେଁ । ତେଣୁ ମନୋରଞ୍ଜନର ଏକମାତ୍ର ମାଧ୍ୟମ





ହେଉଛି ସ୍ୱଳ୍ପ ଖର୍ଚ୍ଚର ଲୋକନାଟକ । ଅବଶ୍ୟ ଏ କଥା ସତ୍ୟ ଇଂରେଜ ମାନଙ୍କ ଆଗମନ, ନୂତନ ଶିକ୍ଷାନୀତିର ପ୍ରଣୟନ, ପତ୍ରପତ୍ରିକା ଓ ପୁସ୍ତକ ପ୍ରକାଶନ ଦିଗରେ ଯଥେଷ୍ଟ ଉଦ୍ୟମ ସାଂସ୍କୃତିକ ଜୀବନରେ ଅନେକ ପରିବର୍ତ୍ତନ ଆଣିଛି । ଏସବୁ ସତ୍ତ୍ୱେ ତଥାପି ବିପୁଳ ଜନତା ଏଯାବତ ପରମ୍ପରା ସହିତ ଘନିଷ୍ଠ ଭାବରେ ସଂପୃକ୍ତ । ଏହା ହିଁ ସବୁରି ଭିତରେ ଲୋକ ଜୀବନର ଅଭିବ୍ୟକ୍ତିକୁ ଅକ୍ଷୂର୍ଣ୍ଣ ରଖିପାରିଛି ।

ଉପରୋକ୍ତ ଦୃଷ୍ଟିକୋଣରୁ ଅନୁଧାନ କଲେ ପଶୁମୁଖା ନାଚର ପ୍ରାସଙ୍ଗିକତାକୁ ଏକବିଂଶ ଶତାବ୍ଦୀର ପୃଥିବୀରେ ବେଶ ଗୁରୁତ୍ୱର ସହ ବିଚାର କରାଯାଏ । ବାସ୍ତବିକ ଏ ନାଟକ ହେଉଛି ଗଣ ମନୋରଞ୍ଜନର ଏକ ଶ୍ରେଷ୍ଠ ମାଧ୍ୟମ । ଏବଂ ଏହାର ଉପସ୍ଥାପନା ପାଇଁ ଯେକୌଣସି ପରିସର ମଧ୍ୟ ବ୍ୟବହାର କରାଯାଇପାରେ । ପୁଣି ସୀମିତ ସଂଖ୍ୟକ କଳାକାର ମଧ୍ୟ ଏହାକୁ ପରିବେଷଣ କରିପାରନ୍ତି । କେତେକ ମୁଖାକୁ ବାଦ ଦେଲେ ଏଥି ନିମନ୍ତେ ଅର୍ଥର ମଧ୍ୟ ଆବଶ୍ୟକତା ଥାଏ ଖୁବ୍ କମ । ତେଣୁ ପଶୁମୁଖା ନାଚ ଅତୀତ ଓ ସାଂପ୍ରତିକକୁ ଗୋଟିଏ ବିନ୍ଦୁରେ ସମାହିତ କରି ମନୋରଞ୍ଜନ ସହ ଜ୍ଞାନ ବିତରଣ ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଦେଖାଯାଏ ଯେ, ମାନସିକ ପୂରଣ ପରେ ଯାନିଯାତ୍ରାରେ ଏହି ନାଚ ପ୍ରଦର୍ଶନ କରିବା ନିମନ୍ତେ ମାନସିକ କରିଥାନ୍ତି । ପ୍ରାଥମିକ ପର୍ଯ୍ୟାୟରେ ଏହା ଅଧିକ ଭାରି ହୋଇଥିବାରୁ ଦୁଇଟି କାଠ ପୋତି ମୁଖ୍ୟ ଛକ ଜାଗାମାନଙ୍କରେ ଦେଖଣାହାରିଙ୍କ ଦର୍ଶନ ନିମନ୍ତେ ମୁଖାକୁ ରଖାଯାଉଥିଲା । ପରେ କିନ୍ତୁ ଏହାକୁ ମନୋରଞ୍ଜନ ଧର୍ମୀ କରିବା ନିମନ୍ତେ ହାଲୁକା କରି ପ୍ରସ୍ତୁତ କରାଗଲା । ଏବଂ ଜନଗହଳି ରାସ୍ତାରେ ବେଶଗୁଡ଼ିକୁ ନଚାଇ ନଚାଇ ପ୍ରଦର୍ଶନ କରାଗଲା । ଏହି ନୃତ୍ୟରେ ମୁଖ୍ୟତଃ ବାଘ, ବୃଷଭ, ଘୋଡ଼ା, ହରିଣ ଇତ୍ୟାଦି ବେଶକୁ ମୂଳ ରୂପେ ବ୍ୟବହାର କରାଯାଏ । ପରବର୍ତ୍ତୀ ସମୟରେ ଲୋକମାନଙ୍କ ଦ୍ୱାରା ଲୋକମାନଙ୍କ ପାଇଁ ଏହି ନୃତ୍ୟ ପରିବେଷଣ



କରାଯାଉଥିବାରୁ ଏହା ନୃତ୍ୟ ଲୋକନୃତ୍ୟର ମାନ୍ୟତା ଲାଭ କରିଛି ।

ପଶୁମୁଖା ବେଶ ପାଇଁ ବେତ, ବଳାଯାଇଥିବା ମୋଟା ପଇତା ସୂତା, ବିଭିନ୍ନ ରଙ୍ଗର କନା, ବିଭିନ୍ନ ରଙ୍ଗର ସୂତା, ଛୋଟ ଏବଂ ବଡ଼ ଛୁଞ୍ଚି, ମାଳୀ, ପୋହଳା, ଚୁମୁକି, ଝୋଟ, ବାଉଁଶ, କୂଅ ଦଉଡ଼ି, ଅସ୍ତ୍ର କନା, ସୂତା କିମ୍ବା ଭେଲବେଟ କନା ଆଦି ସାମଗ୍ରୀ ବ୍ୟବହାର କରାଯିବା ସହ ବେଶର ଆବଶ୍ୟକତା ଅନୁସାରେ କନାର ରଙ୍ଗ ନିର୍ଦ୍ଧାରଣ କରାଯାଇଥାଏ । ପ୍ରଥମତଃ ଆବଶ୍ୟତା ଅନୁଯାୟୀ ବେତ ଏବଂ ବଳାଯାଇଥିବା ମୋଟା ପଇସା ସୂତା ଆଣି ବେତକୁ ପାଣିରେ ୮ରୁ ୧୦ ଘଣ୍ଟା ବତୁରାଇ ବେଶର ଅଗ୍ରଭାଗ ଓ ପଶ୍ଚାତଭାଗ ପ୍ରସ୍ତୁତ କରିବା ପାଇଁ ଛନ୍ଦ କାଠର ଫ୍ରେମ ବ୍ୟବହାର କରି ସୂତା ଦ୍ୱାରା ମାଙ୍କଡ଼ ଛନ୍ଦ ଗଣ୍ଠି ପକାଇ ତିଆରି କରାଯାଏ । ବେଶର ପେଟ ଓ ବେକ ଭାଗ ପାଇଁ ଛୋଟ ବଡ଼ ମଳା ପ୍ରସ୍ତୁତ କରାଯାଏ । ପଞ୍ଜୁରୀ ପ୍ରସ୍ତୁତି ନିମନ୍ତେ ପାଳ, ବାଉଁଶ, ବତା ଦ୍ୱାରା ବେଶର ପଛ ଭାଗ ପଞ୍ଜୁରୀ ଓ ଆଗ ଚଟୁଆ ଭାଗକୁ ମାପ ଅନୁସାରେ ରଖି ଭିଡ଼ି ଦିଆଯାଏ । ଏହାପରେ ପେଟ ଭାଗରେ ମଳା ଦୁଇ ଇଞ୍ଚରୁ ତିନି ଇଞ୍ଚ ଫାଙ୍କ ଛାଡ଼ି ଛାଡ଼ି ରଖି ଏବଂ ବେକ ଭାଗର ବିଭିନ୍ନ ଆକୃତିର ମଳାକୁ ବଡ଼ରୁ ସାନ କ୍ରମରେ ଦୁଇ ଇଞ୍ଚରୁ ତିନି ଇଞ୍ଚ ଛାଞ୍ଚ ଦେଇ ମୋଟା ପଇତା ସୂତାକୁ ମାଙ୍କଡ଼ ଛନ୍ଦ ଗଣ୍ଠି ଦେଇ ପ୍ରସ୍ତୁତ କରାଯାଏ । ପରେ ବେଶ ପୋଷାକର ସୁରକ୍ଷା ନିମନ୍ତେ ପଞ୍ଜୁରୀ ଉପରେ ଅସ୍ତ୍ର କନା ଦ୍ୱାରା ପଞ୍ଜୁରୀକୁ ଆଚ୍ଛାଦିତ କରି ଛୁଞ୍ଚି ସୂତା ଦ୍ୱାରା ହାତ ସିଲାଇ କରି ପ୍ରସ୍ତୁତ କରାଯାଏ । ତତ୍‌ପରେ ପ୍ରତ୍ୟେକ ବେଶର ଆବଶ୍ୟକତା ଅନୁଯାୟୀ ରଙ୍ଗ ବେରଙ୍ଗର କନା ଦ୍ୱାରା ହାତ ସିଲାଇ କରି ପୋଷାକ ତିଆରି କରାଯାଏ । ଏହା ସହ ଲାଙ୍ଗୁଡ଼ ପ୍ରସ୍ତୁତି ପାଇଁ ଝୋଟ ଉପରେ କନା ଗୁଡ଼ାଇ ପ୍ରସ୍ତୁତ କରାଯାଏ । ଏହି ଲାଙ୍ଗୁଡ଼କୁ ବେଶ ସହ ସଂଲଗ୍ନ ପାଇଁ ଲମ୍ବ ସୂତା ବନ୍ଧା ଯାଇଥାଏ । ଏବଂ ବେଶର ଗ୍ରୀବା ଏବଂ ବେକର ଲୋମର ଭ୍ରମ ସୃଷ୍ଟି କରିବା ନିମନ୍ତେ ଝୋଟ ଏବଂ କନା ପ୍ରସ୍ତୁତି ବାଳ ହାତ ସିଲାଇ ଦ୍ୱାରା ସଂଯୋଗ କରାଯାଏ । ବୃଷଭ ବେଶର ପିଠିର ଚୂଳ ପାଇଁ ପ୍ରଥମେ କନାକୁ ଏକ ଚୂଳ ଆକୃତିରେ ସିଲାଇ କରି ସେଥିରେ ଖଇ, ତୁଳା କିମ୍ବା ଝୋଟ ପୁରାଇ ସୂତା ଦ୍ୱାରା ସିଲାଇ କରାଯାଏ । ବେକର ଘାଗୁଡ଼ି ଏବଂ ଛୋଟବଡ଼ ଆବଶ୍ୟକତା ଅନୁଯାୟୀ ହସ୍ତକାରିଗରୀ ଚାନ୍ଦୁଆ କାମ ପାଇଁ ବିଭିନ୍ନ ରଙ୍ଗର ସୂତା, କନା, ମାଳୀ, ପୋହଳା, ଚୁମୁକି ଆଣି କନାର ଘାଗୁଡ଼ି ମଧ୍ୟ ତିଆରି କରାଯାଇଥାଏ । ଠିକ୍ ବୃଷଭ ବେଶ ଭଳି ଘୋଡ଼ା ବେଶରେ ମଧ୍ୟ ମୁଣ୍ଡ ଠାରୁ ବେକ ମୁଣ୍ଡ ଯାଏଁ ଝୋଟ ଦ୍ୱାରା ବାଳ ପ୍ରସ୍ତୁତ କରାଯାଏ । ଏବଂ ଏହି ବେଶରେ ଲାଙ୍ଗୁଡ଼ରେ କନା ବ୍ୟବହାର ନକରି ଝୋଟକୁ ରଙ୍ଗ ଗୁଡ଼ାଇ ଲାଙ୍ଗୁଡ଼ ପ୍ରସ୍ତୁତ କରାଯାଏ ।

ବିଭିନ୍ନ ପଶୁ ବେଶ ବ୍ୟତିରେକ ନିର୍ଦ୍ଦେଶକ ଓ ବାଦ୍ୟ ଯନ୍ତ୍ର ଶିଳ୍ପୀଙ୍କ ମଧ୍ୟରେ ପୋଷାକ ଲାଲ ରଙ୍ଗର କିମ୍ବା ହଳଦି ରଙ୍ଗର ହେବା ଆବଶ୍ୟକ । କାରଣ ଏହି ରଙ୍ଗ ଆଖି ଦୃଶିଆ ହେବା ସହ ବୀରତ୍ୱର ପ୍ରତୀକ ହୋଇଥାଏ । ବିଭିନ୍ନ ପ୍ରକାର ପଶୁର ମୁଖା ମଧ୍ୟ କେତେକ ସ୍ଥଳେ କାଠ ଦ୍ୱାରା ନିର୍ମିତ ହୋଇଥାଏ । ଯେପରିକି ବହୁ ବର୍ଷ ପୂର୍ବେ ଘୁମୁସର ଅଞ୍ଚଳର କାରିଗରମାନେ ଗମ୍ଭାରୀ, ପାଳଧୁଆ, ଫୁଲଗମ୍ଭାରୀ, ଶିମୁଳି କାଠରେ ଏହି ବେଶ ନିମନ୍ତେ ମୁଖା ପ୍ରସ୍ତୁତ କରୁଥିଲେ । ପରବର୍ତ୍ତୀ ସମୟରେ ଏହାକୁ ଆହୁରି ନରମ ଓ ହାଲୁକା କରିବା ନିମନ୍ତେ ମାଟିରେ ବିଭିନ୍ନ ଆକୃତିର ମୁଖା ଛାଞ୍ଚ ପ୍ରସ୍ତୁତ କରି ଛାଞ୍ଚ ଉପରେ ଖଡ଼ି ଗୁଣ୍ଡ ବିଛାଇ ତା'ଉପରେ ଅଠାରେ କାଗଜ ଦୁଇ ତିନି ପରସ୍ତ ପକାଇଲା ପରେ କନା କିମ୍ବା ଅଖା ଦ୍ୱାରା ଏକ ପରସ୍ତ ପକାଇ ମୁଖା ପ୍ରସ୍ତୁତ କରାଯାଉଛି । ମୁଖା ପ୍ରସ୍ତୁତି ପରେ ସେଗୁଡ଼ିକୁ ବିଭିନ୍ନ ଧାର୍ମିକ ଚିନ୍ତାଧାରା ଆଧାରରେ ରଙ୍ଗ କରାଯାଏ । ପ୍ରଥମେ ଜଗନ୍ନାଥଙ୍କ କଳା ରଙ୍ଗକୁ ଆଧାର କରି ଗଢ଼ି ଉଠିଥିଲା କଳାଘୋଡ଼ା । ବଳଭଦ୍ରଙ୍କ ଧଳା ରଙ୍ଗକୁ ଆଧାର କରି ଧଳା ବୃଷଭ ଏବଂ ମା'ସୁଭଦ୍ରାଙ୍କ ହଳଦୀ ଗୁରୁ ଗୁରୁ ରଙ୍ଗକୁ ନେଇ ବ୍ୟାଘ୍ର ବେଶ । କାରଣ ସର୍ବଧର୍ମ ସମନ୍ୱୟ ଗତି, ପ୍ରଗତି, କଳା, ସାହିତ୍ୟ, ସଂସ୍କୃତିର ପ୍ରତୀକ-କଳାଘୋଡ଼ା(ଜଗନ୍ନାଥ), ଶାନ୍ତି, ମୈତ୍ରୀ, ସମୃଦ୍ଧିର ପ୍ରତୀକ- ଧଳା ବୃଷଭ(ବଳଭଦ୍ର), ଶୌର୍ଯ୍ୟ, ବୀର୍ଯ୍ୟ, ବୀରତ୍ୱର ପ୍ରତୀକ । ପରେ ପରେ ଅବଶ୍ୟ ନୃସିଂହ ଅବତାରରୁ ପଶୁରାଜ ସିଂହ, ରାମାୟଣର ମାରିଚର ସୁନାହରିଣ ବେଶରୁ 'ହରିଣ', ଜାମ୍ବବାନ ବେଶରୁ 'ଭାଲୁ' ଏବଂ ମହାଭାରତର ଅର୍ଜୁନଙ୍କ ଖାଣ୍ଡବ ବନ ଦହନ ସମୟରେ ଶ୍ରୀକୃଷ୍ଣଙ୍କ 'ନବଗୁଞ୍ଜର' ବେଶରୁ ନବଗୁଞ୍ଜର ବେଶ ନିର୍ମାଣ କରାଗଲା ।

ପଶୁମୁଖା ନୃତ୍ୟ ନିମନ୍ତେ ଆବଶ୍ୟକ ବାଦ୍ୟ ଯନ୍ତ୍ର ମାନଙ୍କ ମଧ୍ୟରେ ରହିଛି ଢ଼ୋଲ ଏବଂ ଚାଙ୍ଗୁ ଏବଂ ମହୁରୀ ବା ମୁଖବୀଣା । କେତେକ ସ୍ଥଳେ ସଙ୍ଗୀତ କ୍ଷେତ୍ରରେ ଘୁଙ୍ଗୁରର ମଧ୍ୟ ଆବଶ୍ୟକତା ଲକ୍ଷ୍ୟ କରାଯାଏ । ପ୍ରକୃତ ପକ୍ଷେ କହିବାକୁ ଗଲେ ପଶୁମୁଖା ନୃତ୍ୟ ମନୋରଞ୍ଜନ ଏବଂ ଜନ ସଚେତନତା ସୃଷ୍ଟି ଉଭୟ ଦୃଷ୍ଟି ଭଙ୍ଗୀକୁ ଅତି ନିପୁଣତାର ସହ ଉପସ୍ଥାପିତ କରିଥାଏ । ପୂଜା ପାର୍ବଣ, ମେଳା ମଉଛବରେ ଅତୀତ ସ୍ମୃତିକୁ ରୋମନ୍ଥନ କରିବା ସହ ମନୋରଞ୍ଜନ ମାଧ୍ୟମରେ ସମକାଳର ବାର୍ତ୍ତାକୁ ମଧ୍ୟ ପ୍ରଦାନ କରିବାର ଉଦ୍ୟମ କରିଥିବା ଏହି ନାଚରେ ଲକ୍ଷ୍ୟ କରାଯାଇଥାଏ । ଲକ୍ଷ୍ୟ କଲେ ଦେଖାଯାଏ ଯେ, ଓଡ଼ିଶାର ବହୁଳ ଜନତା ଏକ ବିଂଶ ଶତାବ୍ଦୀରେ ମଧ୍ୟ ରହିଛନ୍ତି ପ୍ରାଥମିକ ସୁବିଧା ସୁଯୋଗରୁ ବଞ୍ଚିତ । ଜଳ, ଆଲୋକ, ସ୍ୱାସ୍ଥ୍ୟ, ସମ୍ବାଦ ପରିବହନ, ଶିକ୍ଷା ଭଳି ମୌଳିକ ସୁଯୋଗ ମଧ୍ୟ ଏଠାରେ ଉପଲବ୍ଧ ହୁଏ ନାହିଁ । ପୁଣି ପରମ୍ପରାଗତ କୁସଂସ୍କାର ଓ ଅନ୍ଧବିଶ୍ୱାସ ମଧ୍ୟରେ ଜୀବନର ଯଥାଯଥ ଉନ୍ନତି ଓ ପ୍ରଗତି ମଧ୍ୟ ସମ୍ଭବ ହୁଏ ନାହିଁ । ଏହି ଧାରାରେ ପରିବର୍ତ୍ତନ ଆଣିବା ସହ ଦୃଷ୍ଟିଭଙ୍ଗୀର ପ୍ରସାର ଦିଗରେ ଆଜି ଲୋକକଳାକୁ ବିନିଯୋଗ କରିବା ଉଦ୍ୟମ ଆରମ୍ଭ ହୋଇଛି । ଏହି ଧାରାରେ ପଶୁମୁଖା ନୃତ୍ୟ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ନ ହୋଇ ଚେତନା ସୃଷ୍ଟିରେ ମଧ୍ୟ ପ୍ରମୁଖ ଭୂମିକା ଗ୍ରହଣ କରିଛି ।

ସୁଖର କଥା କେତେକ ବ୍ୟକ୍ତିଙ୍କ ଏକନିଷ୍ଠ ଉଦ୍ୟମ ଫଳରେ ଏଭଳି ଏକ ଲୋକନୃତ୍ୟର ପ୍ରସାର ଏବଂ ଉ□ାନ ସମ୍ଭବ ହୋଇପାରିଛି । ଅବଶ୍ୟ ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର ଏହି କଳାକୁ ଲୋକଲୋଚନକୁ ଆଣିବା ଦିଗରେ ମୁଖ୍ୟ ଭୂମିକା ଗ୍ରହଣ କରିଛି । ଏହି ନୃତ୍ୟ ମୁମ୍ବାଇ, ଦିଲ୍ଲୀ, କଲିକତା, ଶାନ୍ତିନିକେତନ ଇତ୍ୟାଦି ବ୍ୟତୀତ ଆଇସିସିଆର ଦ୍ୱାରା ମନୋନୀତ ହୋଇ ସୋଭିଏତ ଋଷର ଭାରତ ମହୋତ୍ସବ, ଗ୍ଲାସଗୋ ମେଳା, ଡ଼ି.ଲା.ମେର୍ ମହୋତ୍ସବ, ବର୍ଲିନ୍ ତଥା ପ୍ୟାରିସ ମହୋତ୍ସବରେ ଯୋଗଦେଇ ସୁନାମ ଅର୍ଜନ କରିଛି । ୨୦୦୨ ମସିହାର ବ୍ରାଇଟନ୍ ୟୁନିଭରସିଟିର ଭିଜନ୍ ଇଣ୍ଟରନ୍ୟାସନାଲ୍ ପପେଟ୍ ଫେଷ୍ଟିଭାଲ୍, ନର୍‌ଦନ୍ ଆୟରଲ୍ୟାଣ୍ଡର କୁଇନ୍‌ସ ଫେଷ୍ଟିଭାଲ, ୱେଲିଙ୍ଗ୍‌ଟନ୍ ଓ ଅକ୍‌ଲ୍ୟାଣ୍ଡର ଦିବାଲି ଫେଷ୍ଟିଭାଲ୍‌ରେ ଯୋଗଦେବାର ସୁଯୋଗ ମଧ୍ୟ ଏହି ନାଚ ଲାଭ କରିଛି । ଏହାଛଡ଼ା ଜାହାଙ୍ଗୀର୍ ଆର୍ଟ ଗ୍ୟାଲେରୀର ମହୋତ୍ସବ, କଲିକତା କାର୍ନିଭାଲ, ଦିଲ୍ଲୀର ଅନ୍ତଃରାଷ୍ଟ୍ରୀୟ ବାଣିଜ୍ୟ ମେଳା, କଲିକତାର ସାରମ ଉତ୍ସବ, ହାଇଦ୍ରାବାଦର ଲୋକ ସଂସ୍କୃତି ମହୋତ୍ସବ, କେରଳର ଲୋକନୃତ୍ୟ ମହୋତ୍ସବ, ରାଜସ୍ଥାନର ସୁରଜ୍ କୁଣ୍ଡ ଉତ୍ସବ, ଆଲହାବାଦର କୁମ୍ଭମେଳା, ରାଉରକେଲାର ବେଦବ୍ୟାସ ମହୋତ୍ସବ, କଟକ ବାଲିଯାତ୍ରା ଇତ୍ୟାଦିରେ ଏହାର ପ୍ରଦର୍ଶନ ବିପୁଳ ଜନସ୍ୱୀକୃତି ଲାଭ କରିଛି । ଆଶା ଆଗାମୀ ଦିନରେ ସରକାର, ଜନସାଧାରଣ, ସାଂସ୍କୃତିକ ଅନୁଷ୍ଠାନର ସମନ୍ୱୟରେ ଏହା ଅଧିକ ସଫଳତାର ସହ ସାଂସ୍କୃତିକ ପରଂପରାକୁ ଅବ୍ୟାହତ ରଖିବ ।

*ସ୍ନାତକୋତ୍ତର ଓଡ଼ିଆ ବିଭାଗ*
*ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ*
*ଫୋନ: ୮୮୯୫୧୪୧୭୨୭*



### ଓଡ଼ିଶାର ଅଲମ୍ପିୟାନଙ୍କ ସହିତ କଥା ହେଲେ ମୁଖ୍ୟମନ୍ତ୍ରୀ

# ପଦକ ଜିତିଲେ ୬ କୋଟି ପୁରସ୍କାର

**ଭୁବନେଶ୍ୱର :** ଚଳିତ ମାସ ଶେଷ ଭାଗରେ ଅନୁଷ୍ଠିତ ହେବାକୁ ଥିବା ଟୋକିଓ ଅଲମ୍ପିକ୍ସରେ ଭାଗ ନେଉଥିବା ଓଡ଼ିଶାର ଅଲମ୍ପିୟାନ୍ ମାନଙ୍କ ସହିତ ଭର୍ଚୁଆଲ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଥା ହୋଇଥିଲେ ଓ ସେମାନଙ୍କୁ ଉତ୍ସାହିତ ମଧ୍ୟ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପ୍ରତି ଖେଳାଳିଙ୍କ ପାଇଁ ଅଲମ୍ପିକ୍ସ ହେଉଛି ଜୀବନର ଶ୍ରେଷ୍ଠ ସ୍ୱପ୍ନ। ଏହି ଅବସରରେ ଅଲମ୍ପିୟାନ ଦୁତୀ ଚାନ୍ଦ, ପ୍ରମୋଦ ଭଗତ, ଦୀପ ଗ୍ରେସ ଏକ୍କା, ନମିତା ଟପ୍ପୋ, ବୀରେନ୍ଦ୍ର ଲାକ୍ରା ଓ ଅମିତ ରୋହିଦାସଙ୍କୁ ଶୁଭେଚ୍ଛା ଜଣାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ତୁମମାନେ ଓଡ଼ିଶାର ଯୁବ ସମାଜ ପାଇଁ ରୋଲମଡେଲ ପାଲଟି ଯାଇଛ। ତୁମ ପରିବାର ପାଇଁ ଓ ଆମ ସମସ୍ତଙ୍କ ପାଇଁ ଗର୍ବ ଆଣିଛ। କଠୋର ପରିଶ୍ରମ, ନିଷ୍ଠା ଓ ଶୃଙ୍ଖଳା ଦ୍ୱାରା ତୁମେମାନେ ନିଶ୍ଚୟ ପଦକ ଜିତିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଥିଲେ। ଏହି ଅବସରରେ ଅଲିମ୍ପିକ୍ସ ପଦକ ବିଜେତାଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଆର୍ଥିକ ପୁରସ୍କାର ଘୋଷଣା କରିଥିଲେ। ଟୋକିଓ ଅଲମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିଲେ ୬ କୋଟି ଟଙ୍କା, ରୌପ୍ୟ ପଦକ ଜିତିଲେ ୪ କୋଟି ଟଙ୍କା ଏବଂ କାଂସ୍ୟ ପଦକ ଜିତିଲେ ୨.୫ କୋଟି ଟଙ୍କା ରାଜ୍ୟ ସରକାରଙ୍କ ପକ୍ଷରୁ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ଏହାସହିତ ଅଲମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିଥିବାରୁ ପ୍ରତି ଖେଳାଳିଙ୍କ ପାଇଁ ଅଲମ୍ପିକ ପ୍ରସ୍ତୁତି ନିମନ୍ତେ ୧୫ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ଘୋଷଣା କରିଥିଲେ। କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି କ୍ରୀଡା ମନ୍ତ୍ରୀ ତୁଷାରକାନ୍ତି ବେହେରା ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଅଲମ୍ପିକରେ ସେମାନଙ୍କ ସଫଳତା କ୍ରୀଡା କ୍ଷେତ୍ରରେ ଓଡ଼ିଶାକୁ ଗୌରବ ମଣ୍ଡିତ କରିବ ବୋଲି ଆଶା ପ୍ରକାଶ କରିଥିଲେ। ଏହି ଅବସରରେ ସମସ୍ତ ଖେଳାଳି ବ୍ୟକ୍ତିଗତ ଭାବରେ ସେମାନଙ୍କର ମତାମତ ଦେଇ ଅଲମ୍ପିକରେ ଭଲ ପ୍ରଦର୍ଶନ କରି ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିବେ ବୋଲି କହିଥିଲେ ଏବଂ ରାଜ୍ୟ ସରକାରଙ୍କ ସହଯୋଗ ଓ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା ପାଇଁ ଧନ୍ୟବାଦ ଜଣାଇଥିଲେ। ଖେଳାଳିମାନଙ୍କ ସହିତ ଆଲୋଚନା କରି ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭିକେ ପାଣ୍ଡିଆନ ଖେଳାଳିମାନଙ୍କ ଅଲମ୍ପିକ୍ସ ପ୍ରସ୍ତୁତି ଓ ଏଥିନିମନ୍ତେ ସେମାନଙ୍କର ଆବଶ୍ୟକତା ସମ୍ପର୍କରେ ପଚାରି ବୁଝିଥିଲେ। କ୍ରୀଡା ବିଭାଗର ପ୍ରମୁଖ ସଚିବ ବିଶାଳ ଦେବ ସ୍ୱାଗତ ଭାଷଣ ଦେଇଥିଲେ ଓ ସ୍ୱତନ୍ତ୍ର ସଚିବ ଆର ଭିନିଲ କ୍ରିଷ୍ଣା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର, ଉନ୍ନୟନ କମିଶନର ପିକେ ଜେନା ଏବଂ ବିଭିନ୍ନ ବିଭାଗର ପ୍ରମୁଖ ସଚିବ ଓ ସଚିବମାନେ ଉପସ୍ଥିତ ଥିଲେ।




### ଓଡ଼ିଶା ସମବାୟ ବ୍ୟାଙ୍କ ଦୁର୍ନୀତି ମାମଲାରେ ପୂର୍ଣ୍ଣଚ୍ଛେଦ

# ଆଇଏଏସ ବିଷ୍ଣୁପଦ ସେଠୀଙ୍କୁ ଲୋକାଯୁକ୍ତଙ୍କ କ୍ଲିନ୍‌ଚିଟ୍



**ଭୁବନେଶ୍ୱର :** ବରିଷ୍ଠ ଆଇଏଏସ ଅଫିସର ବିଷ୍ଣୁପଦ ସେଠୀଙ୍କୁ ଲୋକାଯୁକ୍ତ କ୍ଲିନ୍‌ଚିଟ୍ ଦେଇଛନ୍ତି। ଶ୍ରୀ ସେଠୀଙ୍କ ବିରୋଧରେ ଆସିଥିବା ଅଭିଯୋଗ ଉପରେ ଡାଇରେକ୍ଟର ଅଫ ଇନକ୍ୱାରି କୌଣସି ଅନିୟମିତତା ପାଇନଥିଲେ। ଏହା ସହ ଶ୍ରୀ ସେଠୀ ମେଡ଼ିକାଲ ବିଲ୍ ପାଇବାକୁ ଯୋଗ୍ୟ ବୋଲି ଡାଇରେକ୍ଟର ଅଫ ଇନକ୍ୱାରି ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି। ଏହା ସହ ଓଡିଶା ରାଜ୍ୟ ସମବାୟ ବ୍ୟାଙ୍କର ପରିଚ୍ଳାଳନା ମୁଖ୍ୟ ଭାବେ ନିଜ ପତ୍ନୀ ଓ ପିତାଙ୍କ ଚ୍ଳିକିତ୍ସା ପାଇଁ ନେଇଥିବା ଅର୍ଥକୁ ରାଜସ୍ୱ ସଚ୍ଳିବ ଆଇଏଏସ୍ ଅଫିସର ବିଷ୍ଣୁପଦ ସେଠୀ ନିଜ ଆଡୁ ସହୃଦୟତା ଦେଖାଇ ଫେରସ୍ତ କରିସାରିଛନ୍ତି। ଶ୍ରୀ ସେଠୀ ଗତ ଜୁନ୍ ୨୫ତାରିଖରେ ୩ଟି ଚେକରେ ୩.୨୭ଲକ୍ଷ ଟଙ୍କାର ମେଡିକାଲ ବିଲ୍ ଓଡିଶା ରାଜ୍ୟ ସମବାୟ ବ୍ୟାଙ୍କକୁ ଫେରସ୍ତ କରିଥିବାରୁ ଲୋକାଯୁକ୍ତ ଆଜି ଏହି ମାମଲାକୁ ବନ୍ଦ କରିଦେଇଛନ୍ତି। ଲୋକାଯୁକ୍ତ ଅଧ୍ୟକ୍ଷ ଜଷ୍ଟିସ ଅଜିତ୍ ସିଂ ଆଇଏଏସ୍ ଅଫିସର ବିଷ୍ଣୁପଦ ସେଠୀଙ୍କ ବିରୋଧରେ ଥିବା ମାମଲାକୁ ମଧ୍ୟ ବନ୍ଦ କରିଦେଇଛନ୍ତି। ଶ୍ରୀ ସେଠୀ ୨୦୧୩ ଫେବୃଆରି ୬ରୁ ୨୦୧୫ ଜୁଲାଇ ୨୮ତାରିଖ ମଧ୍ୟରେ ରାଜ୍ୟ ସମବାୟ ବ୍ୟାଙ୍କର ପରିଚ୍ଳାଳନା ନିର୍ଦ୍ଦେଶକ ଥିବା ସମୟରେ ୩ଟି କିସ୍ତିରେ ନିଜ ପିତା ଭଜହରି ସେଠୀ ଓ ପତ୍ନୀ ବୈଶାଳୀ ସେଠୀଙ୍କ ଚ୍ଳିକିତ୍ସା ପାଇଁ ୩.୨୭ଲକ୍ଷ ଟଙ୍କା ବ୍ୟାଙ୍କରୁ ନେଇଥିଲେ। ରାଜ୍ୟ ସରକାରଙ୍କ ଅନୁମତି ପରେ ସେହି ଅର୍ଥ ତାଙ୍କୁ ବ୍ୟାଙ୍କରୁ ମିଳିଥିଲା। ତେବେ ଶ୍ରୀ ସେଠୀ ଯେଉଁ ସମୟରେ ଏହି ଚ୍ଳିକିତ୍ସା ଅର୍ଥ ନେଇଥିଲେ ସେତେବେଳେ ସେ ସମବାୟ ବିଭାଗର ସଚ୍ଳିବ ଥିବାରୁ ତାଙ୍କର କ୍ଷମତା ଉପରେ ପ୍ରଶ୍ନ ଉଠାଇ ନିଜ ପଦର ଦୁରୂପଯୋଗ କରି ବେଆଇନ ଭାବେ ମେଡିକାଲ ବିଲ୍ ନେଇଥିବା ଅଭିଯୋଗ ଅଣାଯିବା ସହ ଲୋକାଯୁକ୍ତରେ ମାମଲା କରାଯାଇଥିଲା। ଲୋକାଯୁକ୍ତ ଏହି ମାମଲାର ଶୁଣାଣି କରିବା ସହ ତଦନ୍ତ ମଧ୍ୟ କରାଇଥିଲେ। ଡାଇରେକ୍ଟର ଅଫ ଇନକ୍ୱାରି ମାଧ୍ୟମରେ ଶ୍ରୀ ସେଠୀଙ୍କ ବିରୋଧରେ ଏହି ଅଭିଯୋଗର ତଦନ୍ତ କରାଯାଇଥିଲା। ଶ୍ରୀ ସେଠୀଙ୍କ ବିରୋଧରେ ଆସିଥିବା ଅଭିଯୋଗ ଉପରେ ଡାଇରେକ୍ଟର ଅଫ ଇନକ୍ୱାରି କୌଣସି ଅନିୟମିତତା ପାଇନଥିଲେ। ଏହା ସହ ଶ୍ରୀ ସେଠୀ ମେଡ଼ିକାଲ ବିଲ୍ ପାଇବାକୁ ଯୋଗ୍ୟ ବୋଲି ଡାଇରେକ୍ଟର ଅଫ ଇନକ୍ୱାରି ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି। ତେବେ ତଦନ୍ତ ବେଳେ ଜଣାପଡିଥିଲା ଯେ, ପରେ ଶ୍ରୀ ସେଠୀ ୨୦୨୧ ଜୁନ୍୨୫ତାରିଖରେ ୩.୨୭ଲକ୍ଷ ଟଙ୍କାକୁ ୩ଟି ଚେକ୍ ମାଧ୍ୟମରେ ଓଡ଼ିଶା ସମବାୟ ବ୍ୟାଙ୍କକୁ ଫେରସ୍ତ କରିସାରିଛନ୍ତି। ଶ୍ରୀ ସେଠୀ ନିଜଆଡୁ ସହୃଦୟତା ଦେଖାଇ ଏହି ଅର୍ଥ ଫେରସ୍ତ କରିସାରିଛନ୍ତି। ତେଣୁ ତାଙ୍କ ବିରୋଧରେ ଏ ସଂକ୍ରାନ୍ତରେ ରହିଥିବା ସମସ୍ତ ଅଭିଯୋଗକୁ ବନ୍ଦ କରାଗଲା ବୋଲି ଲୋକାଯୁକ୍ତର ଅଧ୍ୟକ୍ଷ ଜଷ୍ଟିସ ସିଂ ତାଙ୍କ ରାୟରେ କହିଛନ୍ତି। ଏଠାରେ ସୂଚାଇ ଦିଆଯାଇପାରେ ଯେ, ପୂର୍ବରୁ ଶ୍ରୀ ସେଠୀଙ୍କ ବିରୋଧରେ ଓମଫେଡ୍ ପ୍ରସଙ୍ଗରେ ହୋଇଥିବା ଅଭିଯୋଗକୁ ମଧ୍ୟ ଲୋକାଯୁକ୍ତ ଖାରଜ କରିଦେଇଥିଲେ।

### ଋଷୀଙ୍କ ସହ ଅତିରିକ୍ତ ତହସିଲଦାରଙ୍କ ଆଲୋଚନା ସଫଳ

# ସି'ଫୁଡ୍ ପାର୍କ ରାସ୍ତା ନିର୍ମାଣ ପ୍ରତିବନ୍ଧକ ହଟିଲା



**ଭୁବନେଶ୍ୱର :** ମେଣ୍ଢାଶାଳ ଡେରାସ ନିକଟ ସି'ଫୁଡ୍ ପାର୍କ ରାସ୍ତା ନିର୍ମାଣରେ ପ୍ରତିବନ୍ଧକ ସୃଷ୍ଟି ହୋଇଥିଲା। କାରଣ ମେଣ୍ଢାଶାଳା ଗ୍ରାମର ଚାଷୀମାନେ ଅଭିଯୋଗ କରିଥିଲେ ଯେ, ରାସ୍ତା ପାଇଁ ସେମାନେ ଛାଡିଥିବା ଜମି ବାବଦ କ୍ଷତିପୂରଣ ଟଙ୍କା ଇଡ୍‌କୋ ନିକଟରୁ ପାଇନାହାନ୍ତି। ଯେଉଁଥିପାଇଁ ସ୍ଥାନୀୟ ଋଷୀ ଏହି ରାସ୍ତା ନିର୍ମାଣ ବେଳେ ବିରୋଧ ପ୍ରଦର୍ଶନ କରିଥିଲେ। ଯାହାଫଳରେ ରାସ୍ତା ନିର୍ମାଣ କାର୍ଯ୍ୟ ବନ୍ଦ ରହିଥିଲା। ଖବର ପାଇ ଭୁବନେଶ୍ୱର ଅତିରିକ୍ତ ତହସିଲଦାର ସୋନାଲୀ ଚାନ୍ଦ, ପୋଲିସ ଏସିପି ପ୍ରକାଶଚନ୍ଦ୍ର ପାଲ ଓ ଚନ୍ଦକା ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚିଥିଲେ। ଅତିରିକ୍ତ ତହସିଲଦାର ଋଷୀମାନଙ୍କ ସହ ଆଲୋଚନା କଲା ପରେ ରାସ୍ତା ନିର୍ମାଣକୁ ଆଉ ବିରୋଧ କରିବେ ନାହିଁ ବୋଲି ଋଷୀମାନେ ରାଜି ହୋଇଥିଲେ। କାରଣ ରାସ୍ତା ନିର୍ମାଣ ସ୍ଥଳରେ ଋଷୀମାନେ ଧାରଣା ଦେଇଥିବାରୁ ଏଭଳି ସମସ୍ୟା ଉପୁଜିଥିଲା। ହେଲେ ଅତିରିକ୍ତ ତହସିଲଦାରଙ୍କ ତୁରନ୍ତ ପଦକ୍ଷେପ ଯୋଗୁ ଋଷୀମାନେ ଧାରଣା ପ୍ରତ୍ୟାହାର କରି ନେଇଥିଲେ ଓ ପରେ ରାସ୍ତା କାମ ଆରମ୍ଭ ହୋଇଥିଲା। ତେବେ ଏଠାରେ ଗଣ୍ଡଗୋଳ ଆଶଙ୍କା କରି ଦୁଇ ପ୍ଲାଟୁନ୍ ପୋଲିସ ବଳ ମୁତୟନ ହୋଇଥିଲେ। ସୂଚନାଯୋଗ୍ୟ, ହରିପୁର ମୌଜାର ଏ ୨.୧୦୦ ଘରୋଇ ଜମି, ଏ ୯.୧୪୦ ଇଡ୍‌କୋ ଜମି, ଏ ୮୦ କୃଷି ବିଭାଗ ଜମି ସି'ଫୁଡ୍ ପାର୍କ ପାଇଁ ଅଧିଗ୍ରହଣ କରାଯାଇଛି।

## ସେପ୍ଟେମ୍ବରରେ ଆସିବ ପିଲାଙ୍କ ପାଇଁ ଟିକା !

ନୂଆଦିଲ୍ଲୀ : ଖୁବଶୀଘ୍ର ମିଳିପାରେ ଛୋଟ ପିଲାଙ୍କୁ ଟିକା। ୧୨ରୁ ୧୮ ବର୍ଷ ପିଲାଙ୍କୁ ଆସନ୍ତା ସେପ୍ଟେମ୍ବର ମାସରୁ ଜାଇଡସ୍ କ୍ୟାଡିଲାର କରୋନା ଟିକା ଲାଗିବା ଆରମ୍ଭ ହୋଇପାରେ। ଏନେଇ ଟିକା ମାମଲା ଉପରେ ଗଠନ ହୋଇଥିବା ବିଶେଷଜ୍ଞ ସମୀତିର ପ୍ରମୁଖ ସଂକେତ ଦେଇଛନ୍ତି। ଆଗକୁ କରୋନାର ତୃତୀୟ ଲହର ଆସିପାରେ। ଏହି ତୃତୀୟ ଲହର ଅଧିକାଂଶ ପିଲାଙ୍କ ଉପରେ ପ୍ରଭାବ ପକାଇବା ଆଶଙ୍କା ରହିଛି। ତେଣୁ ଜାଇଡସ କ୍ୟାଡିଲାର ଟିକା ପିଲାଙ୍କ ଉପରେ କରିଥିବା ଟ୍ରାଏଲର ଫଳାଫଳ ସେପ୍ଟେମ୍ବର ପୂର୍ବରୁ ଆସିବ ବୋଲି ଆଶା ରହିଛି। ନ୍ୟାସନାଲ ଏକ୍ସପର୍ଟ ଗ୍ରୁପ ଅନ୍ ଭ୍ୟାକ୍ସିନ୍‌ର ପ୍ରମୁଖ ଡଃ.ଏନ୍‌କେ ଅରୋକା ଏନେଇ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଆସନ୍ତା କିଛି ସପ୍ତାହ ମଧ୍ୟରେ ଜାଇଡସର ଟିକା ବ୍ୟବହାରକୁ ଗ୍ରୀନ୍ ସିଗ୍ନାଲ ମିଳିପାରେ।

### କବି ନିରଞ୍ଜନ ସେଠୀଙ୍କ ରଚିତ ଛଅଟି ଗୀତର ଅଡିଓ 'ପୁଣ୍ୟବ୍ରହ୍ମ' ଉନ୍ମୋଚିତ

# 'କବିଙ୍କ ସୃଜନଶୀଳତା ଆଗାମୀ ପିଢ଼ିକୁ ଅନୁପ୍ରାଣିତ କରିବ'

**ଭୁବନେଶ୍ୱର :** ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ଏବଂ ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ, ପୂର୍ବତନ ସାଂସଦ କବି ପ୍ରସନ୍ନ ପାଟଶାଣୀ, ପୂର୍ବତନ ପ୍ରଶାସକ ରବି ନାରାୟଣ ନନ୍ଦ, ଗବେଷକ ବାଗ୍ମୀ ପ୍ରଫେସର ପାର୍ଥ ସାରଥୀ ଅଜୟ ବାରିକଙ୍କ ଦ୍ୱାରା ମିରାମ୍ବିକା ପ୍ରଡକ୍ସନ ତରଫରୁ କବି ନିରଞ୍ଜନ ସେଠୀଙ୍କ ରଚିବ ଜୀବନ, ଯନ୍ତ୍ରଣା ଓ ଶ୍ରୀଜଗନ୍ନାଥଙ୍କ ଉପରେ ଆଧାରିତ ଛଅଟି ଗୀତର ଅଡିଓ 'ପୁଣ୍ୟବ୍ରହ୍ମ' ଏବଂ ସାଇ ସୃତି ପବ୍ଲିକେସନ ତରଫରୁ 'ପ୍ରୀତିନୀଡ' ଓ ଅନ୍ୟ "ନଥିବା ଲୋକର ଛାଇ" ଆଦି ଦୁଇଟି କବିତା ସଂକଳନର ଶୁଭ ଉନ୍ମୋଚନ ହୋଇଯାଇଛି। ଏଥିରେ ମନ୍ତ୍ରୀ ଶ୍ରୀ ଦାସ ଯୋଗଦେଇ ଲୋକସମ୍ପର୍କ ତଥା ପ୍ରଶାସନିକ କ୍ଷେତ୍ରରେ ଦକ୍ଷତା ରଖୁଥିବା କବି ଶ୍ରୀ ସେଠୀଙ୍କ ସାହିତ୍ୟ କ୍ଷେତ୍ରରେ ସୃଜନଶୀଳଦତା ଅନ୍ୟ କବି ତଥା ସାରସ୍ୱତ ସାଧକ ଏବଂ ଆଗାମୀ ପିଢ଼ିକୁ ଅନୁପ୍ରାଣିତ କରିବ ବୋଲି ମତବ୍ୟକ୍ତ କରିଥିଲେ। ଜୀବନ, ଜଞ୍ଜାଳ, ଯନ୍ତ୍ରଣା ଓ ଶ୍ରୀଜଗନ୍ନାଥଙ୍କୁ ନେଇ ପ୍ରସ୍ତୁତ ଅଡିଓ ପୁଣ୍ୟବ୍ରହ୍ମ ଅତ୍ୟନ୍ତ ମର୍ମସ୍ପର୍ଶୀ, ଉଚ୍ଚକୋଟୀର ଶବ୍ଦବିନ୍ୟାସ, ସ୍ୱର ସଂଯୋଜନା, ସର୍ବୋପରି ଜଣାଶୁଣା କଣ୍ଠଶିଳ୍ପୀଙ୍କ କଣ୍ଠଦାନରେ ଅତ୍ୟନ୍ତ ମନମୁଗ୍ଧକର ହୋଇଛି। ଏହା ସଙ୍ଗୀତ ଜଗତକୁ ଏକ ବଳିଷ୍ଠ ଅବଦାନ ବୋଲି ଅନ୍ୟ ଅତିଥିମାନେ ମତବ୍ୟକ୍ତ କରିଥିଲେ। କବି ନିରଞ୍ଜନ ସେଠୀଙ୍କ ଗୀତିକବିତା ସଂକଳନ 'ପ୍ରୀତିନୀଡ' ପ୍ରେମ, ବିରହ, ବିଚ୍ଛେଦ, ପ୍ରତାରଣାର କଥା କହୁଥିବା ବେଳେ ଆଧୁନିକ କବିତା ସଂକଳନ 'ନଥିବା ଲୋକର ଛାଇ' ଭିନ୍ନ ସ୍ୱାଦର କଥା କହେ। ଜୀବନର ପ୍ରତି ପାଦରେ ଦୁଃଖ, ଯନ୍ତ୍ରଣା ଓ ଅମାନବୀୟ ଅବବୋଧରେ ଛଟପଟ ଜୀବନରେ ଅଦୃଶ୍ୟରେ ମଣିଷକୁ କେହି ଜଣେ ବାଟ କଢ଼େଇ ନେଉଥିବା କଥା କବି ଅଙ୍ଗେ ଅଙ୍ଗେ ଅନୁଭବ କରିଥିବା କବିତା ଗୁଡିକର ସାରମର୍ମ। ଅତ୍ୟନ୍ତ ସରଳ ସାବଲୀଳ ଶବ୍ଦ ବିନ୍ୟାସରେ ପରିସ୍ଫୁଟ ଶ୍ରୀ ସେଠୀଙ୍କ ଦ୍ୱାରା ରଚିତ କବିତା ସଂକଳନ ଦୁଇଟି ଓଡ଼ିଆ ବାଣୀ ଭଣ୍ଡାରକୁ ଋଦ୍ଧିମନ୍ତ କରିବ ବୋଲି ଅତିଥିମାନେ ଆଶାବ୍ୟକ୍ତ କରିଥିଲେ। ସାପ୍ତାହିକ ଖବରକାଗଜ 'ଏକମାତ୍ର'ର ସମ୍ପାଦକ ତଥା ବରିଷ୍ଠ କବି ତାରକ ମହାନ୍ତି ଅତିଥି ପରିଚୟ ପ୍ରଦାନ ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଯୋଜକଙ୍କ ସମେତ କଣ୍ଠଶିଳ୍ପୀ, ସଙ୍ଗୀତ ନିର୍ଦ୍ଦେଶକ ଏବଂ ଅନ୍ୟ ସଙ୍ଗୀତ ପ୍ରେମୀ ଓ ସାହିତ୍ୟିକ ଉପସ୍ଥିତ ଥିଲେ।



# ୩୧ ସୁଦ୍ଧା +୨ ରେଜଲ୍ଟ : ମନ୍ତ୍ରୀ



**ଭୁବନେଶ୍ୱର :** ଜୁଲାଇ ୩୧ ତାରିଖ ଭିତରେ ପ୍ରକାଶ ପାଇପାରେ ଯୁକ୍ତ ଦୁଇ ରେଜଲ୍ଟ। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ପୂର୍ବରୁ ଆମେ ଅଗଷ୍ଟ ଦ୍ୱିତୀୟ ସପ୍ତାହ ସୁଦ୍ଧ ଯୁକ୍ତ ଦୁଇର ରେଜଲ୍ଟ ପ୍ରକାଶ ପାଇବ ବୋଲି କହିଥିଲୁ। କିନ୍ତୁ ସୁପ୍ରିମ୍‌କୋର୍ଟ ଜୁଲାଇ ୩୧ ତାରିଖ ଭିତରେ ରେଜଲ୍ଟ ପ୍ରକାଶ କରିବାକୁ କହିଛନ୍ତି। ତେଣୁ ଜୁଲାଇ ୩୧ ତାରିଖ ଭିତରେ ରେଜଲ୍ଟ ପ୍ରକାଶ କରିବାକୁ ଆମେ ଚେଷ୍ଟା କରୁଛୁ। ମନ୍ତ୍ରୀ ଶ୍ରୀ ଦାଶ ଆହୁରି କହିଛନ୍ତି, ମୁଁ ଆଶାବାଦୀ ଯେ ଆମେ ଜୁଲାଇ ୩୧ ଭିତରେ ରେଜଲ୍ଟ ପ୍ରକାଶ କରି ଦେବୁ। ଯଦି କିଛି ସମସ୍ୟା ହେଲା, ତା'ହେଲେ ଦିନେ ଦୁଇ ଦିନ ବିଳମ୍ବ ହୋଇପାରେ। କରୋନା ଯୋଗୁ ଏଥର ମାଟ୍ରିକ୍ ଭଳି ଯୁକ୍ତ ଦୁଇର ମଧ୍ୟ ପରୀକ୍ଷା ହୋଇନାହିଁ। ମାଟ୍ରିକ୍ ଭଳି ବିକଳ୍ପ ବ୍ୟବସ୍ଥା ଯୋଗେ ଯୁକ୍ତ ଦୁଇ ରେଜଲ୍ଟ ପ୍ରକାଶ କରାଯିବ। ସୂଚନାଯୋଗ୍ୟ, ଗତ ମାସରୁ ମାଟ୍ରିକ୍ ରେଜଲ୍ଟ ପ୍ରକାଶ ପାଇ ସାରିଛି। ରେଜଲ୍ଟକୁ ନେଇ ଅନେକ ଛାତ୍ରଛାତ୍ରୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ରେଜଲ୍ଟରେ ଅସନ୍ତୁଷ୍ଟ ଥିବା ଛାତ୍ରଛାତ୍ରୀମାନେ ଅଫ୍‌ଲାଇନ୍‌ରେ ପରୀକ୍ଷା ଦେବା ଲାଗି ବିଜ୍ଞପ୍ତି ବି ପ୍ରକାଶ ପାଇସାରିଛି। ଏଥିପାଇଁ ଜୁଲାଇ ୫ ତାରିଖରୁ ଫର୍ମଫିଲ୍‌ଅପ୍ ଚାଲିଛି, ଯାହା ୧୪ ତାରିଖରେ ଶେଷ ହେବୟ ଏହା ପରେ ଜୁଲାଇ ୩୦ରୁ ଅଗଷ୍ଟ ୫ ତାରିଖ ଯାଏଁ ପରୀକ୍ଷା ହେବ।










Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି